

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୭ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 August 2025

Vol.No. 36 ■ No.207 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଭାରତ ଉପରେ ଆଉ ୨୫% ଟାରିଫ ଲଗାଇଲେ ଡୋନାଲ୍ଡ ଟ୍ରମ୍ପ: ମୋଟ ଶୁଳ୍କ ୫୦%ରେ ପହଞ୍ଚିଲା

ନୂଆଦିଲ୍ଲୀ,୬/୮ : ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ଆଉ ୨୫% ଟାରିଫ ଲଗାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟାରିଫ ବୃଦ୍ଧି ଧମକର ୨୪ ଘଣ୍ଟା ମଧ୍ୟରେ ଟ୍ରମ୍ପ ଏପରି ପଦକ୍ଷେପ ନେଇଛନ୍ତି। ରୁଷ ଠାରୁ ଭାରତ ତେଲ କିଣିବା ଜାରି ରଖିଥିବାରୁ ଟ୍ରମ୍ପ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାକୁ ମିଶାଇ ଏବେ ଭାରତ ଉପରେ ଲାଗୁ ହେଉଥିବା ମୋଟ ଟାରିଫ ବା ଶୁଳ୍କ ପରିମାଣ ୫୦%କୁ ବୃଦ୍ଧି ପାଇଛି। ଜୁନ ୩୦ରେ ଟ୍ରମ୍ପ ଘୋଷଣା କରିଥିବା ଟାରିଫ ଅଗଷ୍ଟ ୭ରୁ ଲାଗୁ ହେବ। ଅର୍ଥାତ ଅଗଷ୍ଟ ୭ରୁ ଭାରତୀୟ ଦ୍ରବ୍ୟ ଗୁଡ଼ିକ ଉପରେ ଆମେରିକା ୨୫% ଟାରିଫ ଲଗାଇବ। ଆଜି ଲାଗୁ ହୋଇଥିବା ଅତିରିକ୍ତ ୨୫% ଟାରିଫ ୨୧ ଦିନ ପରେ ଅର୍ଥାତ ଅଗଷ୍ଟ ୨୭ରୁ ଲାଗୁ ହେବ।




ମୋଟ ଉପରେ ଅଗଷ୍ଟ ୨୭ରୁ ଭାରତରୁ ରପ୍ତାନୀ ହେଉଥିବା ଜିନିଷ ଉପରେ ୫୦% ଟାରିଫ ଲାଗୁ ହେବ। ଏ ସଂକ୍ରାନ୍ତ ନିର୍ଦ୍ଦେଶନାମାରେ ଦସ୍ତଖତ କରି ବୁଧବାର ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ୨୫% ଟାରିଫ ଲାଗୁ କରିଛନ୍ତି। ଟ୍ରମ୍ପ ଗୋଟିଏ ୯ ସୂତ୍ରୀ ଦସ୍ତାବିଜରେ ବୁଧବାର ଦସ୍ତଖତ କରିଛନ୍ତି। ଏଥିରେ ଟାରିଫ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସ୍ଥା ରହିଛି। ରୁଷ ଠାରୁ ସାମଗ୍ରୀ ନ ଆଣିବା ପାଇଁ ଆମେରିକାରେ ଏକାଧିକ ନିୟମ ରହିଥିବା ମଧ ଟ୍ରମ୍ପ ଦସ୍ତଖତ କରିଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କାର୍ଯ୍ୟକାରୀ ଆଦେଶ ୧୪୦୬୬ରେ ଜାତୀୟ ଏମର୍ଜେନ୍ସିର ମୁକାବିଲା କରିବା ପାଇଁ ଏହା ନିର୍ଦ୍ଧାରିତ କରାଯାଉଛି ଯେ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାର ଆବଶ୍ୟକତା ରହିଛି। କାରଣ ଭାରତ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷରେ ରୁଷ ଠାରୁ ତେଲ ଆଣିବାରେ ଲାଗିଛି। ଏହାପୂର୍ବରୁ ଅର୍ଥାତ ଅଗଷ୍ଟ ୧ରୁ ଭାରତ ଉପରେ ଆମେରିକା ୨୫% ଟାରିଫ ଲଗାଇବା ଆରମ୍ଭ କରିଥିଲା। ଏବେ ଆଉ ୨୫% ଟାରିଫ ଲାଗୁ ହୋଇଛି।

## ଜଳିଗଲେ ଆଉ ଜଣେ ଛାତ୍ରୀ, ପୁଲିସ ବିରୋଧରେ ସାଂଘାତିକ ଅଭିଯୋଗ

କେନ୍ଦ୍ରାପଡ଼ା, ୦୬/୮ (ନି.ପ୍ର): କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ଆସିଛି ଏମିତି ଏକ ଛାତି ଥରାଇ ଦେବା ଭଳି ଖବର । କିରୋସିନି ଢାଳି ହୋଇ ଜଳିଯାଇଛନ୍ତି ଜଣେ ଛାତ୍ରୀ। ପରିବାର ଲୋକ ଦେଖିବା ପୂର୍ବରୁ ପୋଡ଼ି ହୋଇ ଆଖି ବୁଜି ଦେଇଛନ୍ତି ଯୁକ୍ତ ତିନିର ଛାତ୍ରୀ । ଏହି ଦୁଃଖଦ ଖବର ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଛି । ପରିବାର ଲୋକଙ୍କ କହିବା ଅନୁସାରେ, ଭିତରକୁ ଯାଇ ଦେଖିବା ବେଳକୁ ସବୁ କିଛି ସରି ଯାଇଥିଲା । ଛାତ୍ରୀ ଜଣଙ୍କ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଯାଇଥିଲେ । ଝିଅ ମୃତ୍ୟୁ ପରେ ବାପା ଆଣିଛନ୍ତି ସାଂଘାତିକ ଅଭିଯୋଗ । ଝିଅଟି ଅସହାୟ ହୋଇ ଜୀବନ ହାରି ଦେଇଛି ବୋଲି କହିଛନ୍ତି । ଅଭିଯୋଗ ଅନୁସାରେ, ଛାତ୍ରୀ ଜଣଙ୍କୁ ଜଣେ ଯୁବକ କିଛି ମାସ ହେଲା ବ୍ଲାକମେଲ୍ କରୁଥିଲା । ମୋବାଇଲରେ ଅଶ୍ଳୀଳ ଭିଡିଓ ଓ ମେସେଜ ପଠାଇ ହଇରାଣ କରୁଥିଲା । ଏନେଇ ଛଅ ମାସ ତଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ ପରିବାର। କିନ୍ତୁ ଏଏସ୍‌ଆଇ ପଲେଇ ବାବୁ ମାମଲା ରୁଜୁ କରିବା ପରିବର୍ତ୍ତେ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ସେଟେଲମେଣ୍ଟ ଅଫିସର

କେନ୍ଦୁଝର, ୦୬/୮ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ସେଟେଲମେଣ୍ଟ ଅଫିସରଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ରେକର୍ଡ କିପର (ଏଆରକେ) ହାଡ଼ିବନ୍ଧୁ ବେହେରା। ଜଣେ ଗରିବ ଚାଷୀ ତାଙ୍କର ଏକ ବିବାଦୀୟ ପୈତୃକ ଜମିର ଖତିଆନ ସହିତ ଜଡ଼ିତ କାଗଜପତ୍ର ଓ ଅମୀନଙ୍କ ରିପୋର୍ଟ ପାଇବା ପାଇଁ ଗତ ମାସ ୪ ତାରିଖରେ ଆବେଦନ କରିଥିଲେ। ତେବେ ଏହି କାଗଜପତ୍ର ଯୋଗାଇ ଦେବା ପାଇଁ ଆସିଷ୍ଟାଣ୍ଟ ରେକର୍ଡ କିପର ହାଡ଼ିବନ୍ଧୁ ବେହେରା ତାଙ୍କୁ ୩୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ନହେଲେ ସେ କିଛି କାଗଜପତ୍ର ▶▶ପୃଷ୍ଠା ୭

## ଥାନାରେ ଥାର୍ଡ ଡିଗ୍ରୀ: ପୋଲିସ କଷ୍ଟଡିରେ ସୀମା ଟପିଲା ବର୍ବରତା

ଭୁବନେଶ୍ୱର, ୦୬/୮ (ନି.ପ୍ର): ଥାନାରେ ଥାର୍ଡ ଡିଗ୍ରୀ ! ପୋଲିସ କଷ୍ଟଡିରେ ସୀମା ଟପିଲା ବର୍ବରତା। ଜୋର ଜବରଦସ୍ତ ଦୋଷ ମାନିବାକୁ ବାଧ କଲେ। କଥା ନଶୁଣିବାରୁ ଥାନା ହାଜତରେ ଉଲଗ୍ନ କଲେ। ଅତ୍ୟାଚାର ଅସହ୍ୟ ହେବାରୁ ଥାନା ଭିତରେ ବିଷ ପିଇଦେଲେ ଯୁବକ। ଯାଜପୁର ବାଲିଚନ୍ଦ୍ରପୁର ପୋଲିସ ବିରୋଧରେ ଆସିଛି ଏମିତି ସାଂଘାତିକ ଅଭିଯୋଗ । ଗୁରୁତର ଅବସ୍ଥାରେ କଟକ ଏସସିବି ମେଡିକାଲ ବେଡରେ ଚିକିତ୍ସିତ ହେଉଛନ୍ତି ▶▶ପୃଷ୍ଠା ୭

## ଶୃଙ୍ଖଳିତ ହେବ ଶ୍ରୀମନ୍ଦିର ଆନନ୍ଦବଜାର: ଲାଗିବ ମହାପ୍ରସାଦ ଦର ତାଲିକା

ଭୁବନେଶ୍ୱର, ୦୬/୮ (ନି.ପ୍ର): ଭକ୍ତଙ୍କୁ ସୁବିଧାରେ ଏବଂ ସୁଲଭ ଦରରେ ମହାପ୍ରସାଦ ଯୋଗାଇବାକୁ ଖୁବ୍‌ଶୀଘ୍ର ଆନନ୍ଦବଜାରରେ ଏଭଳି ସଂସ୍କାର ଆଣିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ସୁଆର ମହାସୁଆ ନିଯୋଗ ସହ ବୈଠକ ପରେ ଏଇ ସୂଚନା ଦେଇଚନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ନିଷ୍ପତ୍ତି ମୁତାବକ ଏଣିକି ମହାପ୍ରସାଦ ନିକଟରେ ଖଜା ଓ ଅନ୍ୟ ଶୁଖିଲି ଭୋଗ ବିକ୍ରି ନହୋଇ ଏଥିପାଇଁ ପୃଥକ ସ୍ଥାନ



ସ୍ଥିରୀକୃତ ହେବା ସହ ମହାପ୍ରସାଦ ସେବନ ପାଇଁ ମଧ ନିର୍ଦ୍ଦିଷ୍ଟ ସ୍ଥାନ ରହିବ। ମହାପ୍ରସାଦ କିଣିବା ବେଳେ ଭକ୍ତ ଯେଭଳି ଠକାମୀର ଶିକାର ହେବେ ନାହିଁ ସେଥିପାଇଁ ଖୁବ୍ ଶୀଘ୍ର ▶▶ପୃଷ୍ଠା ୭

## ମୋହନ-ମନମୋହନଙ୍କ ଦିଲ୍ଲୀ ଗସ୍ତ ପରେ ବଢ଼ିଲା ଚର୍ଚ୍ଚା: ଦଳର ନୂଆ ରାଜ୍ୟ କମିଟି ଉପରେ ଲାଗିପାରେ ମୋହର

ଭୁବନେଶ୍ୱର, ୦୫/୮ (ନି.ପ୍ର): ପୂରଣ ହେଲା ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ ପଦ। ଖୁବ ଶୀଘ୍ର ବୋର୍ଡ ଓ ନିଗମ ନିଯୁକ୍ତି ନେଇ ବଢ଼ିଲା ଆଶାୟୀଙ୍କ ଆଶା । ଗତକାଲିଠୁ ଦିଲ୍ଲୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସାଙ୍ଗରେ ଯାଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ବି ଦିଲ୍ଲୀରେ । କୁହାଯାଉଛି ବିଜେପି ରାଜ୍ୟ କମିଟି ଏବଂ ବୋର୍ଡ-ନିଗମ ନିଯୁକ୍ତିକୁ ନେଇ ଜାତୀୟ




ରାଜଧାନୀରେ ଚାଲିଛି ଅଙ୍କ କଷା। ଦଳର ନୂଆ ରାଜ୍ୟ କମିଟି ଉପରେ ଲାଗିପାରେ କେନ୍ଦ୍ର ନେତୃତ୍ୱଙ୍କ ମୋହର। କମିଟିରେ କିଏ କିଏ ସ୍ଥାନ ପାଇବେ ? ଯେଉଁମାନେ ବାଦ୍ ପଡିବେ ? ▶▶ପୃଷ୍ଠା ୭

## ଚଳିତମାସ ଶେଷରେ ଚୀନ ଯିବେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୬/୮ : ଏହି ମାସ ଶେଷ ବେଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ ଗସ୍ତ କରିବେ । ଏହାସହ ଜାପାନ ମଧ ଯିବେ, ଦ୍ୱିପାକ୍ଷୀକ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ଗସ୍ତ କରୁଥିବା ବେଳେ ସାଂଘାଇ ସହଯୋଗ ସଂଗଠନର ବୈଠକରେ ଯୋଗ ଦେବାକୁ ଚୀନ ଗସ୍ତ କରିବେ । ଗଲବାନ ଘାଟିରେ ଦୁଇଦେଶ ମଧ୍ୟରେ ହୋଇଥିବା ସଂଘର୍ଷ ପରେ ପ୍ରଥମଥର ପାଇଁ ଚୀନ ଗସ୍ତ କରୁଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦୀ ଅଗଷ୍ଟ ୩୦ ତାରିଖରେ ଜାପାନରେ ପହଂଚିବେ । ସେଠାରେ ସେ ଜାପାନ ପ୍ରଧାନମନ୍ତ୍ରୀ ଫୁମିୟୋ କିଶିଦାଙ୍କ ସହ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଭାଗ ନେବେ । ଏହି ବୈଠକ ଦୁଇଦେଶ ମଧ୍ୟରେ ରଣନୈତିକ, ଆର୍ଥିକ ଓ ଟେକନିକ୍ ଭାଗିଦାରୀକୁ ନେଇ ଆଲୋଚନା ହେବ । ଏହାସହ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍



ଟ୍ରେନ୍ ପରିଯୋଜନାରେ ନୂଆ ଟେକନିକ୍ ସାମିଲ କରିବା ନେଇ ଚର୍ଚ୍ଚା ହୋଇପାରେ। ପ୍ରତିରକ୍ଷା ସହଯୋଗ, ସାମୁଦ୍ରିକ ସୁରକ୍ଷା, ଭିତ୍ତିଭୂମି ନେଇ ମଧ ଆଲୋଚନା ହୋଇପାରେ । ସେପଟେ ୨୦୧୯ ପରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଚୀନ ଗସ୍ତ କରୁଛନ୍ତି । ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ପହିଲା ମଧ୍ୟରେ ଚୀନର ତିୟାନଜିନ୍ ସହରରେ ଆୟୋଜିତ ହେବାକୁ ଥିବା ସଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଭାଗ ନେବେ । ଏହି ବୈଠକରେ ପଡ଼ୋଶୀ ଦେଶମାନଙ୍କ ସହ କ୍ଷେତ୍ରୀୟ ସୁରକ୍ଷା, ଆତଙ୍କବାଦ ଓ ବ୍ୟବସାୟ ପ୍ରସଙ୍ଗରେ ଆଲୋଚନା ହେବ । ଏହାସହ ଭାରତ ଓ ଚୀନ ମଧ୍ୟରେ ବିଗୁଡୁଥିବା ସଂପର୍କରେ ସୁଧାର ଆଣିବାକୁ ପ୍ରଧାନମନ୍ତ୍ରୀ ଚେଷ୍ଟା କରିବେ । ଏହି ସମ୍ମିଳନୀ କ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଋଷର ରାଷ୍ଟ୍ରପତି ଓ ଚୀନ ରାଷ୍ଟ୍ରପତିଙ୍କ ଅନୌପଚାରିକ ଭାବେ ▶▶ପୃଷ୍ଠା ୭

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଖୋଲୁଛି ଖିଅ: କ୍ରାଇମବ୍ରାଞ୍ଚ ସ୍କାନରରେ ବୋର୍ଡ ସଭାପତି

ଭୁବନେଶ୍ୱର, ୦୬/୮ (ନି.ପ୍ର): ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବୋର୍ଡ ଉପ-ସଭାପତି ନୀହାର ମହାନ୍ତିଙ୍କୁ ଗିରଫ କରି ଚୁପ୍ ବସିନି କ୍ରାଇମବ୍ରାଞ୍ଚ । ବୋର୍ଡ କାର୍ଯ୍ୟାଳୟକୁ କ୍ରାଇମବ୍ରାଞ୍ଚ ଟିମ୍ ବାରମ୍ବାର ଆସିବା ସଂକେତ ଦେଉଛି ଏବେ ବି ସରିନି ତଦନ୍ତ । ଆଉ କିଛି ବଡ଼ ମାଛଙ୍କୁ ଧରିବାକୁ ଖୋଳତାଡ଼କୁ ଜୋରଦାର କରିଛି କ୍ରାଇମବ୍ରାଞ୍ଚ । ସ୍କାନରରେ ଅଛି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସନ୍ଦେହଜନକ ଭୂମିକା । ଶ୍ରୀକାନ୍ତଙ୍କ ଆଶିର୍ବାଦରେ ନୀହାର ଅଖଣ୍ଡ କ୍ଷମତା ହାତେଇଥିବାର ଅଭିଯୋଗ ହେଉଛି । ସାଧାରଣତଃ ସମ୍ପାଦକ ନଚେତ୍ ପରୀକ୍ଷା ନିୟନ୍ତ୍ରକ ପରୀକ୍ଷା ପରିଚାଳନା କରିଥା'ନ୍ତି । କିନ୍ତୁ



ବୋର୍ଡ ଉପ-ସଭାପତି ନୀହାରଙ୍କୁ କାହିଁକି ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଗଲା ? ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ । କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗରୁ ଛାନଭିନ୍ କରୁଛି । ଏହାସହ ଗିରଫ ନୀହାର ଓ ଜିତନଙ୍କ ଆର୍ଥିକ ସାମ୍ରାଜ୍ୟର ଖୋଳତାଡ଼ ମଧ ଆରମ୍ଭ କରିଛି । ଆକାଉଣ୍ଟକୁ ▶▶ପୃଷ୍ଠା ୭

## ୧୪୦ଗ୍ରାମ ହେରୋଇନ ଜବତ: ଜଣେ ଗିରଫ

ନୀଳଗିରି, ୦୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରିରେ ବଢି ଚାଲିଛି ଦିନକୁଦିନ ମାଦକଦ୍ରବ୍ୟ କାରବାର। ଏହି ନିଶାରେ ବଶବର୍ତ୍ତୀ ହୋଇ ବିପଥଗାମୀ ହେଉଛି ଯୁବସମାଜ। ନୀଳଗିରି ମାଦକଦ୍ରବ୍ୟର ହବ ପାଲଟିବାକୁ ଯାଉଥିବା ବେଳେ ଗତକାଲି ନୀଳଗିରି ଅବକାରୀବିଭାଗ ଜଣେ ବ୍ରାଉନସୁଗର ▶▶ପୃଷ୍ଠା ୭

## ବଢିବ ସେନାର ଶକ୍ତି : ୬୭ହଜାର କୋଟି ଟଙ୍କାର ରକ୍ଷା ଚୁକ୍ତିକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୦୬/୮ (ନି.ପ୍ର): ଅପରେସନ ସିନ୍ଦୁରରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର କ୍ଷମତା ପ୍ରଦର୍ଶନ ପରେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ନୌସେନା ପାଇଁ ଅତିରିକ୍ତ ବ୍ରହ୍ମୋସ୍ ଅଗ୍ନି ନିୟନ୍ତ୍ରଣ ପ୍ରଣାଳୀ ଏବଂ ଲଞ୍ଚର କ୍ରୟକୁ ଅନୁମୋଦନ କରିଛି। ଏହା ସହିତ, ନୌସେନା ସମେତ ସ୍ଥଳସେନା ଏବଂ ବାୟୁସେନା ପାଇଁ ୟୁଏଭି କିଣିବାକୁ ସବୁଜ ସଙ୍କେତ ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ମଙ୍ଗଳବାର ସେନା ପାଇଁ ମୋଟ



୬୭ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଏବଂ ସାମରିକ ଉପକରଣ କ୍ରୟକୁ ଅନୁମୋଦନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜନାଥ ସିଂହଙ୍କ ବ୍ୟତୀତ, ସ୍ଥଳସେନା, ବାୟୁସେନା ଏବଂ ନୌସେନାର ମୁଖ୍ୟଙ୍କ ସମେତ ସିଡିଏସ ଏବଂ ପ୍ରତିରକ୍ଷା ସଚିବ ବୈଠକରେ ଅଂଶଗ୍ରହଣ କରିଥିଲେ। ▶▶ପୃଷ୍ଠା ୭

# ସମ୍ବଲପୁରୀ ହସ୍ତତନ୍ତକୁ ବିଶ୍ୱସ୍ତରରେ ପହଂଚାଇବାରେ ଆଇଆଇଏମ ସମ୍ବଲପୁରର ସ୍ୱତନ୍ତ୍ର ଉଦ୍ୟମ

ସମ୍ବଲପୁର, ୬/୦୮ (ନି.ପ୍ର): ଆଧୁନିକ ବ୍ୟବସାୟୀକ ଉପକରଣ ସହିତ ପାରମ୍ପରିକ କାରିଗର ମାନଙ୍କୁ ସଶକ୍ତ କରିବାର ପରିବର୍ତ୍ତନରେ ଆଇଆଇଏମ ସମ୍ବଲପୁର ସ୍ୱତନ୍ତ୍ର ପରିଚୟ ରହିଆସିଛି। ରାଜ୍ୟର ଅଗ୍ରଣୀ ମ୍ୟାନେଜମେଂଟ ଅନୁଷ୍ଠାନ ଆଇଆଇଏମ ସମ୍ବଲପୁର ପକ୍ଷରୁ ସେଂଟର ଫର ରେସପନ୍ସିବଲ୍ ବିଜିନେସ୍ ତତ୍ତ୍ୱାବଧାନରେ ପଶ୍ଚିମ ଓଡ଼ିଶାର ମାଷ୍ଟର ବୁଣାକରମାନଙ୍କ ପାଇଁ ତିନି ସପ୍ତାହ ବ୍ୟାପୀ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ତୃତୀୟ ପର୍ଯ୍ୟାୟ ଶେଷ କରିଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ହସ୍ତତନ୍ତକୁ ବିଶ୍ୱସ୍ତରରେ ପହଂଚାଇବାରେ ଆଇଆଇଏମ ସମ୍ବଲପୁରର ସ୍ୱତନ୍ତ୍ର ଉଦ୍ୟମ ଚୟନ କରାଯାଇଥିବା ୨୫ ଜଣ ବୁଣାକାର ସେମାନଙ୍କର ବ୍ୟବସାୟୀକ ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକୀୟ କୌଶଳ ପ୍ରଶିକ୍ଷଣ କରିଥିଲେ। ଆଇଆଇଏମ ସମ୍ବଲପୁର ନିଜର ଅଂଚଳ ବିକାଶର ମୂଲ୍ୟବୋଧକୁ ଅନୁସରଣ କରି 'ଆତ୍ମନିର୍ଭର ଭାରତ' ଏବଂ 'ଭୋକାଲ୍ ଫର ଲୋକାଲ୍' ଭଳି ଜାତୀୟ ଉଦ୍ୟମ ପାଇଁ ନିରନ୍ତର କାର୍ଯ୍ୟ କରୁଛି। ସ୍ୱଦେଶୀ କାରିଗରୀ ଏବଂ ଆଧୁନିକ ବ୍ୟବସାୟିକ ପରିବେଶ ମଧ୍ୟରେ ଥିବା ଅନ୍ତରକୁ ପୂରଣ କରିବାରେ ଆଇଆଇଏମ ସମ୍ବଲପୁର ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି ତିନି ସପ୍ତାହର ଆବାସିକ କାର୍ଯ୍ୟକ୍ରମ ପଶ୍ଚିମ ଓଡ଼ିଶାର ମାଷ୍ଟର ବୁଣାକାରମାନଙ୍କୁ ସଶକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯାହା ଅନୁଷ୍ଠାନର ଅନ୍ତର୍ଭୁକ୍ତୀକରଣ ବିକାଶ, ଗ୍ରାମୀଣ ଉଦ୍ୟମିତା ଏବଂ ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଆଇଆଇଏମ ସମ୍ବଲପୁରର ଶିକ୍ଷକ ଏବଂ ବାହ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ ଅଧିବେଶନରେ ମାର୍କେଟିଂ, ମୂଲ୍ୟ ନିର୍ଦ୍ଧାରଣ, ଗ୍ରାହକ ସଂପର୍କ, ଡିଜିଟାଲ୍ ବ୍ରାଣ୍ଡିଂ, ସ୍ଥାୟୀ ପ୍ୟାକେଜିଂ, ଜିଏସଟି ଏବଂ ହିସାବ ରଖିବା, ସହକାରୀ ସମିତି ଏବଂ ବ୍ୟବସାୟ ସ୍ୱୟଂଚାଳିତ ଭଳି ବ୍ୟବହାରିକ ବିଷୟ ସାମିଲ ଥିଲା। ଏହି କାର୍ଯ୍ୟକ୍ରମରେ ଡିଜିଟାଇଜେସନ୍ ଏବଂ ଅନଲାଇନ୍ ବିକ୍ରୟ ପାଇଁ ପ୍ରସ୍ତୁତି ଉପରେ ମଧ ଆଲୋଚନା ହୋଇଥିଲା। ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ଭାରତୀୟ ବିଜନେସ୍ ସ୍କୁଲ୍ କେବଳ ଉଚ୍ଚ ଶ୍ରେଣୀର ଶିକ୍ଷା ପାଇଁ ସୀମିତ ନହୋଇ ମୂଳ ସ୍ତରର ବ୍ୟବସାୟ ଉପରେ ଧ୍ୟାନ ଦେବା ଉଚିତ୍। ଆଇଆଇଏମ ସମ୍ବଲପୁରର ଏହି ବିଶେଷ ପଦକ୍ଷେପ ବୁଣାକାରମାନଙ୍କ ଜୀବିକାରେ ବିଶାଳ ପରିବର୍ତ୍ତନ ଆଣିଛି ଏବଂ ସେମାନଙ୍କୁ 'ଆତ୍ମନିର୍ଭର' କରିଛି। ଏହି ପଦକ୍ଷେପ ପଶ୍ଚିମ ଓଡ଼ିଶାର ମାଷ୍ଟର ବୁଣାକାରମାନଙ୍କ ପାରମ୍ପାରିକ ଦକ୍ଷତା ପ୍ରତି ଆମର ଗଭୀର ସମ୍ମାନକୁ ପ୍ରତିଫଳିତ କରୁଛି। ସମ୍ବଲପୁରୀ ହସ୍ତତନ୍ତ କେବଳ ଏକ କପଡ଼ା ନୁହେଁ, ଏହା ଏକ ପରିଚୟ ଓ ମର୍ଯ୍ୟାଦା ଏବଂ ଏହା ଆନ୍ତର୍ଜାତିକ ସ୍ତରରେ ପ୍ରତିଫଳିତ ହେବା ଉଚିତ୍। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ସେମାନଙ୍କର ବ୍ୟବସାୟିକ ଦକ୍ଷତା ଗଠନ କରିବାକୁ ଲକ୍ଷ୍ୟ ରଖିଛୁ। ଆମେ ସେମାନଙ୍କ ବ୍ୟବସାୟକୁ ବିଶ୍ୱ ସ୍ତରକୁ ନେବା ପାଇଁ ନିରନ୍ତର ପରିଶ୍ରମ କରୁଛୁ।"

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଟିପିଡବ୍ଲ୍ୟୁଓଡିଏଲ୍ ର ସିଏସଆର ମୁଖ୍ୟ ଶ୍ରୀମତୀ ଅରୁଣା ମାରାଣ୍ଡି କହିଛନ୍ତି ଯେ, "ଆଇଆଇଏମ ସମ୍ବଲପୁରର ଏହା ଏକ ଅତ୍ୟନ୍ତ ଉତ୍କୃଷ୍ଟ ପଦକ୍ଷେପ, କାରଣ ଦେଶର ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ ଛୋଟ ବ୍ୟବସାୟୀଙ୍କ ପାଇଁ ଏଭଳି ଚିନ୍ତାଶୀଳ ପଦକ୍ଷେପ ନେଇ ନାହାଁନ୍ତି। ଏହି କାର୍ଯ୍ୟକ୍ରମ 'ଆତ୍ମନିର୍ଭର ଭାରତ'ର ଦୃଷ୍ଟିକୁ ପ୍ରତିଫଳିତ କରୁଛି। ଉଦଯାପନୀ ସ ମ । ରୋ । ହ ରେ ଟିପିଡବ୍ଲ୍ୟୁଓଡିଏଲ୍‌ର ସିଏସଆର ମୁଖ୍ୟ ଅରୁଣା ମାରାଣ୍ଡି, ଓଡ଼ିଶା ଲାଇଭଲିହୁଡ୍ ମିସନ୍, ସମ୍ବଲପୁରର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର, ଓରମାସ୍, ସମ୍ବଲପୁରର ସଂଯୁକ୍ତ ସିଇଓ ଶ୍ରୀମନ୍ତ ହୋତା, ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏବଂ ପ୍ରଫେସର ସୁମିତା ସିନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରମାଣପତ୍ର ବିତରଣ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପ୍ରଫେସର ସୁମିତା ସିନ୍ଧୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ପି. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଇଲେରିଆ ରୋଗ ନିୟନ୍ତ୍ରଣ ପାଇଁ କର୍ମଶାଳା ଓ ସଚେତନତା ଶିବିର

ସୁବର୍ଣ୍ଣପୁର, ୬/୦୮ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତାଲିମ ଗୃହ ଠାରେ ଫାଇଲେରିଆ ରୋଗ ନିୟନ୍ତ୍ରଣ ପାଇଁ ଏକ କର୍ମଶାଳା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟା ସମୟରେ ଜିଲ୍ଲା ତଥା ୪ଟି ବ୍ଲକ ର ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ ର ସଭାପତି ଓ ସମ୍ପାଦକ ମାନଙ୍କୁ ନେଇ ଆଗାମୀ ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତଫାଇଲେରିଆ ରୋଗ ନିୟନ୍ତ୍ରଣ ପାଇଁ ହେବାକୁ ଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ ଏକ କର୍ମଶାଳା ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ୪ ଟି ବ୍ଲକ ରେ ଏହି ରୋଗ ର ପ୍ରଭାବ ଅଧିକ ରହୁଥିବାରୁ ସର୍ବମୋଟ ୧୬୧୫ ଟି ଡ୍ରଗ୍ସ ପ୍ରଭାଇଡ଼ର ମାନଙ୍କୁ ଓ ତାଙ୍କୁ ସୁପରଭାଇଜ କରିବା ପାଇଁ ୧୭୭ ଜଣ ସୁପରଭାଇଜରଙ୍କୁ ତାଲିମ ପ୍ରଦାନ କରାଯାଇଛି ଓ ଶତପ୍ରତିଶତ ସଫଳ କିପରି ହେବ ସେଥିପାଇଁ ଜିଲ୍ଲା ର ସମସ୍ତ କଲେଜ ର ଅଧକ୍ଷ ମାନଙ୍କୁ ନେଇ ମଧ ପୂର୍ବରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଏମ ଡି ଏ ପ୍ରୋଗ୍ରାମ ରେ ଯେପରି ସମସ୍ତେ ଠିକ ଭାବରେ ଔଷଧ ଖାଇବେ ସେ ଉପରେ ସମସ୍ତେ ଲୋକମାନଙ୍କୁ ବୁଝାଇ ବାକୁ ପରାମର୍ଶ ଦିଯାଇଥିଲ। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁର୍ଗାଦତ୍ତ ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ବି ଡି ଡା. ତ୍ରିବିକ୍ରମ ପାଣ୍ଡିଆ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଭି ବି ଡି କଂସଲଟାଣ୍ଟ ସୁନୀଲ ମହନ୍ତ, ସ୍ୱାସ୍ଥ୍ୟପରିଦର୍ଶକ ପ୍ରମୋଦ କୁମାର ସାହୁ ଜିଲ୍ଲା କୋଡିନେଟର ଫାଇଲେରିଆ ଜବକିନ୍ସନ ପ୍ରଧାନ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଚେତନତା ବାର୍ତ୍ତା ମାଧ୍ୟମରେ ସମସ୍ତ ଲୋକମାନଙ୍କୁ ଏହି ସମୂହ ଔଷଧ ସେବନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶତପ୍ରତିଶତ ସଫଳ ଯେପରି ହେବ ସେ ଉପରେ ଯତ୍ନବାନ ହେବାକୁ ବୁଝାଯାଇଥିଲା।

## ଫାସରେ ଫସିଥିବା ମା' ଓ ଛୁଆ ଭାଲୁ ଉଦ୍ଧାର

ମାଲକାନଗିରି, ୬/୦୮ (ନି.ପ୍ର): ମାଲକାନଗିରି ବନଖଣ୍ଡର ମାଥିଲି ବନାଚଂଳ ଅଧୀନ ବୁରୁଡିଗୁଡା ଆର ଏଲ ରେ ନିୟମିତ ପାଦ ପାଟ୍ରୋଲିଂ ସମୟରେ, କ୍ଷେତ୍ର କର୍ମଚାରୀମାନେ ଦୁଇଟି ଭାଲୁ - ଗୋଟିଏ ମା ଏବଂ ତାଙ୍କ ଛୁଆ - ଏକ ଫାଶରେ ଫସି ରହିଥିବା ଦେଖିଥିଲେ। ଯାହା ବେଆଇନ ପଶୁଙ୍କୁ ଧରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ରଖାଯାଇଥିଲା। ଏହି ସୂଚନା ପାଇବା ପରେ, ମାଥିଲି ରେଞ୍ଜ କ୍ଷେତ୍ର କର୍ମଚାରୀମାନେ, ରାପିଡ୍ ରେସପନ୍ସ ଟିମ୍ ସହିତ, ତୁରନ୍ତ ଏକ ସୁରକ୍ଷିତ ଉଦ୍ଧାର କାର୍ଯ୍ୟ କରିବା ପାଇଁ ସେଠାରେ ପହଂଚି ଥିଲେ। ଉଦ୍ଧାର କାର୍ଯ୍ୟ ସମୟରେ, ମା ଏବଂ ଛୁଆ ଉଭୟଙ୍କୁ ଫାଶରୁ ମୁକ୍ତ କରିବାରେ ସଫଳ ହୋଇଥିଲେ ଏବଂ ଉଦ୍ଧାର ପରେ ମା ଏବଂ ଛୁଆ ଭାଲୁ ନିକଟସ୍ଥ ଜଙ୍ଗଲକୁ ସୁରକ୍ଷିତ ଭାବରେ ପଳାଇ ଯାଇଥିଲେ।

ଘଟଣା ପରେ, ପ୍ରାଣୀଙ୍କ ଗତିବିଧି ଉପରେ ନିରନ୍ତର ନଜର ରଖିବା ପାଇଁ ବନ କର୍ମଚାରୀଙ୍କୁ ଘଟଣାସ୍ଥଳରେ ନିୟୋଜିତ କରାଯାଇଛି। ଏହା ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆଖପାଖ ଅଂଚଳରେ କୌଣସି ସମ୍ଭାବ୍ୟ ମାନବ-ପଶୁ ପାରସ୍ପରିକ କ୍ରିୟାକୁ ରୋକିବା ପାଇଁ କରାଯାଉଥିବା ଏସିଏଫ ପ୍ରିୟଙ୍କା ମହୁଆ ପ୍ରକାଶ କରିଛନ୍ତି।

# ନୂତନ ଜିଲ୍ଲାପାଳଙ୍କୁ ସୁବର୍ଣ୍ଣପୁର ଭଏସ ଅଫ ମିଡ଼ିଆ ସାମ୍ବାଦିକ ସଂଘ, ସୁବର୍ଣ୍ଣପୁର ୟୁନିଟ୍ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୬/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ୟୁନିଟ ଭଏସ ଅଫ ମିଡ଼ିଆ ସାମ୍ବାଦିକ ସଂଘ ତରଫରୁ ନୂତନ ଜିଲ୍ଲାପାଳ ଭାବରେ ଯୋଗଦାନ କରିଥିବା ନୃପରାଜ ସାହୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଗତକାଲି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳଙ୍କୁ ଭେଟି ସୋନପୁର ଆହାର କେନ୍ଦ୍ରର ପାଣି ସମସ୍ୟା, ସହରର ଟ୍ରାଫିକ ସମସ୍ୟା, ନୂତନ ବସଷ୍ଟାଣ୍ଡ ନିର୍ମାଣ, ରିଙ୍ଗ ରୋଡ ଅସମ୍ପୂର୍ଣ୍ଣ, ଦୀର୍ଘ ଦିନ ପୌର ପ୍ରଶାସନ ତରଫରୁ ମଶା ମାରିବା ଗ୍ୟାସ ଦିଆଯାଇ ନ ଥିବା, ବିଭିନ୍ନ ଡ୍ରେନ ସମସ୍ୟା ବିଷୟରେ ନୂତନ ଜିଲ୍ଲାପାଳଙ୍କୁ ଅବଗତ କରାଯାଇ ଥିଲା। ଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଏକ ୬ ଦଫା ଦାବି ସମ୍ମିଳିତ ସାମ୍ବାଦିକଙ୍କ ସମସ୍ୟା ସମ୍ମିଳିତ ଦାବୀପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ ରେ ରାଜ୍ୟ ରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ସାମ୍ବାଦିକଙ୍କୁ ପେନସନ ବ୍ୟବସ୍ଥା, ଅଧିସ୍ୱୀକୃତ କମିଟି ପୁନଃ ଗଠନ, ସାମ୍ବାଦିକ ପରିବାର ଙ୍କୁ ମଧ ସ୍ୱାସ୍ଥ୍ୟବୀମା ଯୋଗାଇଦେବା, ମିଡ଼ିଆ ଏକାଡେମୀ ଗଠନ,୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ଙ୍କୁ ଲୋକସଭା ଭବନ କୁ ପ୍ରବେଶ ପତ୍ର ପ୍ରଦାନ ପରି ସାମ୍ବାଦିକ ଙ୍କ ହିତ ସକାଶେ ଏକ ଚିଠି ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରେରଣ କରାଯାଇଛି।ଆଜି ସୁବର୍ଣ୍ଣପୁର ଜିଲ୍ଲା ୟୁନିଟ ଭଏସ ଅଫ ମିଡ଼ିଆ ସାମ୍ବାଦିକ ସଂଘ ତରଫରୁ ନୂତନ ଜିଲ୍ଲାପାଳ ଭାବରେ ଯୋଗଦାନ କରିଥିବା ଶ୍ରୀ ନୃପରାଜ ସାହୁଙ୍କୁ ସୌଜନ୍ୟ ସାକ୍ଷାତ କାର ସହ ଭବ୍ୟ ସ୍ୱାଗତ ସ୍ୱମର୍ଦ୍ଧନା ଦିଆ ଯାଇଥିଲା। ଜିଲ୍ଲାପାଳ ଙ୍କୁ ଭେଟି ସୋନପୁର ଆହାର କେନ୍ଦ୍ରର ପାଣି ସମସ୍ୟା, ସହର ର ଟ୍ରାଫିକ ସମସ୍ୟା, ନୂତନ ବସଷ୍ଟାଣ୍ଡ ନିର୍ମାଣ, ରିଙ୍ଗ ରୋଡ ଅସମ୍ପୂର୍ଣ୍ଣ, ଦୀର୍ଘ୍ ଦିନ ପୌର ପ୍ରଶାସନ ତରଫରୁ ମଶା ମାରିବା ଗ୍ୟାସ ଦିଆ ଯାଇ ନ ଥିବା, ବିଭିନ୍ନ ଡ୍ରେନ ସମସ୍ୟା ବିଷୟରେ ନୂତନ ଜିଲ୍ଲାପାଳ ଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ଦାବି ସମ୍ମିଳିତ ସାମ୍ବାଦିକଙ୍କ ସମସ୍ୟା ସମ୍ମିଳିତ ଦାବୀପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ସାମ୍ବାଦିକ ଙ୍କୁ ପେନସନ ବ୍ୟବସ୍ଥା, ଅଧିସ୍ୱୀକୃତ କମିଟି ପୁନଃଗଠନ, ସାମ୍ବାଦିକ ପରିବାର ଙ୍କୁ ମଧ ସ୍ୱାସ୍ଥ୍ୟବୀମା ଯୋଗାଇଦେବା, ମିଡ଼ିଆ ଏକାଡେମୀ ଗଠନ,୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକଙ୍କୁ ଲୋକସଭା ଭବନକୁ ପ୍ରବେଶ ପତ୍ର ପ୍ରଦାନ ପରି ସାମ୍ବାଦିକ ଙ୍କ ହିତ ସକାଶେ ଏକ ଚିଠି ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ଆଜି ସୁବର୍ଣ୍ଣପୁର ଜିଲ୍ଲା ୟୁନିଟ ଭଏସ ଅଫ ମିଡ଼ିଆ ସାମ୍ବାଦିକ ସଂଘ ତରଫରୁ ନୂତନ ଜିଲ୍ଲାପାଳ ଭାବରେ ଯୋଗଦାନ କରିଥିବା ନୃପରାଜ ସାହୁଙ୍କୁ ସୌଜନ୍ୟ ସାକ୍ଷାତ କାର ସହ ଭବ୍ୟ ସ୍ୱାଗତ ସ୍ୱମର୍ଦ୍ଧନା ଦିଆ ଯାଇଥିଲା। ଜିଲ୍ଲାପାଳ ଙ୍କୁ ଭେଟି ସୋନପୁର ଆହାର କେନ୍ଦ୍ର ର ପାଣି ସମସ୍ୟା, ସହର ର ଟ୍ରାଫିକ ସମସ୍ୟା, ନୂତନ ବସ ଷ୍ଟାଣ୍ଡ ନିର୍ମାଣ, ରିଙ୍ଗ ରୋଡ ଅସମ୍ପୂର୍ଣ୍ଣ, ଦୀର୍ଘ୍ ଦିନ ପୌର ପ୍ରଶାସନ ତରଫ ରୁ ମଶା ମାରିବା ଗ୍ୟାସ ଦିଆ ଯାଇ ନ ଥିବା, ବିଭିନ୍ନ ଡ୍ରେନ ସମସ୍ୟା ବିଷୟ ରେ ନୂତନ ଜିଲ୍ଲାପାଳ ଙ୍କୁ ଅବଗତ କରାଯାଇଥିଲା। ?ଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ୬ ଦଫା ଦାବି ସମ୍ମିଳିତ ସାମ୍ବାଦିକ ଙ୍କ ସମସ୍ୟା ସମ୍ମିଳିତ ଦାବୀପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ ରେ ରାଜ୍ୟ ରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ, ସାମ୍ବାଦିକଙ୍କୁ ପେନସନ ବ୍ୟବସ୍ଥା, ଅଧିସ୍ୱୀକୃତ କମିଟି ପୁନଃ ଗଠନ, ସାମ୍ବାଦିକ ପରିବାର ଙ୍କୁ ମଧ ସ୍ୱାସ୍ଥ୍ୟବୀମା ଯୋଗାଇଦେବା, ମିଡ଼ିଆ ଏକାଡେମୀ ଗଠନ,୧୦ ବର୍ଷ ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକଙ୍କୁ ଲୋକସଭା ଭବନକୁ ପ୍ରବେଶ ପତ୍ର ପ୍ରଦାନ ପରି ସାମ୍ବାଦିକଙ୍କ ହିତ ସକାଶେ ଏକ ଚିଠି ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରେରଣ କରାଯାଇଛି। ଏହି ସାକ୍ଷାତ କାର ସମୟ ରେ ସୁବର୍ଣ୍ଣପୁର ଜିଲ୍ଲା ୟୁନିଟ ଭଏସ ଅଫ ମିଡ଼ିଆ ସଭାପତି ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ଭାସ୍କର ଦାଶ, ଉପସଭାପତି ରଞ୍ଜନ କୁମାର୍ ହୋତା, କୃପାସିନ୍ଧୁ ସୁନା, ଉପଦେଷ୍ଟା କମିଟି ସଦସ୍ୟ ସରୋଜ ପଧାନ, ସହଦେବ ମେହେରଙ୍କ ସହ ଅଶ୍ୱିନୀ ନେପାକ, ଉମାକାନ୍ତ ବାଘ,ରାମହରି ସେଠୀ , ଦେବାନନ୍ଦ ମେଣ୍ଡେଲି ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ।

# ବାଲିମେଳା ଛକଠାରେ ଟ୍ରାଫିକ ନିୟନ୍ତ୍ରଣ ଲାଇଟ୍‌ର ଶୁଭାରମ୍ଭ

ମାଲକାନଗିରି, ୬/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ବାଲିମେଳା ଛକଠାରେ ଆଜି ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧାୟଙ୍କ କରକମଳରେ ଟ୍ରାଫିକ ନିୟନ୍ତ୍ରଣ ଲାଇଟ୍‌ର ଶୁଭାରମ୍ଭ ହୋଇଯାଇଛି। ମାଲକାନଗିରି ଜିଲ୍ଲା ଓଡ଼ିଶାର ସୀମାବର୍ତ୍ତି ଜିଲ୍ଲା ହୋଇଥିବା କାରଣରୁ ପଡ଼ୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ର ଏବଂ ତେଲେଙ୍ଗାନାକୁ ୩୨୬ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଛି। ଯେଉଁଥିପାଇଁ ସଦାସର୍ବଦା ଏହି ରାଜରାସ୍ତାରେ ଭାରିଜାନ ଯାତାୟାତ କରିବା ସହିତ ଟ୍ରାଫିକ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଥାଏ। ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ମଧ ଦେଖିବାକୁ ମିଳିଥାଏ। ଟ୍ରାଫିକ ସମସ୍ୟାକୁ ନଜିର ରଖି ବିଭିନ୍ନ ମହଲରୁ ବାରମ୍ବାର ଦାବି ହେବା ପରେ, ମାଲକାନଗିରି ପୌରପରିଷଦ ପକ୍ଷରୁ ସାତ ଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟ ବରାଦରେ ଟ୍ରାଫିକ ଲାଇଟ୍ ଲଗାଇଛନ୍ତି। ଏହି ଲାଇଟ୍ ଲଗାଇବା ପାଇଁ ପୌରପରିଷଦ ମାଲକାନଗିରି ପକ୍ଷରୁ ଜି.ଏମ ଟେଣ୍ଡରକୁ କାର୍ଯ୍ୟଭାର ପ୍ରଦାନ କରିଥିଲେ। ପୌରପରିଷଦ ମାଲକାନଗିରି ପକ୍ଷରୁ ଏଥି ପୂର୍ବେ ଡିଏନକେ ଛକ ଠାରେ ଟ୍ରାଫିକ ଲାଇଟ୍ ଲଗାଇଥିଲେ। ତେବେ ଆଗକୁ ଛତିଶଗଡ଼କୁ ସଂଯୋଗ କରିଥିବା କେନାଲ ଛକ ଏବଂ ମୁଖ୍ୟ ଚିକିତ୍ସାଳୟ ଛକ ଠାରେ ମଧ ଟ୍ରାଫିକ ନିୟନ୍ତ୍ରଣ ଲାଇଟ୍ ଲଗାଇବା ପାଇଁ ଲକ୍ଷ୍ୟ ରଖିଛି ପୌରପରିଷଦ ମାଲକାନଗିରି। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ପୌରପରିଷଦ ଅଧକ୍ଷ ମନୋଜ୍ କୁମାର ବାରିକ୍, ଉପାଧକ୍ଷ କବିତା ମହନ୍ତ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜିବ ଲୋଚନ ନାୟକ, ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

# ଶହୀଦ୍ ନରସିଂ ଡମ୍ ସମାଜ, ମାଲକାନଗିରି ବ୍ଲକ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ ଅନୁଷ୍ଠିତ

ମାଲକାନଗିରି, ୬/୦୮ (ନି.ପ୍ର): ମାଲକାନଗିରି ବ୍ଲକ ଶହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଆଜି ମାଲକାନଗିରି ବ୍ଲକ ପଦ୍ମଗିରି ଧାନ ମଣ୍ଡି ଠାରେ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆଜିର ଶହୀଦ୍ ନରସିଂ ଡମ୍ ସମାଜ କାର୍ଯ୍ୟକ୍ରମ ରେ ନୂତନ ବ୍ଲକ ସଭାପତି ଦେନିରାମ ନାଗୁଲ ଓ ବ୍ଲକ କମିଟି ପଦାଧିକାରୀ ଙ୍କ ନେତୃତ୍ୱରେ ମାଲକାନଗିରି ବ୍ଲକ ର ସମସ୍ତ ଗ୍ରାମ ପଂଚାୟତର ଶହୀଦ୍ ନରସିଂ ଡମ୍ ସମାଜ କର୍ମକର୍ତ୍ତା, ମାଲକାନଗିରି ଜିଲ୍ଲାର ୭ ବ୍ଲକ ର ଶହୀଦ୍ ନରସିଂ ଡମ୍ ସମାଜ କର୍ମକର୍ତ୍ତା ଏବଂ ମାଲକାନଗିରି ଜିଲ୍ଲା ଶହୀଦ୍ ନରସିଂ ଡମ୍ ସମାଜ ଜିଲ୍ଲା ନେତୃମଣ୍ଡଳୀଙ୍କ ସହ ହଜାର ହଜାର ଶହୀଦ୍ ନରସିଂ ଡମ୍ ସମାଜର ଜନ ସାଧାରଣ ଯୋଗଦେଇ ଏକ ବିରାଟ ପଟୁଆର ରେ ପଦ୍ମଗିରି ରେ ନିଜ ଡମ୍ ଜାତିର ପାରମ୍ପରିକ ପୋଷାକ ଓ ନାଚ, ଗୀତ, ଡମ୍ ଜାତିର ପାରମ୍ପରିକ ବାଜା ବଜେଇ ଢ଼େମସା ନାଚି ରାଲି ମାଧ୍ୟମରେ ବାବା ସାହେବ ଡ଼.ଭୀମ୍ ରାଓ ଆମ୍ବେଦକର ଓ ସହୀଦ୍ ନର୍ସି ଡମ୍ ଙ୍କ ଜୟ ଗାନ କରି ଆଦିବାସୀ ମାନ୍ୟତା ନିମନ୍ତେ ପଦ୍ମଗିରି ଧାନ ମଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ପହଂଚି ଥିଲେ। ଆଜିର ଆୟୋଜିତ ଶହୀଦ୍ ନରସିଂ ଡମ୍ ସମାଜ, ମାଲକାନଗିରି ବ୍ଲକ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବଳରାମ ଅନୁଗୁଳିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜ ଉପ ସଭାପତି ଡମ୍ବରୁ ବାଗ ଓ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜ ଯୁଗ୍ମ ସମ୍ପାଦକ କଣ୍ଟେଶ୍ୱର ପୋଟଲା ଯୋଗ ଦେଇଥିଲେ। ଏଥିରେ ମାଲକାନଗିରି ଜିଲ୍ଲାର ଶହୀଦ୍ ନରସିଂ ଡମ୍ ସମାଜ ର ଦୁଇ ବରିଷ୍ଠ ଉପଦେଷ୍ଟା ତଥା ମୁଖ୍ୟ ବକ୍ତା ସନ୍ତୋଷ କୁମାର ନାଗ ଏବଂ ରାଜେନ୍ଦ୍ର କୁଲ ଦୀପ ଯୋଗ ଦେଇ ଉପସ୍ଥିତ ଶହୀଦ୍ ନରସିଂ ଡମ୍ ସମାଜ ର ସମସ୍ତ ଜନ ସାଧାରଣଙ୍କୁ ଡମ୍ ଜାତି ଓ ଡମ୍ ମାନଙ୍କ ଅଧିକାର ଉପରେ ପ୍ରାଞ୍ଜଳ ଭାବେ ବୁଝେଇବା ସହ ଡମ୍ ଜାତି ର ସାମ୍ବିଧାନିକ ଅଧିକାର ନିମନ୍ତେ ୬ ଦଫା ଦାବି ସରକାରଙ୍କ ନିକଟରେ ଜଣାଇଲେ।

# ସହରରେ ଅପରାଧୀକ କାର୍ଯ୍ୟକଳାପ ଉପରମୁହାଁ: ବସଷ୍ଟାଣ୍ଡରେ ସଂଘବଦ୍ଧ ଆକ୍ରମଣ, ଅଟୋ ଚାଳକ ଆହତ

ପୁରୀ, ୬/୦୮ (ନି.ପ୍ର): ବିଶ୍ୱପ୍ରସିଦ୍ଧ ପୁରୀ ସହର। ଖୁବଶୀଘ୍ର ହେବ ମହାନଗର। ପର୍ଯ୍ୟଟନ ତୀର୍ଥ ସହରରେ ଅପରାଧୀଙ୍କ କାର୍ଯ୍ୟକଳାପ ଏବେ ଉପରମୁହାଁ ହୋଇଛି। ମଙ୍ଗଳବାର ଅପରାହ୍ନରେ ଜନଗହଳିପୂର୍ଣ୍ଣ ଶରଧାବାଲି ବସଷ୍ଟାଣ୍ଡରେ ସଂଘବଦ୍ଧ ଆକ୍ରମଣରେ ଜଣେ ଅଟୋ ଡ୍ରାଇଭର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୧୫ରୁ ୨୦ ଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିବାରୁ କୁମ୍ଭାରପଡା ଥାନା ଅଂଚଳ ରାମଚଣ୍ଡୀ ସାହି ବାଲିଉପର ଅଟୋ ଡ୍ରାଇଭର ଜଗନ ବେହେରା (୨୨) ଆହତ ହୋଇଛନ୍ତି। ବସଷ୍ଟାଣ୍ଡ ତାରିଣୀ ମନ୍ଦିର ନିକଟରେ ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ବସଷ୍ଟାଣ୍ଡରେ ଅଟୋ ଚାଳକଙ୍କ ଆଧିପତ୍ୟ ବଢ଼ିବାରେ ଲାଗିଛି। ପୋଲିସ ପ୍ରବେଶ ପଥ ଓ ପ୍ରସ୍ଥାନ ପଥରେ ଜଗି ନରହିବା ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। କୁମ୍ଭାରପଡା ଥାନା ପକ୍ଷରୁ ଘଟଣାର ଛାନଭିନ କରାଯାଉଛି। ରଥଯାତ୍ରା ସମୟରେ ଏସପି ବିନୀତ ଅଗ୍ରୱାଲ ବଦଳି ହୋଇଥିବା ବେଳେ ବର୍ତ୍ତମାନ ଏସପି ପିନାକ ମିଶ୍ର ବଦଳି ହେବାର ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି। ଏହି ମାସକ ଭିତରେ ବଳିଆପଣ୍ଡା, ଟାଉନ ଥାନା ଅଂଚଳ, ବାସେଲୀ ସାହି ଥାନା ଅଂଚଳ, କୁମ୍ଭାରପଡା ଥାନା ଅଂଚଳ ଓ ସମୁଦ୍ରକୂଳ ଥାନା ଅଂଚଳରେ ଅପରାଧୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ପ୍ଲଟିଙ୍ଗ ବ୍ୟବସାୟ, ନିଶା କରବାର, ଜମି ଦଖଲ ଅଭିଯାନ, ବାଲି ଚୋରା ଚାଲାଣ, ଚୋରା କାଠ ବେପାରରୁ ଅସାମାଜିକ ଯୁବକ ଲକ୍ଷ ଲକ୍ଷ ଟଙ୍କା ବିନା ପରିଶ୍ରମରେ ହାତେଉ ଥିବାରୁ ଅପରାଧୀଙ୍କ ଆଡା ଜମୁଛି ବୋଲି ବୁଦ୍ଧିଜୀବୀ ମାନେ କହୁଛନ୍ତି। ସଲା ସୁତରା ନ୍ୟାୟରେ ଅପରାଧୀ ମାନେ ସେମାନଙ୍କ ନେଟୱାର୍କ ବଢାଉଛନ୍ତି। ସହରରେ ଦିନକୁ ଦିନ ଛିନତାଇ, ଗାଡିଲୁଟ, ମୋବାଇଲ ଝାମ୍ପି ନେବା ଓ ଦୋକାନୀଙ୍କ ଠାରୁ ଦାଦା ବଟି ଆଦାୟ ଘଟଣା ବୃଦ୍ଧି ପାଉଛି। ଜନତାଙ୍କ ଧନଜୀବନ ରକ୍ଷା କରିବାରେ ପୋଲିସ ବିଫଳ ହେଉଛି ବୋଲି ଅଭିଯୋଗ ହେଉଛି। ଅପରାଧୀଙ୍କ ବିରୋଧରେ ଦଫା କୋହଳ ଲାଗିବା ଯୋଗୁ ଅପରାଧୀ କମ୍ ଦିନରେ ଜେଲରୁ ଫେରି ପୁଣି କ୍ରାଇମ କ୍ରିଏଟ କରୁଥିବା ଘଟଣା ଦେଖିବାକୁ ମିଳୁଛି। ସବୁ ଥାନା ଅଂଚଳରେ ପିସିଆର ପାଟ୍ରୋଲିଂ କରିବା, ଚୋରି ଓ ଅପରାଧ ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ମାଲକାନଗିରି, ୬/୦୮ (ନି.ପ୍ର): ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାଲକାନଗିରି ଠାରେ ଆଜି ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଏମ .ଏମ .ଆବିଦ ହୁସେନ ଯୋଗଦେଇ ସ୍ତନ୍ୟପାନର ଉପକାରିତା ଓ ଏହାର ଅଭାବରେ ମା ଓ ଶିଶୁ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ଛଅ ମାସ କେବଳ ମା' କ୍ଷୀର ଶିଶୁ ପାଇଁ ଅମୃତ ତୁଲ୍ୟ ବୋଲି ବୁଝାଇଥିଲେ। ଶିଶୁ କୁ ଜନ୍ମ ରୁ ଏକ ଘଂଟା ମଧ୍ୟରେ ସ୍ତନ୍ୟପାନ କରାଇବା, କୌଣସି ବାହାର ଖାଦ୍ୟ ଯଥା ପାଣି, ମହୁ, ଚିନି ପାଣି ନ ଦେବା, ସ୍ତନ୍ୟପାନ କରୁଥିବା ମା ମାନଙ୍କର ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ କ୍ଷ ସ୍ତନ୍ୟପାନ ଯୋଗୁ ମା ର ସ୍ତନକର୍କଟ ଓ ଗର୍ଭାଶୟ କର୍କଟ ରୋଗ ହେବା ସମ୍ଭାବନା କମ ବୋଲି ଡା. ଦୁର୍ଗା ପ୍ରସାଦ ରାଜ ଓ ଓମ ପ୍ରକାଶ ସା ବୁଝାଇଥିଲେ। ଶେଷରେ ସଭାରେ ଉପସ୍ଥିତ ଥିବା ସମସ୍ତେ ସ୍ତନ୍ୟପାନ ଉପଲକ୍ଷେ ଏକ ଶପଥପାଠ ଓ ଦସ୍ତଖତ ଅଭିଯାନ କରିଥିଲେ। ପରେ ମହିଳା ଆରୋଗ୍ୟ ସମିତିର ମା ମାନଙ୍କୁ ସ୍ତନ୍ୟପାନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କାର ବଣ୍ଟନ କରାଯାଇଥିଲା।

# ପାଣିକୋଇଲିରେ ଗୋଚର ଜମି ଉଚ୍ଛେଦ ପ୍ରକ୍ରିୟାରେ ପକ୍ଷପାତିତା ନେଇ ଅସନ୍ତୋଷ

କୋରାଇ, ୬/୦୮ (ନି.ପ୍ର): ରାଜ୍ୟ ସରକାର ସରକରୀ ଜମିରୁ ଜବରଦଖଲ ହଟାଇବା ପାଇଁ ନିଷ୍ପତି ନେଇଛନ୍ତି। ହେଲେ ଏହାର କାର୍ଯ୍ୟକାରୀତା ଦେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷପାତିତା ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣିକୋଇଲି ଶୌଚାଳୟ ସମ୍ମୁଖରେ ଜବରଦଖଲ ହଟାଇବା ପାଇଁ ୨୦୧୧ ମସିହାରୁ ଅବଧି ହଟି ପାରିଲା ନାହିଁ। ଏହାକୁ ଉଚ୍ଛେଦ କରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲେ ହେଁ ଆଇନର ଗଳାବାଟ ଦେଇ ଜବରଦଖଲକାରୀ ଏହାକୁ ବନ୍ଦକରି ରଖିବାରେ ସକ୍ଷମ ହୋଇଛନ୍ତି। ସେହିପରି ପାଣିକୋଇଲି ମୌଜାର ଖାତା ନମ୍ବର ୮୩୦ରେ ପ୍ଲଟ ନମ୍ବର ୮୩ ରେ କିସମ ରକ୍ଷିତ ଗୋଚର ଏ ୭.୯୫ ଜମି ରହିଛି। ହେଲେ ଜମି ଉପରେ ବହୁଲୋକ ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ଏମିତିକି ଏହି ପ୍ଲଟ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟ କରାଯାଇଛି। କିପରି ଭାବେ ସରକାରୀ କାର୍ଯ୍ୟାଳୟ ଗୋଚର ଜମିରେ ହୋଇଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଜବରଦଖଲ କରି ଘର ନିର୍ମାଣ କରିଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ମାତ୍ର ୬ ଜଣଙ୍କୁ ବ୍ୟାସନଗର ତହସିଲଦାର ନୋଟିସ ପ୍ରଦାନ କରିଛନ୍ତି। ସେମାନେ ହାଜର ହୋଇ ମତ ରଖିଛନ୍ତି। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଅନ୍ୟମାନଙ୍କ ପାଇଁ କେବେ କାର୍ଯ୍ୟକାରୀ ହେବ ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ ହେବା ଆବଶ୍ୟକ। ଯେଉଁମାନେ ଜବରଦଖଲ କରିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ହେଲେ ପ୍ରଶାସନ ତାହା ନକରି ମାତ୍ର ୬ ଜଣଙ୍କୁ ନୋଟିସ ଦେଇ ଅନ୍ୟମାନଙ୍କୁ ଛାଡି ଦେବାର କାରଣ ଏବେ ବି ସମସ୍ତଙ୍କ ମନରେ ସନ୍ଦେହ ଉପୁଜାଇଛି। ଆସନ୍ତା ୭ ତାରିଖ ଜବରଦଖଲ ମୁକ୍ତ ପୂର୍ବରୁ ସରକାରୀ ଜମି ମାପ ହେବା ପାଇଁ ବ୍ୟାସନଗର ତହସିଲଦାର ଦିନ ଧାର୍ଯ୍ୟ କାରିଛନ୍ତି।

# ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗଣ ଶିକ୍ଷକ

କେନ୍ଦ୍ରାପଡା, ୬/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ୨୦୦୨ ମସିହା ଠାରୁ ବିଭିନ୍ନ ବ୍ଲକ ସମେତ ବିଭିନ୍ନ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ସାହି, ବସ୍ତି ଓ ୱାର୍ଡ ମାନଙ୍କରେ ପ୍ରଥମେ ନନଫର୍ମାଲ ଏବଂ ପରେ ପରେ ଇ.ଜି.ଏସ ଶିକ୍ଷକ ଭାବେ ମାତ୍ର ଏକ ହଜାର ଟଙ୍କା ଦରମାରେ ରାଜ୍ୟ ସରକାର ନିଯୁକ୍ତି କରିଥିବା ୭୨୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ୬୧୩ ଜଣ ବ୍ୟକ୍ତିଙ୍କୁ ଗଣ ଶିକ୍ଷକ ଭାବେ ୨୦୧୦ ମସିହାରେ ରାଜ୍ୟ ସରକାର ନିଯୁକ୍ତି ପ୍ରଦାନ କରିଥିବା ବେଳେ ଅବଶିଷ୍ଟ ପାଖା ପାଖି ୭୧ ଜଣଙ୍କୁ ସରକାର ନିଯୁକ୍ତି ପତ୍ର ପ୍ରଦାନ ନ କରିବାରୁ ଏହି ଘଟଣାବଳି ସମ୍ବନ୍ଧରେ ମାନ୍ୟବର ଉଚ୍ଚ ନ୍ୟାୟଳୟରେ ମଧ ଏକ ମାମଲା ଦାୟର କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ମଧ ଅତ୍ୟନ୍ତ ଗୁରୁତ୍ୱର ସହିତ ଏହି ପ୍ରସଙ୍ଗକୁ ବିଚାରକୁ ନେଇ ତୁରନ୍ତ ନିଯୁକ୍ତି ପ୍ରଦାନ ନିମନ୍ତେ ତତ୍କାଳୀନ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ମଧ ପ୍ରଦାନ କରିଥିଲେ। ହେଲେ ତତ୍କାଳୀନ ଜିଲ୍ଲାପାଳ ଉକ୍ତ ଆଦେଶନାମାକୁ କାୟମ ରଖି ଆଉ ସେମାନଙ୍କୁ ନିଯୁକ୍ତି ପ୍ରଦାନ ନକରିବାରୁ ବଳକା ୭୧ ଜଣଙ୍କ ମଧ୍ୟରୁ ଜଣେ ମହିଳା ତତ୍କାଳୀନ ଜିଲ୍ଲାପାଳ ଏବଂ ଡିଇଓଙ୍କୁ ଧରା ଧରି କରି ନିଯୁକ୍ତି ପାଇଥିବା ବେଳେ ଅନ୍ୟ ୭୦ ଜଣ ବ୍ୟକ୍ତିଙ୍କୁ ଦାଇତ୍ୱରେ ଥିବା ଡି.ଇ.ଓ ବାବୁ ୭୦ ଜଣ ମହିଳା ଓ ପୁରୁଷ (ଇଜିଏସ) କର୍ମୀ ଅଦ୍ୟାବଧି ମଧ ନିଯୁକ୍ତି ପ୍ରଦାନରୁ ବଞ୍ଚିତ କରାଯାଇଛି ବୋଲି ସ୍ୱର୍ଣ୍ଣଲତା ମହାନ୍ତିଙ୍କ ନେତୃତ୍ୱରେ ସ୍ନେହଲତା ତ୍ରିପାଠୀ, ବାବୁରାମ ନାୟକ, ବେବିନା ପଣ୍ଡା, ସରସ୍ୱତୀ ରାଉତ, ମମତା ନାୟକ ଓ ସୁଚିତ୍ରା ନାୟକ ପ୍ରମୁଖଙ୍କ ସମେତ ପ୍ରାୟ ଶତାଧିକ ଇଜିଏସ୍ କର୍ମୀ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ଏକ ଲିଖିତ ଦାବିପତ୍ର କରି ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି।

## ଧାରାବାହିକ:

ଭାଗ-୧୧

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୨୬ଶ ଅଧ୍ୟାୟ, ଶ୍ରୀକୃଷ୍ଣଙ୍କ ମହିମା ସମ୍ପର୍କରେ ଗୋପବାଳକ ସହ ନନ୍ଦଙ୍କ କଥପୋକଥନ

ଗୋପାଳମାନେ କହିଲେ, ହେ ନନ୍ଦରାଜ! ତୁମେ ବଡ ଭାଗ୍ୟବାନ ଯେ ଶ୍ରୀକୃଷ୍ଣଙ୍କ ଭଳି ପୁତ୍ର ପାଇଛ । ସେ କୌଣସି ଦେବତା ନଚେତ ଜଣେ ସାତବର୍ଷର ବାଳକ ଗୋବର୍ଦ୍ଧନ ପର୍ବତ ଟେକିବା, ପୁତନା ମାରିବା, ଶକଟାକୁ ଚୂର୍ଣ୍ଣ କରିବା, ତୃଣାବର୍ତ୍ତକୁ କଚାଡି ମାରିବା, ଯାମଳାର୍ଜ୍ଜୁନ ଭାଙ୍ଗିବା, ବତ୍ସା, ବକା ଓ ଧେନୁକା, ପ୍ରଳମ୍ବା, କାଳୀୟ ଦଳନ କରିବା ଆଦି ଲୀଳାମାନ କରି ପାରିନଥାନ୍ତେ । ହେ ନନ୍ଦରାଜ, ତୁମେ ଆଉ ବନକୁ ଯାଅ ନାହିଁ କାରଣ ଅସୁରଗୁଡା ଯେଭଳି ଭାବରେ ଧାଡି ଦେଉଛନ୍ତି କିଏ ଜାଣେ କେତେବେଳେ ଆମକୁ ଗିଳି ପକାଇବେ । ନନ୍ଦରାଜ ଏହାଶୁଣି କହିଲେ, ପୂର୍ବେ ଗର୍ଗଋଷି ମୋତେ କହିଛନ୍ତି, ରାଜା ତୁମେ ବଡ ଭାଗ୍ୟବାନ । ତୁମର ପୁତ୍ର କୌଣସି ମନୁଷ୍ୟ ନୁହଁନ୍ତି । ଷୋଳକଳା ନେଇ ଜନ୍ମ ହୋଇଥିବା ସାକ୍ଷାତ୍ ବିଷ୍ଣୁ । ଇଏ ଚାରି ଯୁଗରେ ଶୁକ୍ଳ, ଶୋଣିତ, ପୀତ ଓ ଶ୍ୟାମ ଚାରି ବର୍ଣ୍ଣର । ବସୁଦେବ ଘରେ ଜନ୍ମ ପାଇଁ ସେ ବାସୁଦେବ । ମୁଁ ଯୋଗବଳରେ ସବୁ ଜାଣିଛି, ଏହା ଦ୍ୱାରା ଗୋକୁଳ ରକ୍ଷା ହେବ ଓ ତୁମେମାନେ ଶାନ୍ତିରେ ବାସ କରିବ । ଯାହାକୁ ମୁନି,ଋଷି ଓ ଦେବତାମାନେ ଧ୍ୟାନ କରି ପାଆନ୍ତି ନାହିଁ ସେ ସ୍ୱୟଂ ତୁମ ଘରେ ଜାତ ହୋଇଛନ୍ତି । ଏହା ଶୁଣି ଗୋପାଳମାନେ ଭୟ ଦୂରକରି ପ୍ରସ୍ଥାନ କଲେ ।

### ୨୭ଶ ଅଧ୍ୟାୟ, ଇନ୍ଦ୍ର ପ୍ରତି କ୍ଷମା ପ୍ରଦର୍ଶନ

ଶ୍ରୀ ଶୁକଦେବ କହିଲେ, ଇନ୍ଦ୍ରଦେବ ଭଗବାନ ଶ୍ରୀକୃଷ୍ଣଙ୍କଠାରେ ଅପରାଧୀ ହୋଇ ଅତ୍ୟନ୍ତ ବିଷାଦଗ୍ରସ୍ତ ହୋଇ ନିଜ ଅପରାଧ ନିମନ୍ତେ ପଶ୍ଚାତାପ କଲେ । ଗୋମାତା ସୁରଭି ଇନ୍ଦ୍ରଙ୍କୁ ବୁଝାଇ କହିଲେ, ତୁମେ ଅଜ୍ଞାନରେ ଏହି ଭୁଲ କରିଥିବାରୁ ଏତେ ବ୍ୟସ୍ତ ହୁଅ ନାହିଁ । ସେ କ୍ଷମାର ସାଗର ଏବଂ ଅନ୍ତର୍ଯ୍ୟାମୀ ହୋଇଥିବାରୁ ତୁମ ମନର କଥା ନିଶ୍ଚୟ ଜାଣୁଥିବେ । ସେ ଦ୍ରୋହକଲେ ଏ ଦୁନିଆରେ ଆଉ କେହି ନାହାନ୍ତି ରକ୍ଷା କରିବାକୁ ଏଣୁ ତୁମେ ସେହି କ୍ଷମାମୂର୍ତ୍ତି ଭଗବାନଙ୍କୁ କ୍ଷମା ପ୍ରାର୍ଥନା କର । ମୁଁ ମଧ ତୁମ ସହ ଯାଉଛି । ଯାଇ ତାଙ୍କର ଶରଣାପନ୍ନ ହୁଅ । ଗୋମାତା ସୁରଭି ଓ ଇନ୍ଦ୍ର ଯାଇ ଗୋପପୁରରେ ଉପସ୍ଥିତ ହେଲେ । ଭଗବାନ ଶ୍ରୀକୃଷ୍ଣ ସବୁ ଜାଣି କିଛି ନଜାଣିଲା ପରି ସାଥୀମାନଙ୍କ ସହ କ୍ରୀଡାରେ ବ୍ୟସ୍ତ ଥାଆନ୍ତି । ଗୋପାଳକଙ୍କୁ ଅଦୃଶ୍ୟ ହୋଇ ପ୍ରଥମେ ସୁରଭି ଭଗବାନଙ୍କୁ ଶୁଦ୍ଧପୂତ ମନରେ ପ୍ରଣତି ଜଣାଇ ସ୍ତୁତି କଲେ । ସେ କହିଲେ ହେ କ୍ଷମାସାଗର ଜଗନ୍ନାଥ, ମହା ଅପରାଧୀ ଇନ୍ଦ୍ର ଏବେ ନିଜ କର୍ମ ନିମନ୍ତେ ଅନୁତପ୍ତ ଏବଂ ତୁମର କ୍ଷମାପ୍ରାର୍ଥୀ । ସେ ଅପମାନ ଓ ଭୟ କାରଣରୁ ମୋ ପଛରେ ଲୁଚିଛନ୍ତି ଦୟାକରି ତାଙ୍କ ଅପରାଧ କ୍ଷମା କରନ୍ତୁ । ଶ୍ରୀକୃଷ୍ଣ ଚକ୍ଷୁଟେକି ଚାହିଁବାରୁ ଇନ୍ଦ୍ର ଭୟ-କମ୍ପିତ ଗାତ୍ରରେ ତାଙ୍କର ଚରଣ ତଳେ ଲୋଟି ପଡିଲେ । ତାଙ୍କ ମୁହଁରୁ କଥା ନ ବାହାରିବାରୁ ଭଗବାନ ମୃଦୁ ହସିଦେବାରୁ ଇନ୍ଦ୍ରଙ୍କର ସାହସ ଓ ଉତ୍ସାହ ସଞ୍ଚାର ହେବାରୁ ସେ ଗଦ ଗଦ୍ କଣ୍ଠରେ କର ଯୋଡି ସ୍ତୁତି କଲେ । ଆପଣଙ୍କୁ ଚିହ୍ନି ନପାରି ଆପଣଙ୍କର ଏ ଦାସ ଭୁଲ କରିଛି । ମୁଁ ଆପଣଙ୍କ ସମ୍ପଦର ଗର୍ବରେ ଅହଂକାରୀ ହୋଇଛି । ହେ ଗର୍ବଗଞ୍ଜନ, ମୋର ଅପରାଧ କ୍ଷମା କରନ୍ତୁ । କ୍ଷମତାର ଅହଂକାରରେ ମୁଁ ମୋହଗ୍ରସ୍ତ ହୋଇ ଅମର୍ଯ୍ୟଦା କରିଥିବାରୁ ଅନୁତପ୍ତ । ମୋ ଦୋଷ ମାର୍ଜନା କରନ୍ତୁ । ଭଗବାନ ଅତ୍ୟନ୍ତ ବଜ୍ର ଗମ୍ଭୀର କଣ୍ଠରେ କହିଲେ, ହେ ଇନ୍ଦ୍ର, ତୁମେ ଐଶ୍ୱର୍ଯ୍ୟ, ସମ୍ପଦ ଓ ପ୍ରଭୁତ୍ୱର ଅଧିକାରୀ ହୋଇ ଗର୍ବୀ ଓ ଅହଂକାରୀ ହୋଇଯାଇଛ । ତୁମେ ମୋହର ଦ୍ୱାରା ପ୍ରଦତ୍ତ ସମ୍ପଦର ଅଧିକାରୀ ହୋଇ ମୋତେ ଚିହ୍ନିପାରିଲ ନାହିଁ, ତାହାଲେ ମନୁଷ୍ୟର ଦୋଷ କିପରି ଦେଇପାରିବା ? ତୁମେ ଅନୁତପ୍ତ ଜାଣି ମୁଁ କ୍ଷମାକଲି । ନିଜ ପୁରକୁ ଯାଅ ଏବଂ ଏହାକୁ ସର୍ବଦା ମନେ ରଖିଥିବ । ମୋ ପାଦରେ ଚିତ୍ତ ରଖିଲେ ତୁମର ଗର୍ବ ନାଶ ଯିବ । ଇନ୍ଦ୍ର କୃତକୃତ୍ୟ ହୋଇ ଭଗବାନଙ୍କ ଶ୍ରୀଚରଣରେ ପ୍ରଣିପାତ କରି କହିଲେ, ମୁଁ ଦେବଲୋକର ଇନ୍ଦ୍ର ହୋଇଥିବା ବେଳେ ଆପଣ ମୋର ଇନ୍ଦ୍ର, ମୋର ସ୍ରଷ୍ଟା, ପାଳକ ଓ ରକ୍ଷକ ସର୍ବଦା ମୋ ପ୍ରତି ଦୟା ରଖିଥିବେ । ଆପଣ ଏହି ଜନ୍ମରେ ଗୋ ସମ୍ପଦର ଇନ୍ଦ୍ର ହୋଇଥିବାରୁ ମୁଁ ଆପଣଙ୍କ ଅନୁମତି କ୍ରମେ ଆପଣଙ୍କର ନାମ "ଗୋବିନ୍ଦ" ନାମରେ ନାମିତ କରୁଛି । ଏହି ଦାସ ପ୍ରତି ଦୟା ଓ କ୍ଷମାର ପ୍ରତୀକ ସ୍ୱରୂପ ଏହି ନାମକୁ ଗ୍ରହଣ କରନ୍ତୁ କହି ଇନ୍ଦ୍ର ନତମସ୍ତକ ହେଲେ । ଦୟାସାଗର ଭଗବାନ ସ୍ମିତ ହସି ତାହାକୁ ଅନୁମୋଦନ କଲେ । ମାତା ସୁରଭି କ୍ଷୀର ବର୍ଷଣ କରି ଭଗବାନଙ୍କୁ ଅଭିଷେକ କଲେ । ଗୋପାଳମାନେ ତାଙ୍କ ଶିରରେ ଗଙ୍ଗାଜଳ ଓ ପାରିଜାତ ପୁଷ୍ପ ବର୍ଷଣ କଲେ । ଗୋବିନ୍ଦ ନାମ ଶୁଣି ପଶୁପକ୍ଷୀଗଣ ହିଂସ୍ରଭାବ ପରିତ୍ୟାଗ କଲେ । ପୃଥିବୀ ବର୍ଷାଋତୁ ଭଳି ଶସ୍ୟଶାମଳା ହେଲା । ଇନ୍ଦ୍ର ଓ ସୁରଭି ଭଗବାନଙ୍କ ଚରଣ ବନ୍ଦନା କରି ସ୍ୱ ପୁର ପ୍ରତ୍ୟାବର୍ତ୍ତନ କଲେ ।

### ୨୮ଶ ଅଧ୍ୟାୟ, ବରୁଣ କର୍ତ୍ତୃକ ନନ୍ଦରାଜା ବନ୍ଦୀ ଓ ତାଙ୍କର ମୁକ୍ତି

ଏକଦା ନନ୍ଦରାଜା ଏକାଦଶୀ ବ୍ରତ ପାଳନ କରି ବିଷ୍ଣୁ ଉପାସନା ସହ ରାତ୍ର ଉଜାଗର ରହି ପରଦିନ ପ୍ରାତଃରୁ ସ୍ନାନ ନିମିତ୍ତ ଯମୁନାକୁ ଗଲେ । ଜଳାଧିପତି ବରୁଣ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ ପାଇଁ ଦୂତ ପଠାଇ ନନ୍ଦରାଜାଙ୍କୁ ଅପହରଣ କରିନେଇ ନିଜ ପୁରରେ ମହାନନ୍ଦରେ ରଖିଲେ । ଲୋକମାନେ ନନ୍ଦରାଜାଙ୍କୁ ନ ପାଇ ଏବଂ ତାଙ୍କର ସ୍ନାନ ନିମନ୍ତେ ଯମୁନାର ପ୍ରବେଶ ପରେ ନିଖୋଜ ହୋଇଥିବାରୁ ଭୟଭୀତ ହୋଇପଡିଲେ । ଶ୍ରୀକୃଷ୍ଣ ଧ୍ୟାନ ବଳରେ ଜାଣିନେଲେ ଯେ ତାଙ୍କ ଦର୍ଶନାଭିଳାଷୀ ବରୁଣ ଏହା କରିଛି । ଏଣୁ ବଳରାମଙ୍କୁ ସବୁ କହିଦେଇ ନନ୍ଦରାଜାଙ୍କୁ ମୁକ୍ତ କରିବାକୁ ନିଜ ରୂପ ଧାରଣ ପୂର୍ବକ ବରୁଣପୁରୀରେ ଉପସ୍ଥିତ ହେଲେ । ବରୁଣ ନିଜର ଆରାଧ୍ୟଙ୍କୁ ନିଜ ପୁରରେ ପାଇ କୃତକୃତ୍ୟ ହୋଇ ତାଙ୍କର ସ୍ତୁତି କରିବା ସହ ପ୍ରଣିପାତ କଲେ ଏବଂ ତାଙ୍କ ପିତାଙ୍କୁ ଅପହରଣ କରିଥିବାରୁ କ୍ଷମା ପ୍ରାର୍ଥନା କଲେ । ବରୁଣ ତାଙ୍କର ଦର୍ଶନ ନିମିତ୍ତ ବକ୍ରମାର୍ଗ ଆପଣେଇ ଥିବାରୁ ତାଙ୍କୁ ରୁଷ୍ଟ ଥିଲେ ବି ଶରଣାଗତ ବତ୍ସଳ କାରଣରୁ କ୍ଷମାକଲେ । ନନ୍ଦରାଜ ବରୁଣଙ୍କ ବ୍ୟବହାର ଏବଂ ତାଙ୍କ ପୁରୀ ଦର୍ଶନ କରିଥିବାରୁ ଆନନ୍ଦିତ ହେଲେ । ଗୋପପୁରକୁ ଫେରି ବରୁଣପୁରୀ କଥା କହିବାରୁ ସମସ୍ତେ ଆନନ୍ଦିତ ହେଲେ ଏବଂ ନନ୍ଦଙ୍କୁ ପ୍ରଶଂସା କରିବା ସହ ତାଙ୍କ ପୁତ୍ର ଭଗବାନ ହୋଇଥିବାରୁ ତାଙ୍କୁ ଦର୍ଶନର ସୌଭାଗ୍ୟ ମିଳିଲା ଏବଂ ତାଙ୍କର ଭାଗ୍ୟ ନାହିଁ ବୋଲି ମନ ଦୁଃଖ କରିବାରୁ ଦୟାସାଗର ଭଗବାନ ନିଜ ମାୟା ବଳରେ ବରୁଣ ରାଜ୍ୟ ଏବଂ ନିଜ ନିବାସ ବୈକୁଣ୍ଠପୁର ମଧ ଦର୍ଶନ କରାଇଲେ । ମାୟା ଅପସାରଣ ପରେ ସମସ୍ତେ କୃଷ୍ଣଙ୍କୁ କୋଳାଗ୍ରତ କରିବା ସହ ଦେବ ଦୁର୍ଲ୍ଲଭ ପୁର ଦର୍ଶନ କାରଣରୁ ଅତ୍ୟନ୍ତ ଭାଗ୍ୟବାନ ବୋଲି ନିଜକୁ ମନେକଲେ ।

### ୨୯ଶ ଅଧ୍ୟାୟ , ରାସଲୀଳା ଆରମ୍ଭ

ଏହାପରେ ଶ୍ରୀଶୁକଦେବ ଭଗବାନ ଶ୍ରୀକୃଷ୍ଣଙ୍କ ଶରଦ ରାସକ୍ରୀଡା ସମ୍ପର୍କରେ ବର୍ଣ୍ଣନା କଲେ । ଶରତ ଋତୁର ଶୁଭ୍ର, ନିର୍ମଳ ଜ୍ୟୋତ୍ସ୍ନା ବିଧୌତ ରଜନୀର କାଳନ୍ଦୀ ତଟସ୍ଥ କଦମ୍ବ ତରୁ ମୂଳରେ ବିହାର କରୁ କରୁ ପ୍ରଭୁଙ୍କର ମନ ନିଜର ପ୍ରିୟ ଭକ୍ତ ଷୋଳ ସହସ୍ର ମୁନିଗଣଙ୍କୁ ସେମାନଙ୍କର ତପସ୍ୟାର ଫଳ ସ୍ୱରୂପ ଏ ଜନ୍ମର ଗୋପୀମାନଙ୍କ ସହ ରାସକ୍ରୀଡାରେ ପ୍ରବୃତ୍ତ ହେବାକୁ ଇଚ୍ଛା ହେବାରୁ ମାୟାରେ ସୁଦୀର୍ଘ ବ୍ରହ୍ମନିଶି ରଚନାକରି ମୁରଲୀକୁ ମଧୁର ସ୍ୱରରେ ବାଦନ କଲେ । ଶରତ ଋତୁର ଜ୍ୟୋତ୍ସ୍ନା, ମଧୁର ପବନ, ସୁରଭିଯୁକ୍ତ ପୁଷ୍ପର ସୁଗନ୍ଧ ଚତୁର୍ଦ୍ଦିଗରେ ସଞ୍ଚାରିତ ହେଉଥାଏ । ମଲ୍ଲୀପୁଷ୍ପ ମାତାଲକ୍ଷ୍ମୀଙ୍କର ଶ୍ରୀମୁଖ ପ୍ରାୟ ଶୋଭା ପାଉଥାଏ । ନିଜର ଇଷ୍ଟର ରାସକୁ ସଫଳ କରିବା ପାଇଁ ପ୍ରକୃତି ସତେ ଯେପରି ସମସ୍ତ ଆୟୋଜନ କରିଛି । ନିତ୍ୟଧାମ ବୈକୁଣ୍ଠ ସତେ ଯେପରି ଆଜି ମର୍ତ୍ତ୍ୟକୁ ଚାଲିଆସିଛି । ସମସ୍ତ ଦେବତା, ଯକ୍ଷ, ରକ୍ଷ, କିନ୍ନର ଗନ୍ଧର୍ବ ନିଜ ଆରାଧ୍ୟର ଏହି ମହାନ କ୍ରୀଡାକୁ ଦର୍ଶନ ନିମନ୍ତେ ଅଦୃଶ୍ୟରେ ସ୍ଥାନ ନେଇସାରିଛନ୍ତି । ତ୍ରିଭଙ୍ଗୀଠାଣୀରେ ଉଭା ଭଗବାନ ମୃଦୁ ମଧୁର ବଂଶୀ ଧ୍ୱନି କଲେ । ସେହି ମୋହନ ବଂଶୀରୁ ସତେ ଯେପରି ଅପୂର୍ବ ଧ୍ୱନି ନିନାଦିତ ହୋଇ ଜଣେ ଜଣେ ଗୋପୀଙ୍କର ନାମ ଉଚ୍ଚାରଣ କଲା । ଗୋପୀମାନେ ସେହି ଡାକରେ ସ୍ତମ୍ଭିତ ହେଲେ । କର୍ମ ଚଞ୍ଚଳ ହାତ ଅବଶ ହୋଇପଡିଲା । ଶରୀରରେ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚାଦି ସାତ୍ତ୍ୱିକ ବିକାରମାନ ଦେଖାଯାଇ କନ୍ଦର୍ପ ତାପରେ ଶରୀର ପ୍ରକମ୍ପିତ ହେଲା । ସେମାନେ କୌଣସି କାମ କରିପାରିଲେ ନାହିଁ । ଗୋପୀମାନେ ବିଚାର କଲେ ଯାହା ପାଇଁ ସେମାନେ ଜନ୍ମଜନ୍ମାନ୍ତର ଧରି ତପ କରିଛନ୍ତି, ଯାହାଙ୍କୁ ଟିକିଏ ନ ଦେଖିଲେ ସେମାନେ ବାଉଳା ହୁଅନ୍ତି, ଯାହାକୁ ପତି ରୂପେ ପାଇବାକୁ କେତେ ତପସ୍ୟା କରିଛନ୍ତି, ଯାହାଙ୍କ ସମ୍ମୁଖରେ ଉଲଗ୍ନ ହୋଇ ଉଲ୍ଲସିତ ହୋଇଛନ୍ତି, ଯାହାକୁ ନିଜ ବାହୁ ବନ୍ଧନରେ ବାନ୍ଧି ରଖିବାକୁ ଆଶା ପୋଷଣ କରିଛନ୍ତି ସେହି ହଟିଆ, ନଟ ନାଗର କଥା ଦେଇଥିଲେ ଆମର ଇଚ୍ଛା ପୂରଣ କରିବାକୁ ବୋଧେ ଆଜି ତାଙ୍କର ମନେ ପଡିଲା ଦେଇଥିବା କଥାକୁ ପୂରଣ କରିବାକୁ । ସେଇଥିପାଇଁ ତ ଜଣ ଜଣକୁ ସେ ମୁରଲୀ ଦ୍ୱାରା ଡାକୁଛନ୍ତି । ପ୍ରତ୍ୟେକ ଗୋପୀ ନିଜର ଉତ୍କଣ୍ଠାକୁ ଜାବୋଡି ଧରି ଏକା ମିଶିବାର ମାନସିକତାକୁ ନେଇ, ଏକାକୀ ନନ୍ଦ ନନ୍ଦନକୁ ଦେଖିବାକୁ, ରମଣ କରିବାକୁ ଯିବି, ସପତଣୀ ନଥିବେ ଯେ ବିଘ୍ନ ଘଟାଇବେ ଚିନ୍ତି ଅଗ୍ରସର ହେଲେ । ପୁଣି ମନରେ ପ୍ରଶ୍ନ ସ୍ୱାମୀ, ସନ୍ତାନ ଛାଡି କିପରି ଯିବି ? ନଗଲେ ବା କିପରି ବଞ୍ଚିବି ? ଶରୀର ସିନା ଏଠାରେ ଅଛି ପ୍ରାଣତ କେବେଠାରୁ କୃଷ୍ଣଙ୍କର ହୋଇସାରିଛି । ଆଜି ଶରୀର ମଧ କନ୍ଦର୍ପ ତାପରେ ଦଗ୍ଧ ହେବାକୁ ବସିଛି, କ୍ରମେ ସମସ୍ତ ଶକ୍ତି ଲୋପ ପାଇବାକୁ ଯାଉଛି । କିଏ ଗୋପୀ ଗୋଦହନ କରୁଥିଲା, କିଏ ବା ସରଳବଣୀ ପ୍ରସ୍ତୁତ କରୁଥିଲା ଅବା ଦଧି ମନ୍ଥୁଥିଲା, କିଏ ପତି ଚରଣ ସେବା କରୁଥିଲା ଅବା ଅନ୍ନ ଭୁଞ୍ଜୁଥିଲା, କିଏ ନୟନରେ ଅଞ୍ଜନ ଲଗାଉଥିଲା । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରିଙ୍ଗ



ଶ୍ୱେତା ରାଉତ୍

# ମାଆମାନେ ମିଛ କୁହନ୍ତି

ସାଧ୍ୱୀଟିଏ ହୋଇ ଭକ୍ତି ଭାବରେ ଥିବାବେଳେ ମନ କହେ 'ଏ ସାରା ସଂସାର କେବଳ ଏକ ଭ୍ରମ । ଏଠି କେହି କାହାର ନୁହନ୍ତି, ସମସ୍ତେ ନିଜ ନିଜର କର୍ମ ନେଇ ପ୍ରାରବ୍ଧ ଭୋଗ କରନ୍ତି, ତେଣୁ ସଂସାର ମୋହରେ ବାନ୍ଧି ନହୋଇ ଈଶ୍ୱରଙ୍କ ପ୍ରତି ଭକ୍ତି ଭାବରେ ଲୀନ ହୋଇଯିବା ହିଁ ଆମର ଧର୍ମ' । ଲେଖିକାଟିଏ ହୋଇ ସ୍ୱପ୍ନ ଲେଖିବାବେଳେ ଏକ ପରିପକ୍ୱ ସଂସାରୀ (ଗୃହିଣୀ)ପରି କେବଳ ମାଆର କର୍ତ୍ତବ୍ୟ କରିବା ଓ ପୁଅ ପ୍ରତି ମୋହ ନରଖିବାକୁ ସମାଜର ଅନେକ ମାଆଙ୍କ ପାଇଁ ବାର୍ତ୍ତାଟିଏ ଉତୁରି ଆସେ କଲମରୁ । ଏମିତି ସୁନ୍ଦର ବିଚାର ନେଇ ସକାଳୁ ସକାଳୁ ତୁଳସୀ ଚଉରା ମୂଳେ ଜଳ ଅର୍ପଣ କଲାବେଳେ, ମାଆ ବୃନ୍ଦାବତୀଙ୍କୁ ଗୁହାରି କରି ପୁଅକୁ ସମର୍ପି ଦିଏ ଅକୁଣ୍ଠ ଚିତ୍ତରେ । ମା ବୃନ୍ଦବତୀ ମୋ ପୁଅକୁ ତା ପଣତ ଛାଇ ତଳେ ଘୋଡ଼େଇ ରଖୁ ବୋଲି ଆକୁଳ ନିବେଦନ କରେ । ସୂର୍ଯ୍ୟଙ୍କୁ ଜଳ ତର୍ପଣ କରି ବିଷ୍ଣୁ ଭଗବାନଙ୍କ ଆବାହନ କଲାବେଳେ ପୁଅ ପାଇଁ ଲମ୍ବା ଆୟୁଷ, ଯଶ, କୀର୍ତ୍ତି, ସୁଖ, ସମ୍ପଦ ସବୁ ମାଗିନିଏ ଯେମିତି ତା ସୁଖଠାରୁ ଏ ସଂସାରରେ ଆଉ କିଛି ବଡ ସୁଖ ନାହିଁ । ପୁଅକୁ ଈଶ୍ୱରଙ୍କ ଶରଣରେ ଅର୍ପଣ କରି ଦେଇ ମନକୁ କେତେ ହାଲୁକା ଲାଗେ । ପ୍ରଗାଢ ବିଶ୍ୱାସ ଥାଏ ପ୍ରଭୁ ହିଁ ପୁଅର ରକ୍ଷା କର୍ତ୍ତା, ଡର ଆଉ କାହାକୁ ?

କିନ୍ତୁ ଏତେ ଭକ୍ତି, ବିଶ୍ୱାସ, ସମର୍ପଣ ଥିବା ସତ୍ତ୍ୱେ ପୁଅ ଗାଡ଼ି ଧରି ବାହାରି ଗଲା ବେଳେ ମନ ଛଟପଟ ହୁଏ, ଦୁଆର ବନ୍ଧରେ ଠିଆ ହୋଇ ହାତ ଯୋଡ଼ି ପ୍ରଭୁଙ୍କୁ ଡାକି ପକାଏ 'ଓଁ କୃଷ୍ଣାୟ ବାସୁଦେବାୟ ହରହେ ପରମାତ୍ମନେ, ପ୍ରଣତଃ କ୍ଲେଶ ନାଶାୟ ଗୋବିନ୍ଦାୟ ନମୋ ନମଃ । ପହଞ୍ଚିଲେ ଫୋନ୍ କରିବୁ, ଗାଡ଼ି ଚଲାଇବା ବେଳେ ଫୋନ୍‌ରେ କଥା ହେବୁନି, କାହା ସହିତ କଳି ଝଗଡା କରିବୁନି, କଲେଜ୍‌ରୁ ବାହାରିଲେ ମେସେଜ ଗୋଟେ କରିଦେବୁ ବାହାରିଲୁ ବୋଲି' ଏମିତି କେତେ କଥା କହିପକାଏ ଏକା ଥରକେ । ପୁଅ କଲେଜ୍ ପହଞ୍ଚିବା ଯାଏ ଈଶ୍ୱରଙ୍କୁ ଡାକିବା ବନ୍ଦ ହୁଏନାହିଁ ମନରୁ ।

ପୁଅ ଏକ ସାଂସାରିକ ମୋହ ବୋଲି ଲେଖୁଥିବା ଲେଖିକାଟିଏ, ଆସକ୍ତି ନରଖିବାକୁ ସମାଜକୁ ବାର୍ତ୍ତା ଦେଉଥିବା ସାଧ୍ୱୀକାଟିଏ, ସତ୍ୟକୁ ସ୍ୱୀକାର କରି ଜୀବନ ପଥରେ ଆଗେଇ ଯିବାକୁ ପ୍ରେରଣା ବାଣ୍ଟୁଥିବା ହୃଦୟଟିଏ ସତରେ କେତେ ସହଜରେ ହାରିଯାଏ ଗୋଟେ ମାଆର ହୃଦୟ ପାଖରେ । ମୋହ ନରଖିବାକୁ କହି ନିଜେ ବାନ୍ଧି ହୋଇଯାଏ ମୋହରେ, ଆସକ୍ତି ନରଖିବାକୁ କହି ଗୋଟାପଣେ ଆଚ୍ଛନ୍ନ ଥାଏ ପୁତ୍ର ପ୍ରେମରେ । ଈଶ୍ୱରଙ୍କ ନିକଟରେ ପୁଅକୁ ସମର୍ପି ଦେବା ପରେବି,ସେ ଚିନ୍ତା କରୁଥାଏ ପୁଅ ପାଇଁ, ଛଟପଟ ହେଉଥାଏ ତା ଫେରିବା ବାଟକୁ ଚାହିଁ, ପୁଅକୁ ଦେଖିଦେଲେ ସତେ ଯେମିତି ଶରୀର ଭିତରେ ଜୀବନ ଆସେ । ତାହେଲେ କଣ ସେ ମା ଈଶ୍ୱରକୁ ଭରସା କରେନି ? ନା ଈଶ୍ୱରଙ୍କ ଅପେକ୍ଷା ପୁଅ ପାଇଁ ତାର ଆଶୀର୍ବାଦ ଅଧିକା ଶକ୍ତିଶାଳୀ ?

ସତରେ ସବୁ ମାଆ ଠିକ୍ ଏମିତି ନିଶ୍ଚୟ । ମାଆମାନେ ମିଛ କୁହନ୍ତି ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ । ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

***ପରିସ୍ରା ରଙ୍ଗରେ ପରିବର୍ତ୍ତନ :-***

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

***ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ :-***

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

***ଜ୍ୱର ମଧ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-***



ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ । ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରିରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରମ୍ପସ୍ ମଧ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ । ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ । ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି । ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତରେ ବେସରକାରୀ ବିଦ୍ୟାଳୟ ଶୁଳ୍କ ବୃଦ୍ଧି: ଶିକ୍ଷା ନା ଅସମାନତାର ନୂଆ ମାଧ୍ୟମ ?

ପ୍ରତି ଶିକ୍ଷାବର୍ଷର ଶେଷରେ, ଦିଲ୍ଲୀ, ବେଙ୍ଗାଲୁରୁ, ମୁମ୍ବାଇ ଏବଂ ହାଇଦ୍ରାବାଦ ଭଳି ମହାନଗରୀରେ ଛାତ୍ରଛାତ୍ରୀଙ୍କ ଅପେକ୍ଷା ସେମାନଙ୍କ ଅଭିଭାବକମାନଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୁଏ । ଏହି ଭୟ ରିପୋର୍ଟ କାର୍ଡକୁ ନେଇ ନୁହେଁ, ବରଂ ନୂତନ ଶିକ୍ଷାବର୍ଷ ପାଇଁ ବିଦ୍ୟାଳୟ ଶୁଳ୍କ ବୃଦ୍ଧି ସମ୍ବନ୍ଧୀୟ ଚିଠିକୁ ନେଇ । ଗୋଟିଏ ସମୟରେ ଶିକ୍ଷାକୁ ସମାଜରେ ସମାନତା ଆଣିବାର ଏକ ମୁଖ୍ୟ ମାଧ୍ୟମ ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ଆଜି ତାହା ଅସମାନତାର ଏକ ବୃହତ୍ତମ କାରଣ ପାଲଟିବାରେ ଲାଗିଛି । ବେସରକାରୀ ବିଦ୍ୟାଳୟଗୁଡ଼ିକର ଶୁଳ୍କ ବୃଦ୍ଧି ହାର ଅଭିଭାବକମାନଙ୍କ ଆୟ ବୃଦ୍ଧି ହାରଠାରୁ ଯଥେଷ୍ଟ ଅଧିକ ହେବା ଏକ ଗମ୍ଭୀର ସାମାଜିକ ଓ ଆର୍ଥିକ ସମସ୍ୟା ସୃଷ୍ଟି କରିଛି।

ଏହି ସମସ୍ୟାର ଗମ୍ଭୀରତାକୁ ବିଭିନ୍ନ ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି । **LocalCircles** ଦ୍ୱାରା ୩୦୯ଟି ଜିଲ୍ଲାର ୩୧,୦୦୦ ଅଭିଭାବକଙ୍କ ଉପରେ କରାଯାଇଥିବା ଏକ ଜାତୀୟ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରୁ ୨୦୨୫ ମଧ୍ୟରେ ୪୪% ଅଭିଭାବକ ୫୦-୮୦% ଶୁଳ୍କ ବୃଦ୍ଧିର ସମ୍ମୁଖୀନ ହୋଇଛନ୍ତି ଏବଂ ୮% ଅଭିଭାବକ ୮୦%ରୁ ଅଧିକ ବୃଦ୍ଧି ରିପୋର୍ଟ କରିଛନ୍ତି । ଏହାର ବିପରୀତରେ, ୨୦୨୫ ପାଇଁ ଭାରତରେ ମଧ୍ୟମା ବେତନ ବୃଦ୍ଧି ହାର ୯.୪-୯.୫% ରହିବ ବୋଲି ଆକଳନ କରାଯାଇଛି, ଯାହା ଶୁଳ୍କ ବୃଦ୍ଧି ତୁଳନାରେ ଯଥେଷ୍ଟ କମ୍ । ୨୦୨୫-୨୬ ଶିକ୍ଷାବର୍ଷ ପାଇଁ, ଦେଶର ୮୧% ବେସରକାରୀ ବିଦ୍ୟାଳୟର ଅଭିଭାବକମାନେ ୧୦%ରୁ ଅଧିକ ଶୁଳ୍କ ବୃଦ୍ଧିର ସମ୍ମୁଖୀନ ହୋଇଥିବାବେଳେ, ୨୨%ଙ୍କ ପାଇଁ ଏହା ୩୦%ରୁ ଅଧିକ ଥିଲା । ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ଭଳି ମହାନଗରୀରେ ବାର୍ଷିକ ଶୁଳ୍କ ବୃଦ୍ଧି ୫୦% ପର୍ଯ୍ୟନ୍ତ ପହଞ୍ଚିବା ଅଭିଭାବକମାନଙ୍କୁ ଆର୍ଥିକ ସଙ୍କଟରେ ପକାଇଛି ।

ଏହି ଆର୍ଥିକ ବୋଝର ପ୍ରଭାବ କେବଳ ତଥ୍ୟରେ ସୀମିତ ନୁହେଁ, ବରଂ ହଜାର ହଜାର ପରିବାରର ବାସ୍ତବ ଜୀବନରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି । ବେଙ୍ଗାଲୁରୁର ଏକ ଟେକ୍ ଦମ୍ପତି ଯିଏ ବାର୍ଷିକ ୨୫ ଲକ୍ଷ ଟଙ୍କା ରୋଜଗାର କରନ୍ତି, ସେମାନେ ବର୍ତ୍ତମାନ ସେମାନଙ୍କ ଦୁଇ ପିଲାଙ୍କ ବିଦ୍ୟାଳୟ ଶୁଳ୍କ ବାବଦକୁ ବର୍ଷକୁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ସେମାନଙ୍କ ପିଲାମାନଙ୍କୁ ବିଦେଶରେ କଲେଜ ପଠାଇବା ଭଳି ସେମାନଙ୍କୁ ବଜେଟ୍ କରିବାକୁ ପଡୁଛି ବୋଲି ପିତା କହିଛନ୍ତି । ଗୁରୁଗ୍ରାମର ଜଣେ ଶିକ୍ଷୟିତ୍ରୀ, ଯାହାଙ୍କ ମାସିକ ବେତନ ୬୦,୦୦୦ ଟଙ୍କା, ୩୫% ଶୁଳ୍କ ବୃଦ୍ଧି ପରେ ତାଙ୍କ ପୁଅକୁ ଏକ ପ୍ରତିଷ୍ଠିତ ବେସରକାରୀ ବିଦ୍ୟାଳୟରୁ ବାହାର କରିବାକୁ ବାଧ ହୋଇଥିବା କହିବାବେଳେ ଭାବପ୍ରବଣ ହୋଇପଡ଼ିଥିଲେ । ହାଇଦ୍ରାବାଦରେ, ଏକ ପ୍ଲେସ୍କୁଲ୍ ନର୍ସରୀ ପ୍ରବେଶ ପାଇଁ ବାର୍ଷିକ ୨.୫୧ ଲକ୍ଷ ଟଙ୍କା ଦାବି କରିଥିଲା, ଯାହା ଅନଲାଇନରେ ଆକ୍ରୋଶ ସୃଷ୍ଟି କରିଥିଲା ଏବଂ ଅନୁରାଧା ତିୱାରୀ ନାମକ ଜଣେ ଉପଭୋକ୍ତା 'ବର୍ତ୍ତମାନ, **ABCD** ଶିଖିବା ପାଇଁ ମାସକୁ ୨୧,୦୦୦ ଟଙ୍କା ଖର୍ଚ୍ଚ ହେଉଛି । ସେମାନେ ପ୍ରକୃତରେ କ'ଣ ଶିଖାଉଛନ୍ତି ?' ବୋଲି ପ୍ରଶ୍ନ କରିଥିଲେ। ଏହି ଉଦାହରଣଗୁଡ଼ିକ ସ୍ପଷ୍ଟ କରୁଛି ଯେ ଏହା କେବଳ ଅଭିଜାତ କିମ୍ବା ଆନ୍ତର୍ଜାତୀୟ ବିଦ୍ୟାଳୟଗୁଡ଼ିକର ସମସ୍ୟା ନୁହେଁ, ବରଂ ମଧ୍ୟମ ଧରଣର ବେସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟ ସମାନ ଧାରାରେ ଶୁଳ୍କ ବୃଦ୍ଧି କରୁଛନ୍ତି।

ମଧ୍ୟବିତ୍ତ ପରିବାରଗୁଡ଼ିକ ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର । ଅନେକ ଅଭିଭାବକ ସେମାନଙ୍କ ସଞ୍ଚୟକୁ ବିନିଯୋଗ କରୁଛନ୍ତି, ଛୁଟି ଯୋଜନା ବାତିଲ କରୁଛନ୍ତି, କିମ୍ବା ନର୍ସରୀ ଶୁଳ୍କ ପାଇଁ ମଧ୍ୟ ଋଣ ନେବାକୁ ବାଧ ହେଉଛନ୍ତି । ଏହି ପରିସ୍ଥିତି ଶିକ୍ଷାକୁ ଏକ ମୌଳିକ ଅଧିକାର ଭାବରେ ନୁହେଁ, ବରଂ ଏକ ବିଳାସପୂର୍ଣ୍ଣ ସାମଗ୍ରୀ ଭାବରେ ପରିଣତ କରୁଛି ଯାହା କେବଳ ଧନୀକ ଶ୍ରେଣୀର ପହଞ୍ଚରେ ରହିବ । ଯେତେବେଳେ ମୂଳ ଶିକ୍ଷା ମଧ୍ୟ ଅଧିକରୁ ଅଧିକ ମହଙ୍ଗା ହେବାରେ ଲାଗେ, ସେତେବେଳେ ସମାଜରେ ଅସମାନତା ବୃଦ୍ଧି ପାଇବା ସ୍ୱାଭାବିକ। ଶିକ୍ଷା, ଯାହା ଏକ ସୁଯୋଗର ମାଧ୍ୟମ ହେବା କଥା, ତାହା ବର୍ତ୍ତମାନ ଏକ ବିଭାଜନକାରୀ ଶକ୍ତିରେ ପରିଣତ ହେଉଛି।

ଏହି ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ନୀତିଗତ ଉଦ୍ୟମ କରାଯାଉଥିଲେ ମଧ୍ୟ, ସେଗୁଡ଼ିକର କାର୍ଯ୍ୟକାରିତା ଅତ୍ୟନ୍ତ ଦୁର୍ବଳ ରହିଛି। ଦିଲ୍ଲୀର ସ୍କୁଲ ଶିକ୍ଷା (ସ୍ୱଚ୍ଛତା ଏବଂ ଶୁଳ୍କ ନିୟନ୍ତ୍ରଣ) ବିଲ୍ ୨୦୨୫ ଶୁଳ୍କ ବୃଦ୍ଧିକୁ ପ୍ରତି ତିନି ବର୍ଷରେ ଥରେ ସୀମିତ କରିବା, ଆର୍ଥିକ ତଥ୍ୟ ସାର୍ବଜନୀନ କରିବା ଏବଂ ନିୟମ ଉଲ୍ଲଂଘନ କଲେ ୧ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରିବାକୁ ଲକ୍ଷ୍ୟ ରଖିଛି । ତେବେ, ସମାଲୋଚକମାନେ ଯୁକ୍ତି କରନ୍ତି ଯେ ଏହି ବିଲ୍ ପ୍ରକୃତ ଉତ୍ତରଦାୟିତ୍ୱକୁ ଦୁର୍ବଳ କରୁଛି । ଅଭିଯୋଗ ପାଇଁ ୧୫% ଅଭିଭାବକଙ୍କ ସ୍ୱାକ୍ଷର ଆବଶ୍ୟକ କରିବା, ବିଦ୍ୟାଳୟ ଦ୍ୱାରା ନିଯୁକ୍ତ କମିଟିଗୁଡ଼ିକର ପ୍ରାଧାନ୍ୟ ଏବଂ ସ୍ୱାଧୀନ ଅଡିଟ୍ କ୍ଷମତାର ଅଭାବ ଏହି ବିଲ୍ର ଦୁର୍ବଳତାକୁ ଦର୍ଶାଉଛି । ଏହିପରି ନିୟମାବଳୀର ଅଭାବ କିମ୍ବା ଦୁର୍ବଳ କାର୍ଯ୍ୟକାରିତା ବେସରକାରୀ ବିଦ୍ୟାଳୟଗୁଡ଼ିକୁ ମନମୁଖୀ ଭାବରେ ଶୁଳ୍କ ବୃଦ୍ଧି କରିବାକୁ ସୁଯୋଗ ଦେଉଛି ।

ଅଭିଭାବକମାନେ ଏହି ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି । ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ଅନେକ ପ୍ରତିବାଦ ଦେଖିବାକୁ ମିଳିଛି । **DPS** ଦ୍ୱାରକାରେ ଅଭିଭାବକମାନଙ୍କ ବୃହତ୍ ସମାବେଶ ଶୁଳ୍କ ବୃଦ୍ଧିକୁ ନେଇ ବ୍ୟାପକ ଅସନ୍ତୋଷକୁ ପ୍ରତିଫଳିତ କରୁଛି । ଏହି ପ୍ରତିବାଦଗୁଡ଼ିକ ସରକାର ତଥା ଶିକ୍ଷା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପାଇଁ ଏକ ସ୍ପଷ୍ଟ ସନ୍ଦେଶ ଯେ ଏହି ସମସ୍ୟାକୁ ଆଉ ଅଣଦେଖା କରାଯାଇପାରିବ ନାହିଁ ।

ତଥ୍ୟ ସ୍ପଷ୍ଟ ଦର୍ଶାଉଛି ଯେ ଶିକ୍ଷା ଶୁଳ୍କ ବେତନ ବୃଦ୍ଧି ହାରଠାରୁ ତିନିରୁ ପାଞ୍ଚ ଗୁଣ ଅଧିକ ହାରରେ ବୃଦ୍ଧି ପାଉଛି । ମଧ୍ୟବିତ୍ତ ଅଭିଭାବକମାନେ ଉତ୍ତମ ଶିକ୍ଷା ପାଇଁ ସେମାନଙ୍କର ସଞ୍ଚୟକୁ ବଳିଦାନ ଦେଉଛନ୍ତି, ଛୁଟିଦିନକୁ ବାତିଲ କରୁଛନ୍ତି, କିମ୍ବା ଋଣ ନେବାକୁ ବାଧ ହେଉଛନ୍ତି । ନିୟାମକ ପଦକ୍ଷେପ ପ୍ରସ୍ତାବିତ ହେଉଥିଲେ ମଧ୍ୟ, ସେଗୁଡ଼ିକର କାର୍ଯ୍ୟକାରିତା ଦୁର୍ବଳ ରହିଛି। ଶକ୍ତିଶାଳୀ ଉତ୍ତରଦାୟିତ୍ୱ କିମ୍ବା ପ୍ରକୃତ ସୁଧାର ବିନା, ଶିକ୍ଷା ସୁଯୋଗର ମାଧ୍ୟମ ନ ହୋଇ ଅସମାନତାର ଏକ ଉପକରଣରେ ପରିଣତ ହେବାର ଆଶଙ୍କା ରହିଛି । ସରକାର ତୁରନ୍ତ ଏହି ଦିଗରେ ଦୃଢ଼ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ, ଯାହା ଦ୍ୱାରା ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଏବଂ ସୁଲଭ ଶିକ୍ଷା ପାଇବାର ଅଧିକାରରୁ ବଞ୍ଚିତ ନ ହୁଅନ୍ତି । ଶିକ୍ଷା କେବଳ ଏକ ବ୍ୟବସାୟ ନୁହେଁ, ଏହା ଏକ ସାମାଜିକ ଦାୟିତ୍ୱ, ଯାହାକୁ ସରକାର ଓ ଶିକ୍ଷାନୁଷ୍ଠାନ ଉଭୟ ବୁଝିବା ଆବଶ୍ୟକ ।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଗୋଟିଏ ଦିନର ନୀତିକାନ୍ତି




ଭୋଳାନାଥ ସାହୁ




ଶ୍ରୀଜଗନ୍ନାଥ ଓଡ଼ିଶାର ମୁକୁଟ ବିହୀନ ସମ୍ରାଟ । ଉତ୍କଳୀୟଙ୍କ ଉପରେ ତାଙ୍କର ଅପ୍ରତିହତ ଆଭିପତ୍ୟ । ୨୧୫ ଫୁଟ ଉଚ୍ଚତା ବିଶିଷ୍ଟ ଚାରୁକଳା ସମ୍ପନ୍ନ ମନ୍ଦିରର ରତ୍ନସିଂହାସନରେ ସେ ଆସୀନ । ତାଙ୍କର ଦୈନନ୍ଦିନ ସବାରେ ୮୮ ପ୍ରକାରର ସେବକ ନିୟୋଜିତ । ୧୯୫୨ ମସିହାରେ ପ୍ରସ୍ତୁତ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ଦୈନିକ ୨୧ ଗୋଟି ନୀତି ପାଳିତ ହୁଏ । ଶ୍ରୀମନ୍ଦିରର ଠାକୁରଙ୍କର ଏହି ଦୈନନ୍ଦିନ ନୀତିକାନ୍ତି ସମ୍ପର୍କରେ କ୍ରମାନ୍ୱୟରେ ଏଠାରେ ଆଲୋଚନା କରାଯାଇଅଛି । ଯାହାଦ୍ୱାରା ପ୍ରତ୍ୟେକ ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁ ଏହି ନୀତି ଗୁଡ଼ିକ କଣ, କିପରି ଓ କେଉଁ ସମୟରେ ଅନୁଷ୍ଠିତ ହୁଏ ତାହା ମର୍ମେ ମର୍ମେ ହୃଦୟଙ୍ଗମ କରି ଶ୍ରୀଜଗନ୍ନାଥଙ୍କ ପ୍ରତି ଅନୁପ୍ରାଣିତ ହେବେ ।

**୧) ଦ୍ୱାରଫିଟା ଓ ମଙ୍ଗଳ ଆଳତି:-** ଦ୍ୱାର ଫିଟା ନୀତିକୁ ଶ୍ରୀମନ୍ଦିର ନୀତିକାନ୍ତିର ପ୍ରଥମ ନୀତି ବୋଲି କୁହାଯାଏ । ମାତ୍ର ଦ୍ୱାର ଫିଟାଇ ମହାପ୍ରଭୁଙ୍କୁ ନିଦରୁ ଉଠାଇ ରତ୍ନସିଂହାସନରେ ବିଜେ କରାଇବା ନୀତି ହିଁ ପ୍ରଥମ ନୀତି । ଠାକୁଙ୍କ ନିଦ୍ରାଭଙ୍ଗହେବା ପରେ ମଙ୍ଗଳ ଆଳତି କରାଯାଏ । ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳମୟ ମହାପ୍ରଭୁଙ୍କ ଉଦେଶ୍ୟରେ ଏବଂ ଜଗତର ମଙ୍ଗଳ ନିମନ୍ତେ କରାଯାଉଥିବା ଆଳତିକୁ 'ମଙ୍ଗଳ ଆଳତି' କୁହାଯାଏ । ତିନି ଆଳତି ପରେ ପିଠଉ ଆଳତି କରାଯାଏ । କର୍ପୂର ଓ ପୀଠଉର ଅବଶିଷ୍ଟ ଅଂଶକୁ ଭକ୍ତ ମାନଙ୍କ ଉଦେଶ୍ୟରେ ବଂଟନ କରାଯାଏ । ଏବେ ମଙ୍ଗଳ ଆଳତି ସକାଳ ଘ.୬.୦୦ମି.ରେ ହେଉଛି । ଆବଶ୍ୟକତା ଅନୁଯାୟୀ ଏହି ସମୟର ପରିବର୍ତ୍ତନ କରାଯାଇଥାଏ ।

**୨) ମଇଲମ :-** ଶ୍ରୀଜୀଉ ମାନଙ୍କର ପିନ୍ଧିଥିବା ବସ୍ତ୍ରକୁ ଓଲଗି କରି ଅନ୍ୟବସ୍ତ୍ର ପିନ୍ଧାଇବାକୁ 'ମଇଲମ' କହନ୍ତି । ଆଳତି କରୁଥିବା ତିନି ପୁଷ୍ପାଳକ ସେବକ ରତ୍ନ ସିଂହାସନ ଉପରକୁ ଉଠି ଏହି ମଇଲମ କରିଥାନ୍ତି । ଏଥିପାଇଁ ପୂର୍ବଦିନରୁ ଚାଙ୍ଗଡ଼ା ମେକାପ ଦିନକ ପାଇଁ ଆବଶ୍ୟକୀୟ ବସ୍ତ୍ରମାନ ନେଇ ଚାଙ୍ଗଡ଼ା ଘରେ ସଜାଡ଼ି ରଖିଥାନ୍ତି । ମଙ୍ଗଳ ଆଳତି ପରେ, ଅବକାଶ ଧୂପ ପରେ, ସକାଳ ଧୂପ ପରେ, ମଧ୍ୟାହ୍ନ ଧୂପ ପରେ, ସନ୍ଧ୍ୟାଧୂପ ପରେ ଓ ଚନ୍ଦନଲାଗି ନୀତି ପରେ - ଏହିପରି ସାଧାରଣ ଦିନ ମାନଙ୍କରେ ଛଅ ଥର ମଇଲମ କରାଯାଏ ।

**୩) ଅବକାଶ :-** ଶ୍ରୀବିଗ୍ରହ ମାନଙ୍କର ଦନ୍ତ ମାର୍ଜନ ଓ ସ୍ନାନାଦି କର୍ମକୁ 'ଅବକାଶନୀତି' କୁହାଯାଏ । ସକାଳ ୭ଟା ସମୟରେ ଏହି ନୀତି ପାଳିତ ହୁଏ । ଅବକାଶ ନୀତି ପାଳନ ନିମନ୍ତେ ପୁଷ୍ପାଳକ, ସୁଆରବଡୁ, ପାଣିଆପଟ, ଖଟୁଳି ସେବକ, ଦର୍ପଣିଆ, ମୁଖ ପ୍ରଖାଳ ପ୍ରତିହାରୀ, ଅଁଳାଘଟୁଆରୀ, ଭଣ୍ଡାର ମେକାପ, ମହାଭୋଇ, ଜ୍ୟୋତିଷ ପ୍ରଭୃତି ଦଶପ୍ରକାରର ସେବକ ନିୟୋଜିତ ହୋଇଥାନ୍ତି । ସ୍ନାନ ନିମନ୍ତେ କର୍ପୂର, ଦହି, ଅଁଳା, ଚନ୍ଦନ ପ୍ରଭୃତି ମିଶ୍ରିତ ସୁବାସିତ ଜଳ ବ୍ୟବହାର କରାଯାଏ । ପଂଚଉପଚାର ପୂଜାବିଧିରେ ଏହି ନୀତି ପାଳିତ ହୁଏ । ଏହି ନୀତି ପାଳନ ସମୟରେ ଶ୍ରୀମନ୍ଦିର ଜ୍ୟୋତିଷ ସେବକ ରତ୍ନସିଂହାସନ ଆଗରେ ଠିଆହୋଇ ସେଦିନର ତିଥି, ବାର, ନକ୍ଷତ୍ର ଓ ଗ୍ରହ ଚଳନ ବିଷୟରେ ସୂଚନା ପ୍ରଦାନ କରନ୍ତି ।

**୪) ଅବକାଶ ପରର ମଇଲମ :-** ଅବକାଶ ନୀତି ସମ୍ପନ୍ନ ହେବା ପରେ ଯେଉଁ ମଇଲମ କରାଯାଏ ତାହା ସପ୍ତାହର ବାର ଅନୁଯାୟୀ ହୁଏ । ଅର୍ଥାତ ରବିବାର ନାଲିରଙ୍ଗର ପାଟ, ସୋମବାର କଳାଛିଟ ମିଶା ଧଳା ପାଟ, ମଙ୍ଗଳବାର ପାଟିଆପାଟ, ବୁଧବାର ନୀଳପାଟ, ଗୁରୁବାର ହଳଦିଆପାଟ, ଶୁକ୍ରବାର ଧଳାପାଟ, ଶନିବାର କଳାପାଟ ବସ୍ତ୍ର ପିନ୍ଧାଯାଏ । ରତ୍ନସିଂହାସନସ୍ଥ ସପ୍ତଦିଅଁଙ୍କ ପାଇଁ ମଇଲମ ବସ୍ତ୍ରର ଦୈର୍ଘ୍ୟ, ପ୍ରସ୍ଥ ମାପମଧ ଭିନ୍ନ ଭିନ୍ନ ଅଟେ ।

**୫) ସାହାଣ ମେଲା:-** ସାହାଣ ମେଲାର ଅର୍ଥ ସାଧାରଣ ଦର୍ଶନ ବ୍ୟବସ୍ଥା । ଠାକୁରଙ୍କ ଅବକାଶ ମଇଲମ ପରେ ସର୍ବସାଧାରଣ ଦର୍ଶନର ସୁଯୋଗ ଦିଆଯାଏ । ପୂର୍ବରୁ ସର୍ବସାଧାରଣ ଦର୍ଶନ ବିନା ପରମାଣିକ ଟିକଟରେ ରତ୍ନ ସିଂହାସନକୁ ପରିକ୍ରମା ପୂର୍ବକ ଠାକୁର ଦର୍ଶନ କରୁଥିଲେ । ମାତ୍ର ୨୦୧୬ ମସିହାରେ ଗର୍ଭଗୃହ ପ୍ରବେଶ ଦର୍ଶନ ବନ୍ଦ ହୋଇ ଯାଇଛି ।

**୬) ବେଶଲାଗି :-** ବେଶଲାଗି ନୀତି ଶ୍ରୀମନ୍ଦିରର ଶ୍ରୀଜୀଉ ମାନଙ୍କର ଏକ ଦୈନନ୍ଦିନ ପାରମ୍ପରିକ ନୀତି । ଏହି ନୀତି ଅନୁସାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଦେବୀ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥାନ୍ତି । ସପ୍ତାହର ବିଭିନ୍ନ ବାର ଅନୁଯାୟୀ ଠାକୁରଙ୍କର ବେଶ ଓ ଅଳଙ୍କାର ଲାଗିହୁଏ । ଏହାସହିତ ବର୍ଷର ବିଭିନ୍ନ ପର୍ବ ପର୍ବାଣୀରେ ସ୍ୱତନ୍ତ୍ର ବେଶ କରାଯାଇଥାଏ । ଏହାସକାଳ ୮ଟା ସମୟରେ ହୁଏ ।

**୭) ରୋଷ ହୋମ:-** ରୋଷହୋମ ଶ୍ରୀମନ୍ଦିର ସ୍ୱତ୍ୱଲିପି ଆନୁଯାୟୀ ସକାଳ ଘ୮.୩୦ ମି. ମଧ୍ୟରେ ଅନୁଷ୍ଠିତ ହେବାର ବିଧି ରହିଛି । ରୋଷଘରକୁ ଧୋ ପଖାଳ କରି ଗୋମୟ ଚନ୍ଦଣ ପାଣି ପଡ଼ି ପରେ ରୋଷ ପାଇକ ପୂଜାପଣ୍ଡାଙ୍କୁ ରୋଷ ହୋମ ପାଇଁ ଡ଼ାକିଥାନ୍ତି । ରୋଷ ହୋମ ପରେ ରାଜଭୋଗ ଓ ବରାଦି ଭୋଗ ପ୍ରସ୍ତୁତ କରାଯାଏ ।

**୮) ସୂର୍ଯ୍ୟପୂଜା :-** ମୁକ୍ତି ମଣ୍ଡପ ପୂର୍ବ ଦିଗରେ ଥିବା ଏକ ଛୋଟ ମନ୍ଦିରରେ ଲିଙ୍ଗାକୃତି ପଦ୍ମପୀଠରେ ସୂର୍ଯ୍ୟ ପୂଜା କରାଯାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ଏହାକ ସକାଳ ଘ୮.୩୦ମି. ରୁ ଘ୮.୪୫ ମି. ମଧ୍ୟରେ ହେବାର ବିଧି ରହିଛି । ଏହି ନୀତି ସମ୍ପାଦନ ନିମନ୍ତେ ପୂଜା ପଣ୍ଡା, ସୁଆର ବଡୁ, ଗରାବଡୁ, ଘଟୁଆରୀ, ପତ୍ରିବଡୁ ସେବକ ନିୟୋଜିତ ହୋଇଥାନ୍ତି । ସୂର୍ଯ୍ୟପୂଜା ସମୟରେ ସୁଆରବଡୁ ସେବକ ରୋଷଘରୁ ବୈଷ୍ଣବାଗ୍ନୀ ଆଣିଦେବା ପରେ ପୂଜା ପଣ୍ଡା ଏଥିରେ ପୁଷ୍ପଚନ୍ଦନ ଦେଇ ସୂର୍ଯ୍ୟମନ୍ତ୍ରରେ ପୂଜାକରିଥାନ୍ତି ଓ ଭୋଗ ଆକାରରେ ଦୁଇଟି କୋରା ଲାଗି ହୁଏ । ଯାହା ପ୍ରଶାସନ ତରଫରୁ ଯୋଗାଇ ଦିଆଯାଏ ।

**୯) ଦ୍ୱାରପାଳ ପୂଜା :-** ଜୟ ବିଜୟ ଶ୍ରୀଜଗନ୍ନାଥଙ୍କ ଦ୍ୱାରପାଳ । କଳାହାଟ ଦ୍ୱାରର ସମ୍ମୁଖ ଭାଗରେ ଜୟ ବିଜୟ ଦ୍ୱାର ରହିଛି । ଏହି ଦ୍ୱାରର ଉଭୟ ପାର୍ଶ୍ୱ କାନ୍ଥରେ ଜୟବିଜୟ ମୂର୍ତି ରହିଛି । ସୂର୍ଯ୍ୟପୂଜା ଶେଷ ହେବା ପରେ ପୂଜା ପଣ୍ଡା ଦ୍ୱାରପାଳ ପୂଜା କରିଥାନ୍ତି । ଏହି ପୂଜା ପଂଚ ଉପଚାରରେ ହୋଇଥାଏ । ଏହା ଶେଷ ନହେବା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ କୌଣସି ଧୂପ ବା ଭୋଗ ପୂଜା ହୋଇନଥାଏ ।

**୧୦) ଗୋପାଳ ବଲ୍ଲଭ ଭୋଗ :-** ଗୋପାଳ ବଲ୍ଲଭ ଭୋଗ ଶ୍ରୀବିଗ୍ରହମାନଙ୍କର ପ୍ରତି ଦିନର ପ୍ରଥମ ଭୋଗ । ଏଥିରେ ଖଇ, କୋରା, ଦହି, ପାଚିଲା କଦଳୀ, ରାବିଡ଼ି, ମାଖନ, ନଡ଼ିଆ ପ୍ରଭୃତି ଲଗି ହୁଏ । ଏଥିପାଇଁ ଭିତର ପୋଖରିଆ କିମ୍ବା ଅଣସର ପିଣ୍ଡିକୁ ପରିଷ୍କାର କରାଯାଇ ମୁରୁଜରେ ସଜାଯାଏ । ଏହି କାର୍ଯ୍ୟରେ ପାଳିଆ ସୁଆର, ସୁଆରବଡୁ, ପତ୍ରୀବଡୁ, ପ୍ରଧାନୀ ସେବକ ମାନେ ସହାୟତା କରନ୍ତି ।

**୧୧) ସକାଳଧୂପ :-** ସକାଳଧୂପ ଶ୍ରୀଜୀଉ ମାନଙ୍କର ପ୍ରତି ଦିନର ପ୍ରଥମ ଅନ୍ନଭୋଗ । ଏହି ସେବାଲାଗି ୨୦ରୁ ଅଧିକ ସେବକ ଲାଗିଥାନ୍ତି । ସକାଳ ଧୂପ ପାଇଁ ସମସ୍ତ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଯୋଗାଇ ଦେଇ କୋଠ ଭୋଗ ରୋଷରେ ପ୍ରସ୍ତୁତ ହୋଇଥାଏ । ଏହାକୁ ରୋଷଘରୁ ଆଣିବା ସମୟରେ ଛୁଆଁ ବା ମାରା ପ୍ରତି ଧ୍ୟାନ ଦିଆଯଏ । ସକାଳଧୂପ ଶେଷହେବା ପର୍ଯ୍ୟନ୍ତ ଗୋଛିକାର ଓ ପ୍ରତିହାରୀ ସେବକ ଜୟବିଜୟ ଦ୍ୱାର, ବେହରଣ ଦ୍ୱାର ଓ ଧୁକୁଡ଼ି ଦ୍ୱାରକୁ ଜଗି ରହିଥାନ୍ତି । ଏହି ନୀତି ସକାଳ ଘ୧୦.୦୦ମି ମଧ୍ୟରେ ହୋଇଥାଏ ।

**୧୨) ଭୋଗମଣ୍ଡପ :-** ସକାଳ ଧୂପ ପରେ ପାଣିପଡ଼ି ସଫା ହୁଏ ଓ ପୁଷ୍ପାଳକ ମଇଲମ ନିମନ୍ତେ ଚାଙ୍ଗଡ଼ା ମେକାପ, ପାଳିଆ ମେକାପ ଓ ଭୋଗ ମଣ୍ଡପ ପ୍ରତିହାରୀଙ୍କୁ ଡ଼ାକି ବେଶ ବଦଳାଇଥାନ୍ତି । ଏହାପୂର୍ବରୁ ଗରାବଡୁ ଓ ସୁଆରବଡୁ ଭୋଗମଣ୍ଡପକୁ ଧୋପଖାଳ କରି ରଖିଥାନ୍ତି । ଭୋଗମଣ୍ଡପରେ ଭୋଗ ସାମଗ୍ରୀକୁ ପଂଚ ଉପଚାରରେ ପୂଜା କରିସାରିବା ପରେ ଆନନ୍ଦବଜାରକୁ ପଠାଇ ଦିଆଯାଏ । ଏହି ଭୋଗ ରାଜଭୋଗ ନୁହେଁ । କେତେକ ମଠ, ସୁଆର ସେବାୟତ ଓ ବ୍ୟକ୍ତି ବିଶେଷଙ୍କ ତରଫରୁ ବରାଦ ଅନୁସାରେ ପ୍ରସ୍ତୁତ ହୁଏ ଓ ବିକ୍ରୟ ନିମନ୍ତେ ଆନନ୍ଦ ବଜାରକୁ ପଠାଯାଏ । ଏହି ନୀତି ଘ ୧୧.୩୦ମି. ରୁ ଘ ୧.୩୦ ମି ମଧ୍ୟରେ ଶେଷ ହୁଏ ।

**୧୩) ମଧ୍ୟାହ୍ନ ଧୂପ :-** ଏହି ନୀତି ଘ ୧୨.୩୦ମି. ରୁ ଘ୧.୦୦ ମି. ମଧ୍ୟରେ ଅନୁଷ୍ଠିତ ହୁଏ । ସକାଳଧୂପ ପରି ଏହା ମଧ୍ୟ ଷୋଡଶ ଉପଚାରରେ ପୂଜା କରାଯାଏ । ଏହା ସକାଳ ଧୂପଭୋଗ ସାମଗ୍ରୀ ଠାରୁ ଭିନ୍ନ ଅଟେ । ମଧ୍ୟାହ୍ନ ଧୂପରେ ଭୋଗ ହେଉଥିବା ସମସ୍ତ ମହାପ୍ରସାଦ ଠାକୁରଙ୍କ ସେବାରେ ପ୍ରାପ୍ୟ ଭାବରେ ମିଳୁଥିବା ଭୋଗର ଏକ ଅଂଶ । ଏହାକୁ ବିଧି ମୁତାବକ ଦେଉଳ କରଣ ବାଂଟିଥାନ୍ତି ।

**୧୪) ମଧ୍ୟାହ୍ନ ପହୁଡ଼ :-** ମଧ୍ୟାହ୍ନ ଧୂପ ଶେଷ ହେବା ପରେ ସୁଆରବଡୁ ସେବକ ପୋଖରିଆ ଠାରୁ ଭିତରକାଠ ପର୍ଯ୍ୟନ୍ତ ପାଣିପକାଇ ଧୋପଖାଳ କରନ୍ତି । ଏହାପରେ ଖଟଶେଯ ମେକାପ ତିନୋଟି ପଲଙ୍କ ପୋଖରିଆରେ ପକାନ୍ତି । କପୂର ଆଳତି ଓ ବତି ଆଳତି ଶେଷ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ ହୁଏ । ପ୍ରତିହାରି ସେବକ "ମଣିମା ରତ୍ନସିଂହାସନରୁ ରତ୍ନପଲଙ୍କକୁ ବିଜେ ହୁଅନ୍ତୁ" ବୋଲି ଡ଼ାକରା ଦେଇ କଳାହାଟଦ୍ୱାର ବନ୍ଦ କରନ୍ତି । ଏହାକୁ ମଧ୍ୟାହ୍ନ ପହୁଡ଼ କହନ୍ତି । ବର୍ତ୍ତମାନ ଭକ୍ତଙ୍କ ଭିଡ଼ କିମ୍ବା ନୀତିକାନ୍ତିରେ ବିଳମ୍ବତାକୁ ନେଇ ମଧ୍ୟାହ୍ନ ପହୁଡ଼ ହେଉନଥିବାର ଦେଖାଯାଏ ।

**୧୫) ପହୁଡ଼ ଫିଟା ଓ ସନ୍ଧ୍ୟା ଆଳତି:-** ସନ୍ଧ୍ୟା ୬ଟାରେ ଏହି ନୀତି ପାଳିତ ହୁଏ । ପ୍ରତିହାରୀ ସେବକ "ମଣିମା ରତ୍ନସିଂହାସନକୁ ବିଜେ ହୁଅନ୍ତୁ" ବୋଲି ଡ଼ାକରା ଦେଇ ଭିତର ପୋଖରିଆରୁ ପଲଙ୍କସବୁ ବାହାର କରିଦିଅନ୍ତି । ସୁଆରବଡୁ ସେବକ ୨୧ ବତୀ ଆଳତି ସଜାଇ ରତ୍ନସିଂହାସନରେ ରଖନ୍ତି । ତଳିଛମହାପାତ୍ର ଜଗନ୍ନାଥଙ୍କ ବାଡ଼ରେ ଓ ଅନ୍ୟଦୁଇ ପୁଷ୍ପାଳକ ବଡ଼ଠାକୁର ଓ ସୁଭଦ୍ରାଙ୍କ ବାଡ଼ରେ କର୍ପୁର ଆଳତୀ ଓ ୨୧ ବତୀ ଆଳତି କରନ୍ତି । ସନ୍ଧ୍ୟା ଆଳତି ପରେ ମଇଲମ ହୋଇ ପୁଣି ବେଶ କରାଯାଏ ।

**୧୬) ସନ୍ଧ୍ୟା ଧୂପ :-** ସନ୍ଧ୍ୟା ସମୟରେ ଠାକୁରଙ୍କ ଜଳଯୋଗ ବ୍ୟବସ୍ଥାକୁ 'ସନ୍ଧ୍ୟାଧୂପ' କହନ୍ତି । ସନ୍ଧ୍ୟାଧୂପରେ ଭୋଗ ସାମଗ୍ରୀ ସକାଳ ଧୂପ ଓ ମଧ୍ୟାହ୍ନଧୂପ ଠାରୁ ଅଲଗା ହୁଏ । ଷୋଡ଼ଶ ଉପଚାରରେ ପୂଜା ହୋଇ କପୂର ଆଳତି, ୨୧ବତୀ ଆଳତି ଓ ପିଠଉ ଆଳତି ସହିତ ଦୁଇଟି ଅଧିକା ଆଳତି କରାଯାଏ । ଏହାକୁ 'ଜୟମଙ୍ଗଳ ଆଳତୀ' କୁହାଯାଏ ।

**୧୭) ସନ୍ଧ୍ୟାଧୂପ ପରର ସାହାଣ ମେଲା :-** ଏହି ନୀତି ଅନ୍ୟ ଧୂପ ବ୍ୟବସ୍ଥା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଥିରେ କେବଳ ନିଃସଙ୍କୁଡ଼ିଭୋଗ ଲାଗି ହୁଏ । ସନ୍ଧ୍ୟାଧୂପ ପରେ ଦର୍ଶକଙ୍କ ପାଇଁ ସାହାଣ ମେଲା ବ୍ୟବସ୍ଥା କରାଯାଏ । ଫଳରେ ସମସ୍ତ ଶ୍ରଦ୍ଧାଳୁ ଦର୍ଶନର ସୁଯୋଗ ଲାଭ କରନ୍ତି । ଏହା ନିର୍ଦ୍ଦିଷ୍ଟ ସମୟ ପାଇଁ ଚାଲେ ।

**୧୮) ମଇଲମ ଓ ଚନ୍ଦନଲାଗି:-** ରାତ୍ର ପ୍ରାୟ ଘ୧୦.୦୦ମି ବେଳକୁ ଠାକୁରଙ୍କ ବେଶ ପରିବର୍ତ୍ତନ କରାଯାଏ । ଏହା ସହିତ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଚନ୍ଦନ ବୋଳାଯାଏ । ଏହି ଚନ୍ଦନପ୍ରଲେପରେ କର୍ପୂର, କେଶର, କସ୍ତୁରୀ ପ୍ରଭୃତି ମିଶ୍ରିତ ହୋଇଥାଏ । ପଶୁପାଳକ ସେବକ ଏହି ନୀତି ସମ୍ପନ୍ନ କରନ୍ତି ।

**୧୯) ବଡ଼ସିଂହାର ବେଶ :-** ରାତ୍ର ପ୍ରା ଘ୧୧.୦୦ମି ବେଳକୁ ଠାକୁରଙ୍କ ବଡ଼ସିଂହାର ବେଶ ହୁଏ । ଏଥିରେ ଶ୍ରୀଜୀଉ ଗୀତଗୋବିନ୍ଦ ପଂକ୍ତି ଲେଖାଥିବା ଖଣ୍ଡୁଆପାଟ ପରିଧାନ କରନ୍ତି । ଏହାସହିତ ବେଶପରିପାଟୀ ନିମନ୍ତେ ନୀଳାଚଳ ଉପବନ ଓ କୋଇଲି ବୈକୁଣ୍ଠ ଉପବନରୁ ଫୁଲ, ତୁଳସୀ ଓ ଦରକାରୀପତ୍ର ପ୍ରସ୍ତୁତ ହୋଇ ଆସିଥାଏ । ଏହିବେଶ ଦର୍ଶନ ନିମନ୍ତେ ଗୋପନରେ ସ୍ୱର୍ଗରୁ ଦେବତାମାନେ ମଧ୍ୟ ଶ୍ରୀମନ୍ଦିରରେ ବିଜେ କରନ୍ତି ।

**୨୦) ବଡ଼ସିଂହାର ଧୂପ :-** ବଡ଼ସିଂହାର ଧୂପ ରାତ୍ର ଘ୧୧.୦୦ମି ସମୟରେ ସମ୍ପନ୍ନ ହୁଏ । ଓଡ଼ିଆଘରେ ବ୍ୟବହୃତ ପଖାଳ ଏଥିରେ ଲାଗିହୁଏ । ଏହାସହିତ ଖିରୀ, କାଂଜି, କଦଳି, ବଡ଼ା ପ୍ରଭୃତି ବଡ଼ସିଂହାର ଧୂପର ମୁଖ୍ୟ ଆକର୍ଷଣ । ବଡ଼ସିଂହାର ଧୂପ ପରେ ଠାକୁରଙ୍କ ଶୟନ ବ୍ୟବସ୍ଥା କରାଯାଏ ।

**୨୧) ରାତ୍ର ପହୁଡ଼ :-** ପହୁଡ଼ ଶବ୍ଦର ଅର୍ଥ ବିଶ୍ରାମ । ରାତ୍ର ପହୁଡ଼ ଦୈନନ୍ଦିନ ନୀତିର ଶେଷ ନୀତି । ଏହି ନୀତି ପାଇଁ ୧୪ଟି ପଇଡ଼, ଫୁଲ, କର୍ପୁର, ବିଡ଼ିଆ, ସିଲମାଟି, ତାଳା ପ୍ରଭୃତି ଯୋଗାଇ ଦିଆଯାଏ । ଏଥିରେ ୧୩ ପ୍ରକାର ସେବକ ନିୟୋଜିତ ହୋଇଥାନ୍ତି । ରତ୍ନସିଂହାସନ ଆଗରେ ରତ୍ନପଲଙ୍କ ପକାଇ ବିଜେ ହୁଅନ୍ତୁ ବୋଲି ଡ଼ାକରା ଦିଅନ୍ତି । ଏହାପରେ ଛାମୁଦ୍ୱାର, ଜୟବିଜୟ ଦ୍ୱାର ଓ ବେହରଣ ଦ୍ୱାରକୁ ବନ୍ଦ କରି ସିଲ କରନ୍ତି । ମନ୍ଦିର ଭିତର ଶୁନଶାନ ଓ ନିଶବ୍ଦ ହୋଇଯାଏ ।

ଶ୍ରୀମନ୍ଦିରର ଗୋଟିଏ ଦିନର ନୀତିକାନ୍ତି ମଙ୍ଗଳ ଆଳତିରୁ ଆରମ୍ଭ ହୋଇ ରାତ୍ର ପହୁଡ଼ରେ ଶେଷ ହୁଏ । ଏଥିପାଇଁ ପ୍ରତିଦିନ ୨୧ଟି ନୀତି ପାଳିତ ହୁଏ । ଜଗତରେ ଏମିତି ଦିଅଁ ନାହାଁନ୍ତି ଯାହାଙ୍କ ପାଖରେ ନିୟମିତ ୮୮ ପ୍ରକାରର ସେବକ ଓ ୨୧ ପ୍ରକାରର ନୀତିକାନ୍ତି ପାଳିତ ହେବାର ବ୍ୟବସ୍ଥା ରହିଛି । ପ୍ରତ୍ୟେକ ନିଜ ନିଜର କର୍ତବ୍ୟ ସଂପାଦନରେ ବ୍ରତୀ ଥିବାରୁ ଶ୍ରୀମନ୍ଦିର ଚଳଚଂଚଳ ଓ ତାର ଗାରିମାକୁ ନେଇ ବିଶ୍ୱ ପ୍ରସିଦ୍ଧ ହୋଇପାରିଛି ।


ପ୍ରାକ୍ତନ ପ୍ରାଧାପକ ଓ
ଶିକ୍ଷାବିଭାଗ ମୁଖ୍ୟ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦


କବିତା କୋଣାର୍କ

## ନାରୀ


ଜଗନ ପାଳ


ପୁଣ୍ୟଗର୍ଭା ତୁହି ଜଗତ କଲ୍ୟାଣୀ
ସୃଷ୍ଟି ଗାଏ ତୋର ଯଶ
ଧରାଧାତ୍ରୀ ହୋଇ
କୋଳେଇ ନେଇଛୁ
ଢାଳି ଦେଇ ତୋ ଆଶିଷ

ଇତିହାସ ସାକ୍ଷୀ ପୁରାଣ ଓ ପୋଥି
ଚାରି ବେଦ ତୋ ପୟରେ
ସ୍ୱୟଂ ସୃଷ୍ଟି କର୍ତ୍ତା ତେଠାରୁ ଲୋ ଜାତ
ପଳିଛୁ ତୋର କୋଳରେ

ଝିଅ ନାରୀ ବୋହୂ ମା'ଟିଏ ହୋଇ
ଥାଉ ତୁ ସବୁରି ସାଥେ
ଧର୍ମ ରକ୍ଷା ଲାଗି କେତେ ରୂପ ନେଇ
ଆସିଛି ଏ ଧରା ପାଶେ

କଷଣ ଭୋଗିଛୁ ଶୋଷଣ ସହିଛୁ
ଜନମ କାଳରୁ କେତେ
କାଳୀ ହୋଇ ଯେବେ ପାପି ସହଁରିଲୁ
ଧର୍ମ ସଂସ୍ଥାପିଲୁ ସତେ

ଦାନବ ସାଜିଛି ଆଜି ଏ ସୃଷ୍ଟିରେ
ଲୋଭନୀୟ ମଣି ତତେ
ଉପଭୋଗ୍ୟ ଚିନ୍ତି କରେ ଉପହାସ
ବିକଟାଳ ତାର ହସେ

ଧରିଥିଲୁ ଅସ୍ତ୍ର କରିଥିଲୁ ପଣ
ନାଶି ଥିଲୁ ପାପ ଯେତେ
ଆଜି କାହିଁ ତୁ ଲୋ ଦୁର୍ବଳ ମଣୁଛୁ
ନିଜକୁ ନିଜେ ତୁ ଏତେ

ସରିନି ସମର ଶରଣ ପ୍ରମାଣ
ଶଙ୍ଖ ତୂରୀ ଅଛି ବାକି
ବିଜୟର ଟୀକା ନାଇଁବୁ ମାଆ ଲୋ
ଯେବେ ପାହିବ ଏ କାଳ ରାତ୍ରୀ ।।


+ଚରିମାଢିଆ,
ବନ୍ଦାଳ, ବାଙ୍କୀ, ୭୫୪୦୩୦
ମୋ: ୯୬୬୮୫୬୩୦୦୩


## ଶ୍ରାବଣ ଆକାଶେ ମେଘ ମହ୍ଲାର


ସୁରାତ୍ରୀ ପ୍ରଧାନ


ଶ୍ରାବଣ ଆକାଶେ ବରଷା ରାଣୀ
ମୁଣ୍ଡରେ ନାଇଁଛି ପାଟ ଓଢଣୀ
ଦେହରେ ଖେଳୁଛି ନବ ଯୌବନ
ମାଟି ସଙ୍ଗେ ତାର ହେବ ମିଳନ ।।

ଉଚ୍ଛୁଳା ଯୌବନ ଲଂଘଇ କୂଳ
ପାଇବାକୁ ତାର ସଙ୍ଗମ ସ୍ଥଳ
ମେଘ ସବାରିରେ ମଉନେ ବସି
ମନରେ ଯାଉଛି ପ୍ରୀତି ବରସି ।।

ଅଳପ ଅଳପ ଲାଜେଇ ହସେ
ଭିଜା ଓଢଣୀରେ ପ୍ରେମ ବରଷେ
ଅବୁଝା ଶ୍ରାବଣ ବୁଝିଲା ନାହିଁ
ନଈ ସଙ୍ଗେ ନେଇ ଦେଲା ମିଶାଇ ।

ମାଟି, ବରଷାର ହେଲା ସଂଯୋଗ
ବାତାୟନ ସାଥେ ଖେଳେ ତରଙ୍ଗ
ବିଲ, ବଣ, ନାଳ, ପାହାଡ଼ ନଈ
ବରଷା ପାଣିକୁ ଯାଉଛି ଛୁଇଁ ।।


+କୁସୁପୁର, ଗୋପ,
ପୁରୀ-୭୫୨୧୧୦
ମୋ: ୭୦୦୮୨୬୦୫୧୬




## ରେବତୀର ଲୁହ


ପ୍ରଶାନ୍ତ କୁମାର ଦାଶ


ଆସୁଥାଏ ଅନ୍ଧକାର
ନେଇଚି ମେଲାଣି ଦିନ
ଦିଗ୍ ବଳୟ ତଳେ
ଉଇଁବାର ଆଶା ନେଇ
ଉଙ୍କିମାରୁଥାନ୍ତି ତାରା ଆଉ ଜହ୍ନ ।।

ପାଦକୁ ପଥର କରି
ନୂଆବୋହୂ ଯାଉଥାଏ ନଈତୁଠ
ଆବେଗରେ ଚାହିଁଥାଏ
ଗାଈଆଳ ପିଲା
ଫେରାଇବ ତାର ଗାଈଗୋଠ ।।

ମହ ମହ ମହକୁଥାଏ
ବଗିଚାରେ କେତେ ସଜଫୁଲ
ଗୁଣୁ ଗୁଣୁ ଗୀତଗାଇ
କଳା ଭଅଁର
ଫୁଲକୁ କରୁଥାଏ ଗେଲ ।।

ଦିନ ବାହୁଡ଼ିଯାଏ
ଅସ୍ତାଚଳେ ବୁଡିଯାଏ ରବି
ସୁନ୍ଦର ମନୋରମ ଦିଶେ
ରଙ୍ଗୀନ୍ ସଞ୍ଜର
ଅଭୁଲା ମନମତାଣିଆ ଛବି ।।

ଲୁହ ଉତୁରା
ଯୋଗୀର କେନ୍ଦରା ଗୀତ
ଉଚ୍ଛୁଳାଏ ପ୍ରାଣ ମନ
ମନବୋଧ ଚଉତିଶାର
ମନମତାଣିଆ ସ୍ୱର
ଜିଣିଯାଏ କେତେ ଜନମନ ।।

ରେବତୀ ହରାଇଛି ତା
ଏକମାତ୍ର କୋଳପୋଛା ପୁଅ
ଗୀତ ଶୁଣି ଭାଙ୍ଗିପଡେ ସିଏ
ଉଜାଣି ଯମୁନା ପରି
ଆଖି ତଳୁ ଛୁଟି ଆସେ ଲୁହ ।।


+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୭୬



ଡ. ସିନ୍ଧୁ ସେନ୍

ବାସ୍ତବରେ ସେତୁବନ୍ଧ ନିର୍ମାଣ ଏକ ଅଭୁତ ସୃଷ୍ଟି । ପୁଷ୍ପକଯାନରୁ ଓହ୍ଲାଇ ମୁଁ ଯେତେଯେତେ ସେ ବନ୍ଧକୁ ନିରୀକ୍ଷଣ କରୁଥିଲି, ସେତିକି ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଡୁଥିଲି । ନିଜକୁ ଧନ୍ୟ ମଣୁଥିଲି । ଏମିତି ଏକ ଅଭୁତ ସୃଷ୍ଟିର ଶୁଭାରମ୍ଭ ହେବ ମୋରି ହାତରେ । ଏହାଠାରୁ ବଳି ସୌଭାଗ୍ୟର କଥା ଆଉ କ'ଣ ଥାଇପାରେ ମୋ ପାଇଁ । ବାସ୍ତବରେ ମୁଁ ଭାଗ୍ୟବାନ ନିଶ୍ଚୟ । ଏତେଦିନ ଧରି ଲଙ୍କାର ଶାସକ ଭାବେ ଯାହା ଦେଖିବାର ସୁଯୋଗ ପାଇ ନଥିଲି । ତାହା ଏଠାରେ ଦେଖିନେଲି । ଲଙ୍କା ମୋ ପାଇଁ ଦିନେ ସ୍ୱପ୍ନପୁରୀ ଥିଲା, ତାକୁ ହାତମୁଠାରେ ପାଇ ଅନେକ ଯତ୍ନରେ ମୁଁ ଲଙ୍କାକୁ ସଜାଇଥିଲି । ସ୍ୱର୍ଗ ସହ ସମତୁଳ ମଧ୍ୟ କରିପାରିଥିଲି । ମାତ୍ର ସମୁଦ୍ରର ଉତ୍ତାଳ ଜଳରାଶି ମଧ୍ୟରେ ସେତୁବାନ୍ଧି ସମୁଦ୍ର ପାରି ହେବାର କଳ୍ପନା ମୁଁ କେବେ କରି ନଥିଲି ।

ପୁଷ୍ପକ ଯାନରୁ ଓହ୍ଲାଇବା ମାତ୍ରେ ମୋତେ ସ୍ୱାଗତ କରିବାପାଇଁ ଅଭୂତ ଆୟୋଜନ ଦେଖି ସ୍ତମ୍ଭୀଭୂତ ହୋଇପଡ଼ିଲି । ଏ କ'ଣ ? ମୋ ସମ୍ମୁଖରେ ଅନେକ ମାନ୍ୟଗଣ୍ୟ ସମ୍ମାନସ୍ପଦ ବାନରବୀରମାନେ ଥିଲେ । ସେମାନଙ୍କ ମଧ୍ୟରେ ବିଭୀଷଣଙ୍କୁ ଚିହ୍ନିବା ପାଇଁ ମୋତେ ଅସୁବିଧା ହେଲାନାହିଁ । ମୋ ଆଗରେ ଏବେ ସବୁ ସ୍ପଷ୍ଟ ହୋଇଗଲା ମୁଁ ବେଶ୍ ଜାଣିପାରୁଥିଲି, ଏସବୁ ମୂଳରେ ବିଭୀଷଣର ହିଁ ହାତ ଅଛି । ଯେତେ ଯାହା ହେଲେ ସେ ମୋର ରକ୍ତର ଭାଇ ତ । ମୋତେ ପୁରୋହିତ କରି ଆଣିବା ପଛରେ ସେ ହିଁ ପରୋକ୍ଷରେ ସାହାଯ୍ୟ କରିଛି । ବିଭୀଷଣ ମୋତେ ବାନରବୀର ମାନଙ୍କ ସହ ପରିଚୟ କରାଇ ଦେଉଥିଲେ । ସମସ୍ତଙ୍କ ଆଗରେ ଯିଏ ଚାଲୁଥିଲେ ତାଙ୍କର ରୂପ ଦେଖି ମୁଁ ତଟସ୍ଥ ହୋଇ ପଡ଼ିଥିଲି । ମୋତେ ଆଉ ବୁଝିବାକୁ ବାକି ନଥିଲା ସେ ଯେ ସ୍ୱୟଂ ରାମ ଆଉ ତାଙ୍କୁ ଅନୁସରଣ କରି ଚାଲୁଥିବା ଜଣକ ହେଉଛନ୍ତି ଲକ୍ଷ୍ମଣ । ଏହା ମୋ ଆଗରେ ବେଶ୍ ସ୍ପଷ୍ଟ ହୋଇଗଲା । ଦୀର୍ଘସମୟ ଧରି ମୁଁ କେବଳ ଅପଲକ ନୟନରେ ଅନାଇ ରହିଥିଲି ରାମଙ୍କ ଆଡ଼େ । ଶୁଣିଥିଲି ରାମ କୁଆଡ଼େ ମର୍ଯ୍ୟାଦା ପୁରୁଷୋତ୍ତମ । ସେ କେବଳ ନିଜ ମର୍ଯ୍ୟାଦା ରକ୍ଷା କରନ୍ତି ନାହିଁ, ଅନ୍ୟର ମର୍ଯ୍ୟାଦା ମଧ୍ୟ ରକ୍ଷା କରିଥାନ୍ତି । ଶାନ୍ତ, ନମ୍ର, ସୌମ୍ୟ, ମୂର୍ତ୍ତିମନ୍ତ ପୁରୁଷ ରାମ ମୋ ସାମନାରେ । ମୁଁ ପୁରୋହିତ, ସେ ଯଜମାନ । ବିନମ୍ରତାର ସହ ସେ ଆଗେଇ ଆସୁଥାନ୍ତି ମୋତେ ସ୍ୱାଗତ ସମ୍ଭାଷଣ ଜଣାଇ ପାଛୋଟି ନେବାକୁ । ମନେମନେ ମୁଁ ନିଜକୁ କୃତକୃତ ମଣୁଥିଲି । ସେ ଯେତେଯେତେ ମୋ ନିକଟରେ ହେଉଥାନ୍ତି ମୋ ମନର ଉଦ୍ଦୀପନା ସେତେସେତେ ବଢ଼ି ଯାଉଥାଏ । ବାଲିମୟ ବେଳାଭୂମି ଉପରେ ତାଙ୍କ କୋମଳ ପଦଚିହ୍ନକୁ ମୁଁ ଅତି ଆବେଗରେ ଲକ୍ଷ୍ୟ କରୁଥାଏ । ଏକ ଅନାବିଳ ପ୍ରେମର ବିହ୍ୱଳତା ମୋର ସମଗ୍ର ସତ୍ତାକୁ ଆବୋରି ବସୁଥାଏ ।

ମୋ ପାଦ ଦୁଇଟିକୁ ରାମ ନିଜ ହାତରେ ଧୋଇ ଦେଇ ମୋତେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଲକ୍ଷ୍ମଣ ମଧ୍ୟ ଅନୁରୂପ ଭାବେ ତାଙ୍କୁ ଅନୁସରଣ କଲେ । ହାତଟେକି ଦୁହିଁଙ୍କୁ ଆଶୀର୍ବାଦ କଲି । ରାମ ମୋତେ ସ୍ୱାଗତ କରି କହିଲେ । ହେ ବ୍ରାହ୍ମଣଶ୍ରେଷ୍ଠ, ମୋ ଶିବିରରେ ଆପଣଙ୍କ ପାଦଧୂଳି ପକାଇ ମୋତେ ଧନ୍ୟ କରିଛନ୍ତି । ଆପଣଙ୍କୁ କୃତଜ୍ଞତା ଜଣାଇବାର ଭାଷା ମୋ ପାଖରେ ନାହିଁ ।

ଏ କ'ଣ କହୁଛନ୍ତି ଦଶରଥ ତନୟ । ଆପଣ ମୋତେ ପୁରୋହିତ ଭାବେ ନିମନ୍ତ୍ରଣ କଲେ । ମୁଁ ତ କେବଳ ଆପଣଙ୍କ ନିମନ୍ତ୍ରଣ ରକ୍ଷା କରି ବ୍ରାହ୍ମଣ ଧର୍ମ ପାଳନ କରିଛି ମାତ୍ର । ଏହା ବ୍ୟତୀତ ମୁଁ ତ ଅଧିକ କିଛି କରିନି । ବରଂ ଜଣେ ଶିବଭକ୍ତ ଭାବେ ଶିବଲିଙ୍ଗ ପ୍ରତିଷ୍ଠା କରିବାର ସୁଯୋଗ ମୋତେ ଦେଇଥିବାରୁ ମୁଁ ବରଂ ଆପଣଙ୍କ ନିକଟରେ କୃତଜ୍ଞ । ଆପଣଙ୍କୁ ଯଜମାନ ଭାବେ ପାଇବା ମୋର ସୌଭାଗ୍ୟ ।

ଯଥା ସମୟରେ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେଲା । ଏବେ ଶିବଲିଙ୍ଗର ନାମକରଣ କ'ଣ କରାଯିବ, ସେ ନେଇ ରାମଙ୍କ ଆଦେଶକୁ ଅପେକ୍ଷା କଲି । ମାତ୍ର ରାମଙ୍କ ମୁହଁରୁ ଯାହା ଶୁଣିଲି, ତାହା ମୋତେ ତଟସ୍ଥ କରିଦେଲା । ବାସ୍ତବରେ କେତେ ଉଦାର ହୃଦୟ ରାମଙ୍କର । ସେତୁବନ୍ଧ, ଶିବଲିଙ୍ଗ ସବୁ ତ ତାଙ୍କର କୀର୍ତ୍ତି । ଅଥଚ ସେ କହୁଛନ୍ତି ମୋ ନାମ ସହ ଶିବଲିଙ୍ଗର ନାମ ଯୋଡ଼ା ହେଉ । ଏହା କେମିତି ସମ୍ଭବ । ଦଶରଥ ନନ୍ଦନ ରାମ, ରଘୁବଂଶର ଭବିଷ୍ୟତ । ଶିବଲିଙ୍ଗ ତାଙ୍କର କୀର୍ତ୍ତି । ତେଣୁ ତାଙ୍କୁ ବୁଝାଇବାକୁ ଯାଇ କହିଲି ହେ ରଘୁନନ୍ଦନ ଆପଣ କର୍ତ୍ତା ମୁଁ ତ କେବଳ ପୁରୋହିତ । ହୋଇପାରେ, ପୁରୋହିତ ଆଗରେ ରହି କାର୍ଯ୍ୟ ସମ୍ପାଦନ କରିଥାଏ ମାତ୍ର ଯଶଃ କୀର୍ତ୍ତି ତ ଯଜମାନର । ତେଣୁ ଏ ଲିଙ୍ଗର ନାମ ଆପଣଙ୍କ ନାମ ସହ ଯୋଡ଼ା ହୋଇ ରାମେଶ୍ୱର ହେଉ । ଯୁଗଯୁଗ ପାଇଁ ଲୋକେ ଆପଣଙ୍କୁ ସ୍ମରଣ କରୁଥିବେ । ଭବିଷ୍ୟତରେ ରାମେଶ୍ୱର ଏକ ପବିତ୍ର ଶିବକ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରିବ । ମୋ ପ୍ରସ୍ତାବଟିକୁ ସମସ୍ତେ ସାଧୁବାଦ ଜଣାଇ ସମ୍ମତି ପ୍ରଦାନ କଲେ । ସମଗ୍ର ପରିବେଶ ଜୟ ରାମେଶ୍ୱର ଧ୍ୱନିରେ କମ୍ପି ଉଠିଲା । ସମଗ୍ର ବେଳାଭୂମିରେ ଏକ ଆନନ୍ଦର ଲହରୀ ଖେଳିଗଲା । ପୂତ ପବିତ୍ର, ଶାନ୍ତ, ସ୍ନିଗ୍ଧ ପରିବେଶ ମଧ୍ୟରେ ପ୍ରତିଷ୍ଠା କାର୍ଯ୍ୟ ଆଗେଇ ଚାଲିଥିଲା । ଏବେ ଆସିଲା ଯଜ୍ଞର ପୂର୍ଣ୍ଣାହୂତିର ବେଳ । ପୁରୋହିତ ଭାବେ ରାମଙ୍କୁ ପଚାରିଲି, କୁହନ୍ତୁ ଆପଣଙ୍କର ମନସ୍କାମନା କ'ଣ ? ଅଗ୍ନିଦେବଙ୍କ ଠାରେ ନିଜର ମନର କଥା ଖୋଲି କୁହନ୍ତୁ । ତାହା ପୂରଣ କରିବା ପାଇଁ ଅଗ୍ନିଦେବଙ୍କ ପାଖରୁ ଆଶୀର୍ବାଦ ମାଗିବାକୁ ପଡ଼ିବ । ମୁଁ ଯେ ଏମିତି ଏକ ପ୍ରଶ୍ନ ପଚାରିବି ସେ ଧାରଣା କେବଳ ରାମଙ୍କର କାହିଁକି, କାହାରି ବୋଧେ ନଥିଲା । ମୋ ଠାରୁ ଏଭଳି ପ୍ରଶ୍ନ ଶୁଣି ସମସ୍ତେ ମୋତେ କେବଳ ଚାହିଁରହିଥିଲେ । ଲକ୍ଷ୍ୟ କରୁଥିଲି ବିଭୀଷଣଙ୍କ ଆଖି ଛଳଛଳ ହୋଇ ଉଠିଥିଲା । ସେ ଠିକ୍ ବୁଝିପାରିଥିଲେ ଏ ପୂର୍ଣ୍ଣାହୁତିର ଫଳାଫଳ କ'ଣ ହେବ । ମୁଁ କିନ୍ତୁ ରାମଙ୍କ ମୁହଁରୁ ଶୁଣିବାକୁ ଚାହୁଁଥିଲି, ତାଙ୍କର ମନୋବାଞ୍ଛା କ'ଣ ? ଲକ୍ଷ୍ୟ କରୁଥିଲି କଥା କହୁକହୁ ଅଟକି ଯାଉଥିଲେ ରାମ । ନିଜ ମୁହଁରେ ସେ କିଛି ପ୍ରକାଶ କରିବାକୁ ଚାହୁଁ ନଥିଲେ । ମୁଁ କିନ୍ତୁ ଛାଡ଼ିବାର ପାତ୍ର ନଥିଲି । ବହୁ ସମୟ ପ୍ରତୀକ୍ଷା ପରେ ଶେଷରେ ରାମ ମୁହଁ ଖୋଲିଲେ । ହେ ବିପ୍ରଶ୍ରେଷ୍ଠ ଏ ସେତୁବନ୍ଧର ପ୍ରତିଷ୍ଠା ତ କେବଳ ମୋ ପତ୍ନୀ ସୀତାଙ୍କ ଉଦ୍ଧାର ପାଇଁ । ଏଇ ସେତୁବନ୍ଧ ପାର ହୋଇ ଆମ ବାନର ସେନା ମାନେ ଲଙ୍କାଯାତ୍ରା କରିବେ ଆଉ ଲଙ୍କା ଉପରେ ଆକ୍ରମଣ କରିବେ । ଅପହୃତା ସୀତାଙ୍କୁ ଲଙ୍କାର ରାଜା ରାବଣଙ୍କ ଠାରୁ ଉଦ୍ଧାର କରିବା ତ ଆମର ଲକ୍ଷ୍ୟ । ସେଥିରେ ଯେମିତି ସଫଳତା ମିଳେ, ତାହାହିଁ ମୋତେ ଆଶୀର୍ବାଦ କରନ୍ତୁ । ନିର୍ବିକାର ଚିତ୍ତରେ ମନ୍ତ୍ର ଉଚ୍ଚାରଣ ପୂର୍ବରୁ ଯଜ୍ଞରେ ପୂର୍ଣ୍ଣାହୁତି ଦେଲି । ରାମଙ୍କ ବିଜୟ କାମନା କରି ଅଗ୍ନିଦେବଙ୍କୁ ଆଶୀର୍ବାଦ ମାଗିଲି । ଯଜମାନ ରାମଙ୍କୁ ବିଜୟୀ ହୁଅ ବୋଲି ଶୁଭକାମନା କଲି । ଭାବୁଥିଲି, ମୋର ଏମିତି ଆଶୀର୍ବାଦରେ ବ୍ରାହ୍ମଣର ମୃତ୍ୟୁ ସିନା ହୋଇଯିବ ହେଲେ, ବ୍ରାହ୍ମଣତ୍ୱ ବଞ୍ଚି ରହିବ ।

ଏବେ ଜୀବନର ଅନ୍ତିମ ଶଯ୍ୟାରେ ଥାଇ ସେସବୁ ଦୃଶ୍ୟ ମୋ ଆଖି ଆଗରେ ନାଚି ଉଠୁଛି । ହେ ରାମଚନ୍ଦ୍ର! ତୁମେ କ'ଣ ସେଦିନ ରାବଣକୁ ଚିହ୍ନିବାକୁ ଭୁଲ୍ କରିଥିଲ ନା, ଜାଣିଜାଣି ଚିହ୍ନି ପାରି ନଥିଲ । ସେତୁବନ୍ଧ ପ୍ରତିଷ୍ଠା ଯେ ମୋ ନିଜର ମୃତ୍ୟୁର ଆହ୍ୱାନ ଥିଲା, ସେକଥା ଜାଣି ମଧ୍ୟ ମୁଁ ତୁମ ନିମନ୍ତ୍ରଣକୁ ବିରୋଧ କରି ନଥିଲି । ଚାହିଁଥିଲେ ସେଦିନ ତୁମ ପ୍ରେରିତ ଦୂତକୁ ମୁଁ ଫେରାଇ ଦେଇ ପାରିଥାନ୍ତି । ମାତ୍ର ନିଜେ ନିଜର ମୃତ୍ୟୁର ଦ୍ୱାର ତୁମ ଆଗରେ ଖୋଲି ଦେଇଥିଲି । କୁହ ରାମଚନ୍ଦ୍ର, କେହି କ'ଣ କେବେ ନିଜ ପାଇଁ ମୃତ୍ୟୁଘଣ୍ଟି ବଜାଇ ପାରେ । ମୁଁ କିନ୍ତୁ କ'ଣ କରିଥିଲି । ନିଜ ମୃତ୍ୟୁର ବାଟ ପରିଷ୍କାର କରି ଦେଇଥିଲି । ତୁମେ ପରା ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁ ଅବତାରୀ ମହାପୁରୁଷ । ରାବଣ ବଧ କରିବାପାଇଁ ତୁମେ ଏତେ କଷ୍ଟ କାହିଁକି କରୁଥିଲ ? ସେତୁବନ୍ଧର ପ୍ରତିଷ୍ଠା, ଲଙ୍କା ଆକ୍ରମଣ ଏସବୁର ଆବଶ୍ୟକତା କ'ଣ ଥିଲା ? ଚାହିଁଥିଲେ ତ ଖୁବ୍ ସହଜରେ ମୋତେ ବଧ କରିଥାଇ ପାରନ୍ତ । ହୋଇପାରେ ସୀତା ଅପହରଣ ପାଇଁ ମୁଁ ହିଁ ଦାୟୀ ଥିଲି । ହେଲେ, ଏତିକି କହିବି ସୀତାଙ୍କ ପ୍ରତି ମୁଁ କେବେବି ଅସମ୍ମାନ କରିନି । ବରଂ ବହୁ ମର୍ଯ୍ୟାଦାର ସହ ତାଙ୍କୁ ଅଶୋକ ବନର ରଖିଥିଲି । ସୀତା ତୁମର ଶକ୍ତି ଥିଲେ । ଏତିକି ବି ଜାଣିଥିଲି ସୀତାଙ୍କୁ ଉଦ୍ଧାର କରିବା ପାଇଁ ତୁମେ ଦିନେ ନା ଦିନେ ଏଠିକୁ ଆସିବ । ତେଣୁ ଯିଏ ଯାହା କହୁନା କାହିଁକି, ତମାମ୍ ଜୀବନ ମୁଁ ଏକ ଦୁରନ୍ତ ଶିଖା ଭଳି କେବଳ ଜଳିଥିଲି । ଶ୍ମଶାନ ଭୂଇଁରେ ଆହତ ଅଂଗରେ ପଡ଼ିରହି ଏବେବି ପ୍ରତୀକ୍ଷାରେ ରହିଛି ମୋ ଶରୀରର ଜ୍ୱଳନ କେବେ ତୁମରି ଶୀତଳ ସ୍ପର୍ଶରେ ନିର୍ବାପିତ ହେବ । ସେଦିନ ବ୍ରାହ୍ମଣ ରାବଣ ତୁମର ବିଜୟ କାମନା କରିଥିଲା । ଆଜି ବି ତୁମର ଶୁଭକାମନା କରୁଛି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୧୦୨ ॥

'ହେ ପ୍ରଜାପତି ମାନେ, ଆପଣମାନେ ଜାଣନ୍ତି, ଯଜ୍ଞେଶ୍ୱର ବ୍ରହ୍ମା ବରାହ ଅବତାର ସମୟରେ ହିଁ ସୃଷ୍ଟିର ଉତ୍ପତ୍ତି ବିଷୟରେ ଜ୍ଞାନ ଲାଭ କଲେ । ଏହା ପୂର୍ବରୁ ପଞ୍ଚଭୂତରୁ ମାନବର ସୃଷ୍ଟି ବୋଲି ବିଶ୍ୱାସ ରହିଥିଲା । ଛ କୋଟି ବର୍ଷ ପୂର୍ବେ ବିଷୁବ ବୃତ୍ତ ବା ନାଭି ଅଞ୍ଚଳରେ ନୀଳ ନଦୀ ଏବଂ ଲୋହିତ ସାଗର କୂଳରେ ପ୍ରଥମ ମାନବ ଶିଶୁ ନୀଳ ଲୋହିତ ରୋଦନ କରିଥିଲା ଏବଂ ଏହି ଆଦି ମାନବ ମାନଂକ ନାମ ରୁଦ୍ର ଥିଲା । ସେମାନେ ପଞ୍ଚଭୂତର ଅଧିପତି ଶିବଙ୍କ ଅନୁଗତ ହେଲେ । ବ୍ରହ୍ମା ସ୍ୱୟଂ ଭୁବ ଏବଂ ଶତ ରୂପାଙ୍କୁ ପ୍ରଥମ ସଭ୍ୟ ମାନବ ରୂପେ ଜନ୍ମ ଦେଲେ । ସେ ଜାଣିଲେ ଯେ ଅନାଦି, ଅନନ୍ତ ଶକ୍ତି ବିଷ୍ଣୁଙ୍କ ନାଭିରୁ ( ହାଇଡ୍ରୋଜନ ଏବଂ ହିଲିୟମ, ଯାହାକି କେବଳ ଭାରତୀୟ ଭାଷାରେ ନାଭିକ କୁହାଯାଏ । ବୈଜ୍ଞାନିକ ମାନେ କହନ୍ତି ଯେ, ଅଣୁଠାରୁ କ୍ଷୁଦ୍ର କ୍ଷୁଦ୍ର ଓଜନ ଦାର କୃଷ୍ଣ ଗର୍ତ୍ତମାନ ମହାକାଶରେ ରହିଅଛି । ଯାହା ନିଜ ବିପରୀତ ପାର୍ଶ୍ୱରେ ଏକ ଜଗତ ସୃଷ୍ଟି କରିପାରେ ।) ବ୍ରହ୍ମା ବା ସୃଷ୍ଟି ଆରମ୍ଭ ହେଲା । ଏହି ବ୍ରହ୍ମାଙ୍କ ଅଣ୍ଡ ହେଉଛି ଏକ ନୀହାରିକା ଏବଂ ଏଥିରୁ ସୃଷ୍ଟିର ଉତ୍ପତ୍ତି ହେଲା । ଏହି ବ୍ରହ୍ମାଙ୍କ ସମୟ ରେ ବେଦ ରଚନା ହୋଇ ପଦେ, ପଦେ ପ୍ରକାଶିତ ହେଉଥିଲା ।ଶୂନ୍ୟତା ମଧ୍ୟରେ, ସୂର୍ଯ୍ୟଙ୍କ ମଧ୍ୟରେ ଥିଲା ଆଦି ଧ୍ୱନି ଓଁକାର ନାଦ । ବ୍ରହ୍ମା ଜାଣିଲେ ଯେ, ପଞ୍ଚଭୂତ ନୁହେଁ, ବରଂ ଆଦି ଇତ୍ୟ ବା ଆଦିମ ମୌଳିକ ପଦାର୍ଥ ମହାକାଶର ନିହାରିକା ମଧ୍ୟରେ ମାନବକୁ ସୃଷ୍ଟି କରି ପୃଥିବୀକୁ ପଠାଇଛି । ହେଉ ବା ତାହା ଜଡ, ହେଉ ବା ତାହା ଜୀବ, ସେହି ଜଡରୁ ହିଁ ଜୀବ, ଜୀବରୁ ଜଡ, ସେ ସେହି ନିର୍ଗୁଣ ବ୍ରହ୍ମ ! ! (ଯେଉଁ ପ୍ଲାଜମା , ଇଲୋକଟ୍ରନ, ନିଉଟ୍ରେନ ଆଦି ପ୍ରଜାପତି ରୂପେ ପ୍ରତି ଜୀବଠାରେ ରହିଅଛି ।) ପ୍ରଜାପତି କଶ୍ୟପ ବା ଜୀବ କୋଷ ପୃଥିବୀକୁ ଆସିଲା । (ଶ୍ରୀମଦ୍ ଭଗବତରେ ଏହି ତତ୍ତ୍ୱ ଏହିପରି ଲେଖାଅଛି ଯେ, 'ପୃଥିରେ ଜୀବ ଜନ୍ତୁ ଯେତେ, ଗଲେ କଶ୍ୟପ ଗର୍ଭ ଗତେ । 'ଏହାପରେ ସେ ପୁଣି ଲେଖୁଛନ୍ତି ଯେ, ତାହା ସେହିପରି ଥାଉ । କାରଣ ଏହାକୁ ନେଇ କଶ୍ୟପ ବିଭିନ୍ନ ଜୀବ ଜନ୍ତୁଙ୍କୁ ରୂପାୟନ କରିବେ । ତାହେଲେ ଗଲେ ଶବ୍ଦଟିର ଅର୍ଥ ହେଉଛି ଯେ, ବ୍ୟାସ ଦେବ ଏହା ଲେଖିବା ସମୟରେ ପୃଥିବୀରେ ନାହାନ୍ତି । ସେ ଏକ ଅନ୍ୟ ଜଗତ ରେ ରହିଛନ୍ତି, ଯେଉଁଠି କି ସୃଷ୍ଟିର ସତ୍ୟ ମାନେ ବା ସତ୍ୟ ଚେତନା ମାନ ସଂରକ୍ଷିତ ଅଛନ୍ତି । କିମ୍ବା ସେହି ଜଗତର ଶକ୍ତି ବ୍ୟାସ ଦେବଙ୍କ ମାଧ୍ୟମ ରେ ଏହା ଲେଖିଅଛନ୍ତି । କାରଣ ଭାଗବତ ମାନବିକ ଶକ୍ତି ବଳରେ ନୁହେଁ, ଦେବ ଶକ୍ତି ବଳରେ ଲେଖା ଯାଇଅଛି, ଯେଉଁ ସତ୍ୟ ଜଗତରେ କି ଦେବଶକ୍ତି ମାନେ ବାସ କରନ୍ତି । ପୃଥିବୀରେ ଦେବତା ମାନେ ସାଧନା ବଳରେ ସେହି ଜଗତର ଶକ୍ତିକୁ ପୃଥିବୀକୁ ନେଇ ଆସନ୍ତି । ଯେତେବେଳେ ପୃଥିବୀ ବା ମହାକାଶରେ ଏହି ଘଟଣା ସବୁ ଘଟିଥିଲା, ସେତେବେଳେ କୌଣସି ଭାଷା ନଥିଲା । ଗୋଟିଏ ଭାଷା ଥିଲା, ଓମ୍ କାର, ଦେବଭାଷ ।, ଯାହା ସମସ୍ତ ଶବ୍ଦ ମାନଙ୍କର ମୂଳ ଅଟେ । ତେଣୁ ଏହା ପ୍ରତୀକାତ୍ମକ ଭାବେ ଆସିଥିଲା ଓ ବ୍ୟାସ ଦେବ ଏହାକୁ ସଂସ୍କୃତ ଭାଷାରେ ରୂପାନ୍ତରିତ କରିଥିଲେ । ହୋଇପାରେ ବ୍ୟାସ ଦେବ ନିଜେ କଣ ଲେଖୁଛନ୍ତି, ତାହା ସେ ନିଜେ ମଧ୍ୟ ଜାଣି ନଥିଲେ । ଏହା କିପରି ହେଲା, ତାହା ତ ମୋର କଳ୍ପନାତୀତ । ଗୋଟିଏ ମୋବାଇଲ, ସାଧାରଣ ଘଣ୍ଟାଟିଏ ବିଷୟ ରେ ଚିନ୍ତା କଲେ, ସେହି ବୈଜ୍ଞାନିକ ବୁଦ୍ଧି କୁ ମୁଁ କଳ୍ପନା କରିପାରେ ନାହିଁ । କେମିତି ତିଆରି ହୋଇଛି ଯେ, ମୁଁ ଯେତେ ଲେଖିଲେ ବି ସ୍ଥାନ ସରେ ନାହିଁ ? ଆଉ ସେ ଯେ ବିଶ୍ୱ ସ୍ରଷ୍ଟା, ସେ କେତେ ବଡ ବୈଜ୍ଞାନିକ !)

ସେହି ଏକ ଉପାଦାନରୁ ହିଁ ମାନବ ସୃଷ୍ଟି ହୋଇଥିଲା,ଏକ ପରମ ପିତା ସମସ୍ତଙ୍କୁ ସୃଷ୍ଟି କରୁଥିଲେ । ସମସ୍ତ ମାନବ ଦେହରେ ଲାଲ୍ ରକ୍ତ ପ୍ରବାହିତ ହେଉଥିଲା । ସେମାନେ ନିଜ ଇଚ୍ଛା ମୁତାବକ ଯେ କୌଣସି କର୍ମ କରୁଥିଲେ । ଯାହା ସତ୍ୟ, ତାହା ହିଁ ସନାତନ ଧର୍ମ ଥିଲା । ସମସ୍ତେ ସେହି ଏକ ପରମ ପିତାଙ୍କ ସନ୍ତାନ ଥିଲେ । ମୋର ପୂର୍ବଜ ମାନେ ଏକାଧାରରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଦାସ କାର୍ଯ୍ୟ କରୁଥିଲେ । ତେବେ ଏହି ସତ୍ୟ ଯୁଗରେ ସେମାନଙ୍କୁ ଦାନବ, ମାନବ ଓ ଦେବତା ତିନି ପର୍ଯ୍ୟାୟ ରେ କାହିଁକି ବିଭକ୍ତ କରାଗଲା ? ବିଶେଷତଃ, ଏହି ସମୟରେ, ଯେତେବେଳେ କି ତ୍ରେତୟା ଯୁଗ ଆରମ୍ଭ ହେବାକୁ ମାତ୍ର ଅର୍ଦ୍ଧ ଶତାବ୍ଦୀ ପ୍ରାୟ ବାକୀ ଅଛି, ମୋଠାରୁ ଜନ୍ମ ନେଇଥିବା ଆଦିତ୍ୟ ମାନଂକ ସନ୍ତାନ ମାନେ( ଦେବତାଙ୍କ ବ୍ୟତୀତ) ଜ୍ୟୋଷ୍ଠ ଅର୍ଯ୍ୟମାଙ୍କ ନାମ ଅନୁସାରେ ନିଜକୁ ଆର୍ଯ୍ୟ ବା ମହାକାଶରୁ ସୃଷ୍ଟ ଅଗ୍ରଗଣ୍ୟ ଜାତି ଭାବେ ଗ୍ରହଣ କରିଛନ୍ତି, ଏହି ସମୟ ରେ ବ୍ରାହ୍ମଣ(ମୁନି, ଋଷି, ଯୋଗୀ) କ୍ଷତ୍ରିୟ( ରାଜା) ବୈଶ୍ୟ ଓ ଶୂଦ୍ର ବିବାହ ସମ୍ପର୍କରେ, କାର୍ଯ୍ୟରେ ମଧ ଧୀରେ, ଧୀରେ ବଂଶାନୁଗତ ହୋଇଗଲେଣି ।ଏହା ତ୍ରେତୟା ଯୁଗ ବେଳକୁ ସମ୍ପୂର୍ଣ୍ଣ ବାଂଶାନୁଗତ ହୋଇ ଯିବ । ମଣିଷ ନିଜ ସ୍ୱାଧୀନତା ହରାଇବ । ଏହାର କୌଣସି ଆବଶ୍ୟକତା ଥିଲା କି ?'

'ହଁ, ଥିଲା ।' ପ୍ରଜାପତି କୃଷ୍ଣାଶ ଓ କର୍ଦ୍ଦମ୍ ଉତ୍ତର ଦେଉଥିଲେ । କାରଣ, ପୃଥିବୀ ପୃଷ୍ଠକୁ ଆସିବା ପରେ ସେମାନେ ସଗୁଣ ବ୍ରହ୍ମ ହୋଇଗଲେ । ସେମାନେ ବିଭିନ୍ନ ଦଳରେ ବିଭକ୍ତ ହେଲେ । ପ୍ରାକୃତିକ ପରିବେଶ ଅନୁସାରେ ସେମାନଙ୍କ ରୂପ ଓ ଗୁଣର ପରିବର୍ତ୍ତନ ହେଲା । ସମସ୍ତଙ୍କଠାରେ ବ୍ରହ୍ମ ବା ଭଗବାନ ବିଦ୍ୟମାନ ଅଛନ୍ତି, କିନ୍ତୁ ଗୋଟିଏ ସିଂହ, ଗୋଟିଏ ହସ୍ତୀ ଏବଂ ଗୋଟିଏ ଶ୍ୱାନର ରୂପ, ଗୁଣ ସମାନ ନୁହେଁ । (ଭବିଷ୍ୟତରେ ରାମ, କୃଷ୍ଣ ଆଦି ଏହି ପୃଥିବୀରେ ଜନ୍ମ ହେବେ । ସେମାନେ ସାଧାରଣ ମାନବଙ୍କ ସହ ସମାନ ହେବେକି ? ରାମ ଭକ୍ତ ହନୁମାନ ଜନ୍ମ ହେଲା ମାତ୍ରେ ସୂର୍ଯ୍ୟଙ୍କୁ ଏକ ଫଳ ମନେକରି ଖାଇବାକୁ ଗଲେ । ଏହା କିପରି ସମ୍ଭବ ? ହଁ, ଏହି ହନୁମାନଜୀ ରୁଦ୍ର ବଂଶଜ ଏବଂ ସେ ଛ' କୋଟି ବର୍ଷ ପୂର୍ବେ ବିଷୁବ ରେଖା ନିକଟରେ ରୁଦ୍ର ବଂଶରେ ଯେତେବେଳେ ଜନ୍ମ ହେଲେ ମହାକାଶରେ ପନ୍ଦରଟି ସୂର୍ଯ୍ୟ ଉଦୟ ହେଉଥିଲା, କିନ୍ତୁ ସେ ଯେତେବେଳେ ଭାରତରେ ଜନ୍ମହେଲେ ଶୋହଳଟି ସୂର୍ଯ୍ୟ ଉଦୟ ହେଉଥିଲେ । ଗୋଟିଏ ସୂର୍ଯ୍ୟଙ୍କୁ ସେ ଜନ୍ମରୁ କିମ୍ବା ତାଙ୍କ ଜାତକରେ ଜନ୍ମ ରବି ଯେଉଁ ଅଶୁଭ ଫଳ ବା ଶୁଭ ଫଳ ପ୍ରଦାନ କରୁଥିଲେ, ସେ ନିଜ ପୁଣ୍ୟ ବଳ ରେ ତାହା ବିନାଶକଲେ ବା ପ୍ରାପ୍ତ ହୋଇଥିଲେ । ସେ ଗନ୍ଧମାର୍ଦ୍ଦନ ପର୍ବତକୁ ଉଠାଇ ଆଣି ଉଡ଼ି, ଉଡ଼ି ଲଙ୍କାରେ ପହଞ୍ଚିଗଲେ । ଏହା କିପରି ସମ୍ଭବ ଯେ, ବଲାଙ୍ଗୀରରେ ଥିବା ଗନ୍ଧ ମାର୍ଦ୍ଦନକୁ ନେଇ ଗଲାବେଳେ ସେ ରାସ୍ତାରେ ନନ୍ଦିଗ୍ରାମରେ ଥିବା ଭରତଙ୍କୁ ସାକ୍ଷାତ କରି ପାରିବେ ? ନାଁ, ଗନ୍ଧମାର୍ଦ୍ଦନ ସେତେବେଳେ ହିମାଳୟରେ ଥିଲା ଏବଂ ଏହା ଅନ୍ତର୍ବିଜ୍ଞାନରେ ସମ୍ଭବ । ହୁଏତ ଯୋଗୀ ଶ୍ରୀ ହନୁମାନ ଜୀ ସାତରାତି ବା ଚୌରାଅଶି ଘଣ୍ଟା ଯୋଗରେ ମଗ୍ନ ହୋଇ ଏହି କାର୍ଯ୍ୟ କରିଥିଲେ । ଏହି ଦୃଶ୍ୟ ଲକ୍ଷ୍ମଣ, ଶ୍ରୀରାମ, ଭରତ ଆଦି ଆଧାତ୍ମିକ ଶକ୍ତି ଥିବା ମହାମାନବ ମାନେ ଜାଣିଥିଲେ ବାଦୃଶ୍ୟଟି ଦେଖିଥିଲେ । ପୁଣି ଅନୁସୂୟାଙ୍କ ଅଭିଶାପରେ ଏହି ରାତି ସାତ ରାତି ହୋଇଥିଲା, ଅର୍ଥ କୌଣସି ପ୍ରାକୃତିକ କାରଣରୁ ଏହି ସମୟ ଅନ୍ଧାର ଥିଲା ଓ ସୂର୍ଯ୍ୟ ନଥିଲେ । କୃଷ୍ଣଙ୍କ ଆତ୍ମ ଶକ୍ତି ଏତେ ଅଧିକ ଥିଲା ଯେ, ଲୁହାର ଶିଙ୍କୁଳି, ଲୁହାର କବାଟ ଫିଟିଗଲା, ଅନନ୍ତ ଫଣାରେ ଢାଙ୍କି ଦେଲା, ବାଲିବନ୍ଧରେ ପଥ ତିଆରି ହେଲା । ମୁଁ ଶୁଣିଛି, ଏବେ ବି କୃଷ୍ଣ ହୋଇ କାଳୀୟ ଦଳନ କରୁଥିବା ଅଭିନେତା, ଶ୍ରୀ ହନୁମାନ ଆଦି ମୂର୍ଚ୍ଛିତ ହୋଇଯାଆନ୍ତି । (କାରଣ ତାଙ୍କ ଭିତରକୁ ଆସିଥିବା ସ୍ପିରିଟ ବା ଚେତନା ଚାଲିଯାଏ ।) ଏହି ଅନ୍ତର୍ବିଜ୍ଞାନ ସମ୍ପର୍କିତ ପୁସ୍ତକ ଗୁଡିକରେ ଏହାଠାରୁ ବହୁତ ଅଭୁତ ଘଟଣା, ଅଲୌକିକ ଘଟଣା ଥାଏ । ଅନ୍ତର୍ବିଜ୍ଞାନ ପ୍ରବଳ ଆତ୍ମ ଶକ୍ତି, ଆଧାତ୍ମିକତା ବଳରେ ଅଦୃଶ୍ୟ ଜଗତରେ ଘଟେ । ବାହ୍ୟ ବିଜ୍ଞାନ ମାନବିକ ବୁଦ୍ଧି ଓ ସାଧନା ବଳରେ ସୃଷ୍ଟି ହୁଏ । ଅନ୍ତର୍ବିଜ୍ଞାନ ଅନୁଭବର କଥା । ଏଥିରେ ବ୍ୟକ୍ତି ସ୍ୱତନ୍ତ୍ରତା ଅଛି । ଏହା ସମସ୍ତେ ବୁଝି ପାରିବେ ନାହିଁ । ଶୁକ ମୁନି ଦିନେ ପକ୍ଷୀଙ୍କ ସମାନ ସାଧକ ଥିଲେ । କିନ୍ତୁ ସେ ଯେତେବେଳେ ପାଦରେ ଚାଲିଲେ ଏବଂ ସେହି ସୁରଙ୍ଗ ଫଳର ରସାମୃତ ପାନ କଲେ, ସେ ଯୋଗ ଛାଡି ଭାଗବତ ପ୍ରେମୀ ହୋଇଗଲେ । ସୁଖ, ଦୁଃଖରେ ନିର୍ବିକାର ରହି ଅପାର୍ଥିବ ଜୀବନର ସୁଖର ସନ୍ଧାନ କଲେ । କିନ୍ତୁ ଜଣେ ଗୃହସ୍ଥ କେବେ ଯୋଗୀ କିମ୍ବା ଭକ୍ତର ଜୀବନ ବିତାଇ ପାରିବ ନାହିଁ ।

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ




## ଆଶାୟୀ ନୟନ

ଡଃ ମାଙ୍ଗଳିକା ମହାପାତ୍ର

ଅଜଣା ଆଶାୟୀ ନୟନ
ତଥାପି ନୀରବ ନିଶ୍ଚଳ
ଅପଲକ ନୟନ ଯୁଗଳ
କାହାକୁ ଖୋଜିବୁଲେ କେଜାଣି...!!

ପ୍ରତି ମୁହୂର୍ତ୍ତରେ ବଦଳି ଯାଆନ୍ତି..
ରଙ୍ଗମଞ୍ଚ ରେ କେବଳ ଅଭିନୟ
ପରଦା ପଡୁଚି, ଉଠୁଛି...
କାହାକୁ ଭରସା କରାଯାଇପାରେ...!!

କେହି ବି ଆପଣାର ଲାଗନ୍ତିନି
ବେଳେ ବେଳେ ପର ମାନେ
ସୁଯୋଗ ଦେଖି ଭାବ ବିନିମୟ କରନ୍ତି
କିଛି ବୁଝି ହୁଏନା...
କୋଉଟା ସତ କୋଉଟା ମିଛ ।

ତଥାପି ମନ ଖୋଜିବୁଲେ
ନୀରବ ଭାବନାରେ...
ନ୍ୟାୟ ଅନ୍ୟାୟର ପରିଧିରେ
କେବଳ ମହାଶୂନ୍ୟରେ...
ସତରେ କଣ ସଭିଏଁ
ରଙ୍ଗ ରସ ହୀନ
ଏଇ କଣ ଜୀବନର ସ୍ୱପ୍ନ...!!!


ରେଭେନସା ବିଶ୍ୱବିଦ୍ୟାଳୟ


## ଚାରୁ ଚିତ୍ରପଟ

ସୁନନ୍ଦା ମହାନ୍ତି

ସଂବାଳୁଆରୁ ପ୍ରଜାପତି
ବିଘଟନ ନିତି ପ୍ରତି
ଗୋବର ପୋକ ନିତି
ମାଟି ମଟାଳ ଆକୃତି
ଫୁଲ ରେଣୁରେ ଗୁଣୁଗୁଣୁ
ମହୁମାଛି ଭରେ ଘଡ଼ା
ମହୁ ଫେଣାରୁ ନିଗିଡା
ସେଇମିତି ଅନେକ କଥା
ଫୁଲରୁ ଫଳ
ଫଳରୁ ବଳ
ନଈ ପୋଖରୀ ଗଡିଆ ଜଳ
ଫିଲଟର ହେବାକୁ ଆକୁଳ
ଜଳ ସ୍ଥଳ ଆକାଶ ପାତାଳ
ସବୁଆଡ ଅକଡ଼ ବକଡ଼
ନଡ଼ିଆ ହୁଏ ପଇଡ଼
ଜଳରୁ ବରଫ
ସ୍ଥଳରୁ ସିରାପ
ଆକାଶ କଥା ନକହିଲେ ଭଲ
ବଉଦ ହୁଏ ମେଘ
ଜଙ୍ଗଲରେ ହିଂସ୍ର ହୁଏ ବାଘ
ଟୋପି ଟୋପି ମେଘ
ବର୍ଷା ନାମେ ଆଗ
ଇନ୍ଦ୍ରଧନୁ ସପ୍ତରାଗ
ସାରେଗାମାପାଧାନିଶା ରଙ୍ଗ
ପ୍ରେମ ପୁଲକ ଅନୁରାଗ
ଏତେ ସବୁ ରୂପାନ୍ତର
ନୁହେଁ ପାତର ଅନ୍ତର
ବରଂ ମନମୁଗ୍ଧକର
ବିଚିତ୍ର ସୃଷ୍ଟିର
ଚିତ୍ର ଓ ଚୈତ୍ର ସମ୍ଭାର ।


ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭


## ନୂଆପଡ଼ାର କୁଆଁରୀ କନ୍ୟା

ଡ.ଭାରତୀ ହୋତା



ସ୍ନିଗ୍ଧ ସକାଳର
କାକରବିନ୍ଦୁ ପରି
ପହିଲି ବର୍ଷାର ମାଟିବାସ୍ନା ପରି
ପୁନେଇଁର ଜୋସ୍ନା ପରି
ଫଗୁଣର ମୁକୁଳିତ ବଉଳ ପରି
ମାଦଳର ତାଳେ ତାଳେ
ଖୋଲା ଆକାଶ ତଳେ
ହସି ହସି ଲୋଟିଯାଏ
ସୁନ୍ଦର ବନାନୀ ।

ସେଇ ବନାନୀର
ଉଦାର ଗହ୍ୱର ଭିତରୁ
ଝରି ପଡ଼େ ଟୋପା ଟୋପା ମହୁ
ବାଦଲର ତାଳେ ତାଳେ
ହାଲ୍କା ହାଲ୍କା ଜହ୍ନ ଆଲୁଅରେ ବେନିଆ ଧସ୍
ଗୁଣୁ ଗୁଣେଇ ହୁଏ ଛନ୍ଦରେ ଛନ୍ଦରେ ।

ଏଠି ସବୁଠି
ଶ୍ରାବଣର ମହକ
ପ୍ରତି ମୁହୁର୍ତ୍ତରେ ନୃତ୍ୟର ରୁଣୁ ଝୁଣୁ
ତିଖାଲିର ବିସ୍ତୀର୍ଣ୍ଣ ଜଳରାଶିରେ
ମୁହଁ ଦେଖେ ଉଦିଆ ଜହ୍ନ ।

ମନରେ ସରଳ ସବୁଜ ସ୍ୱପ୍ନ
ହୃଦୟରେ କଳାର କୌଶଳ
ଇତିହାସର ଆଖଡ଼ା ଘର
ନୂଆପଡ଼ା ମାଟି ।

ନୂଆପଡ଼ାର କୁଆଁରୀ କନ୍ୟା
ନାଚେ, ଝୁମେ, ଗୀତ ଗାଏ
ତା ନୂଆଖାଇ, ପୁଷ୍ ପୁନିରେ
ଫୁଲ ଫୁଟେ, ମହକି ଯାଏ
ତା ' ବାସରେ ରାଇଜ ସାରା ।

ସ୍ୱପ୍ନ ଆସେ
ଆକାଶର ଦିଗବଳୟରେ ଥିବା
ସୂର୍ଯ୍ୟ ଆଖିରେ ,
ତାରାମାନେ, ଜହ୍ନ
ଓହ୍ଲେଇ ଆସନ୍ତି ସତେ
ନାଚିବାକୁ ଝୁମିବାକୁ
ନୂଆପଡାର କୁଆଁରୀ କନ୍ୟା ସାଥେ ।


ଖରିଆର୍ ରୋଡ଼
ନୂଆପଡ଼ା

# ସାଇମ୍ ଭୁବନେଶ୍ୱରରେ ୨୫ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର, ୦୬/୮ (ନି.ପ୍ର): ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ Constituent College CIME (College of IT and Management Education)ର ୨୫ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର(ଡ଼ଃ) ଅମୀୟ କୁମାର ରଥ ଓ ସମ୍ମାନୀତ ଅତିଥି ରୂପେ କାନାଡ଼ା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଏ.ଜି.ଏମ୍. ଶ୍ରୀମତୀ ରୀତା ଦାଶ, ଡ଼ଃ ଆର୍ଯ୍ୟ ପଟ୍ଟନାୟକ, ସଭ୍ୟ ବୋର୍ଡ଼ ଅଫ ମ୍ୟାନେଜମେଣ୍ଟ, ବିପିୟୁଟି, ରାଉରକେଲା ଓ ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ (ଇଂ) ପ୍ରତାପରୁଦ୍ର ପଟ୍ଟନାୟକ, ପ୍ରଫେସର ଅଜିତ କୁମାର ଦାସ ଓ ପ୍ରଫେସର (ଡ଼ଃ) ଶକ୍ତି ରଞ୍ଜନ ମହାପାତ୍ର ବିଶେଷ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ, ଛାତ୍ରଛାତ୍ରୀ ତଥା ଆମନ୍ତ୍ରିତ ଅତିଥିଙ୍କ ଗହଣରେ ମାନ୍ୟବର କୁଳପତି ପଞ୍ଚବାର୍ଷିକ ଅନୁଷ୍ଠାନ ବିକାଶ ଯୋଜନା ଓ ଛାତ୍ରଛାତ୍ରୀ ନିଯୁକ୍ତି ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଉକ୍ତ ପୁସ୍ତିକା ଦ୍ୱୟ ଆଗାମୀ ପାଞ୍ଚ ବର୍ଷରେ କିପରି ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା, ତଥା ଛାତ୍ରଛାତ୍ରୀମାନଙ୍କ ଇନଟର୍ନସିପ, ପ୍ରୋଜେକ୍ଟ ତଥା ପ୍ଲେସମେଣ୍ଟରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରାଯାଇପାରିବ ତା' ଉପରେ ବିସ୍ତୃତ ଆଲୋଚନା କରାଯାଇଅଛି। ଏହି ପୁସ୍ତିକାଦ୍ୱୟ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ତଥା ଉପସ୍ଥିତ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପ୍ରଂଶସିତ ହୋଇଥିଲା। ମୁଖ୍ୟଅତିଥି ବିଶ୍ୱ ବିଦ୍ୟାଳୟ କୂଳପତି ପ୍ରଫେସର (ଡ଼ଃ) ଅମୀୟ କୁମାର ରଥ ଆନୁଷ୍ଠାନିକ ଭାବେ ସାଇମ ପୁରାତନ ଛାତ୍ରସଂଘକୁ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ଏସଆଇପି, ଇନଟର୍ନସିପ ଓ ପ୍ରୋଜେକ୍ଟରେ ମୁଖ୍ୟ ଭୂମିକା ନେବାର ସଂକଳ୍ପ ନେଇଥିବାରୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗୁଣାତ୍ମକ ଶିକ୍ଷା ଓ ଛାତ୍ରଛାତ୍ରୀମାନଙ୍କ କର୍ମନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ କୁଳପତି ପ୍ରଫେସର ରଥ, ଓଡ଼ିଶା କ୍ୟାପିଟାଲ ମାର୍କେଟର ପରିଚାଳନା ନିର୍ଦ୍ଦେଶକ ଥୋମାସ ମାଥ୍ୟୁ ଓ କାନାଡ଼ା ବ୍ୟାଙ୍କର ବରିଷ୍ଠ ପରିଚାଳକ ଶ୍ରୀଯୁକ୍ତ ପ୍ରିତିଶ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଷ୍ଠା ଦିବସ ସମାରୋହରେ ପୂର୍ବତନ ଅଧ୍ୟକ୍ଷମାନେ ନିଜ ଭାଷଣରେ ଅନୁଷ୍ଠାନର ପଚିଶବର୍ଷର ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଏମ୍.ବି.ଏ. ବିଭାଗର ମୁଖ୍ୟ ଡ଼ଃ ଦେବାଶିଷ ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ପ୍ରଫେସର (ଡ଼ଃ) ରାଜଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପ୍ରଫେସର (ଡ଼ଃ) ବିଦ୍ୟା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୟପୁର ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଘଟଣା

ଜୟପୁର, ୬/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ରାଜନୀତ ଜୋର ଧରିଲାଣି । ଏହିପରି ଗତ ପଂଚାୟତ ନିର୍ବାଚନରେ ବ୍ଲକ ଅଧକ୍ଷା ବିଜେଡି ସମର୍ଥିତ ଜୟନ୍ତୀଗିରି ଗ୍ରାମପଂଚାୟତର ସମିତି ସଭ୍ୟା ଭାବେ ତିଲତୋମା ମୁଦୁଲୀ ବିଜୟୀ ହେବା ସହ ୧୨ ଜଣ ବିଜେଡି ସମର୍ଥିତ ସମିତି ସଭ୍ୟଙ୍କ ସମର୍ଥନରେ ବିଜୟୀ ହୋଇଥିଲେ । ଏହିପର ଗତ କିଛି ମାସ ପୂର୍ବରୁ ଅଧକ୍ଷା ଶ୍ରୀ ମୁଦୁଲି ଏବଂ ତାଙ୍କ ସ୍ୱାମୀ ନାଗେଶ୍ୱର ରାଓ ବିଜେପି ଦଳରେ ଯୋଗଦେଇଥିଲେ । କିନ୍ତୁ ବର୍ତମାନ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ସ୍ମାରକପତ୍ର ପ୍ରଦାନ ପରେ ତାଙ୍କ ସମର୍ଥକ ମାନଙ୍କ ନିଦ ହଜିଯାଇଛି । ଏହିପରି ଜୟପୁର ବ୍ଲକରେ ବିଜେପି ସ୍ଥିତାବସ୍ଥା କିଛି ନଥିବା ନେଇ ଅନୁଭବ କରିବା ପରେ ବିଜେଡି ଶିବିରରେ ଅଧକ୍ଷା ଓ ତାଙ୍କ ସମର୍ଥକ ଶରଣାପନ୍ନ ହୋଇଛନ୍ତି । ଏହିପରି ପଦବୀ ରକ୍ଷା ନେଇ ଅଧକ୍ଷା ଓ ତାଙ୍କ ସ୍ୱାମୀ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଦଳର ରାଜ୍ୟ ଉପସଭାପତି ରବିନାରାୟଣ ନନ୍ଦଙ୍କ ନିକଟରେ ଏକ ପ୍ରକାର ଆତ୍ମସମର୍ପଣ କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ବିଜେଡି ସମର୍ଥିତ ତଥା ଅନ୍ୟାନ୍ୟ କିଛି ଅନ୍ୟ ସରପଂଚ ଏବଂ ସମିତିସଭ୍ୟଙ୍କ ସମର୍ଥନ ମିଳିବା ନେଇ ଅଧକ୍ଷା ମଦୁଲୀ ଏବଂ ତା ସ୍ୱାମୀ ଶ୍ରୀ ରାଓଙ୍କୁ ପ୍ରତିଶୃତି ମିଳିଛି । ଫଳରେ ଅଧକ୍ଷାଙ୍କ ଶିବିର ପକ୍ଷରୁ ତାଙ୍କ ବିରୋଧରେ ପ୍ରସ୍ତାବ କରିଥିବା ବିଜେଡି ସମର୍ଥିତ ସମିତି ସଭ୍ୟ ଏବଂ ସରପଂଚଙ୍କୁ ଯୋଗାଯୋଗ କରିବା ସହ ତାଙ୍କୁ ମନାଇବା ସହ ସମର୍ଥନ ହାସଲ ନେଇ ପ୍ରୟାସ ଆରମ୍ଭ ହୋଇଛି । ଗତ ମାସ ୧୬ ତାରିଖରେ ଉପାଧକ୍ଷଙ୍କ ନେତୃତ୍ୱରେ କିଛି ସମିତିସଭ୍ୟ ଏବଂ ସରପଂଚ ମିଳିତ ଭାବେ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରପପତ୍ର ପ୍ରଦାନ କରାଯାଇଥିଲା । ଏହିପରି ଉକ୍ତ ସ୍ମାରକପତ୍ର ପ୍ରଦାନ ବେଳେ ୫ଜଣ ସରପଂଚ ଏବଂ ୭ଜଣ ସମିତି ସଭ୍ୟ ଉପସ୍ଥିତି ଥିଲେ । କିନ୍ତୁ ସମୁଦାୟ ୩୧ ଜଣ ସରପଂଚ ଓ ସମିତି ସଭ୍ୟଙ୍କ ଉକ୍ତ ସ୍ମାରକପତ୍ର ହସ୍ତାକ୍ଷର ରହିଥିଲା । ଏଥିନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ହସ୍ତାକ୍ଷର ଯାଂଚ ପକ୍ରିୟା ଆରମ୍ଭ ହୋଇଥିଲା । ଆଜି ବ୍ଲକ ଅଧକ୍ଷା ଶ୍ରୀମତି ମୁଦୁଲୀଙ୍କ ସମର୍ଥନ ସହ ଆପୋଷବୁଝାମଣାରେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାକୁ ଉପଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ପ୍ରାୟ ୫ ଜଣ ଲେଖାଏଁ ସମିତି ସଭ୍ୟ ଓ ସରପଂଚ ସମୁଦାୟ ୧୦ ଜଣ ସାକ୍ଷାତ କରିବା ସହ ଲିଖିତ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ । କିନ୍ତୁ ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ପ୍ରତ୍ୟେକ ସରପଂଚ ଏବଂ ସମିତି ସଭ୍ୟ ମାନେ ନିଜର ସମର୍ଥନ ବ୍ଲକ ଅଧକ୍ଷା ଶ୍ରୀମତି ମଦୁଲୀଙ୍କ ସପକ୍ଷରେ ରହିଥିବା ନେଇ ବ୍ୟକ୍ତିଗତ ଉପସ୍ଥିତ ରହି ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ୧୦ ଜଣ ଲିଖିତ ଭାବେ ଉପସ୍ଥିତ ରହି ଜଣାଇଛନ୍ତି । କିନ୍ତୁ ଗତ ୧୬ ତାରିଖରେ ଆଗତ ଅନାସ୍ଥା ପ୍ରସ୍ତାବ ଆଗତ ଏବଂ ସ୍ମାରକପତ୍ର ପତ୍ରରେ ହସ୍ତାକ୍ଷର ବେଳେ ଏମାନଙ୍କ ମଧ୍ୟରୁ କିଛି ସରପଂଚ ଓ ସମିତିସଭ୍ୟ ଉପସ୍ଥିତ ରହିଥିଲେ । କିନ୍ତୁ ଉକ୍ତ ସରପଂଚ ଓ ସମିତି ସଭ୍ୟ ମାନେ ବିଜେଡି ସମର୍ଥିତ ସଦସ୍ୟ ହୋଇଥିବା ଯୋଗୁଁ ସେମାନେ ପୁଣି ଅଧକ୍ଷାଙ୍କ ସପକ୍ଷରେ ଲିଖିତ ଭାବେ ଦେଇଛନ୍ତି । ଏହିପରି ଆଜି ଅଧକ୍ଷା ଶ୍ରୀମତି ମୁଦୁଲୀଙ୍କ ସ୍ୱାମୀ ଶ୍ରୀ ରାଓ ସମୁଦାୟ ୨୫ଜଣ ସରପଂଚ ଓ ସମିତି ସଭ୍ୟଙ୍କ ତାଙ୍କ ପ୍ରତି ସମର୍ଥନ ରହିଥିବା ନେଇ ଦାବୀ କରିଥିବା ବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଅନ୍ୟମାନେ ବ୍ୟକ୍ତିଗତ ଉପସ୍ଥିତ ରହି ବ୍ଲକ ଅଧକ୍ଷାଙ୍କ ସପକ୍ଷରେ ଲିଖିତ ଭାବେ ଉପଜିଲ୍ଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି । ପ୍ରକାଶଯେ, ଜୟପୁର ବ୍ଲକରେ ୨୨ ଟି ଗ୍ରାମପଞ୍ଚାୟତରେ ସମୁଦାୟ ୪୪ ଜଣ ସରପଂଚ ଓ ସମିତିସଭ୍ୟ ରହିଛନ୍ତି ।

# ବାଇକ ଲୁଟେରା ସକ୍ରିୟ: ଦିନଦ୍ୱିପ୍ରହରରେ ଲୁଟି ନେଲେ ବାଇକ

କୋରାଇ, ୬/୦୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ ପାଣିକୋଇଲି ରାସ୍ତା କଡରେ ରାଇସମିଲ ନିକଟସ୍ଥ ପଟେଲ ମାର୍ବଲ ଦୋକାନ ସମ୍ମୁଖରୁ ଲୁଟେରା ଦ୍ୱୟ ଏକ ବାଇକ ଚୋରି କରିନେଇଛନ୍ତି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ କଳିନ୍ଦ୍ରାବାଦ ଗ୍ରାମର କୈବଲ୍ୟ ବେହେରା ତାଙ୍କ କଳା ନାଲି ରଂଗର ଗ୍ଲାମର ବାଇକ (ଓଡି୦୪ଇ ୮୮୨୩)କୁ ମାର୍ବଲ ଦୋକାନ ସମ୍ମୁଖରେ ରଖି ଦେକାନର ରଂଗ କାମ କରୁଥିଲେ । ଆଜି ମଧ୍ୟାହ୍ନରେ ଦୁଇ ଜଣ ଲୁଟେରା ପାଣିକୋଇଲି ପଟୁ ଏକ ବାଇକରେ ଆସି ମାର୍ବଲ ଦୋକାନ ପାଖରେ ଅଟକିଥିଲେ । ସେହି ବାଇକରୁ ଜଣେ ଓହ୍ଲାଇବା ପରେ ବାଇକ ଆରୋହୀ ବାଇକଟିକୁ ବୁଲାଇ ପୁଣି ପାଣିକୋଇଲି ପଟକୁ ମୁହଁ କରି ଛିଡା ହେଲା । ଓହ୍ଲାଇଥିବା ଲୁଟେରା ଜଣକ ମାର୍ବଲ ଦୋକାନ ସମ୍ମୁଖରେ ଥିବା ବାଇକଟିକୁ ଚାବି ଭାଂଗି ନେଇ ଆଖି ପିଛୁଳାକେ ଚାଲିଗଲେ । ବାଇକର ମାଲିକ କୈବଲ୍ୟ ଏହା ଦେଖି ଦେକାନ ଓପରତାଲାରୁ ଦୌଡି ଆସି ଏକ ବାଇକରେ ପିଛା କଲେ ବି ସେମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ । ସମ୍ପୂର୍ଣ୍ଣ ଘଟଣାଟି ସିସିଟିଭି ଫୁଟେଜରେ କଏଦ ହୋଇଛି । ଫଳରେ ବାଇକ ମାଲିକ ଏ ନେଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଛି ।

# ପ୍ରି ପ୍ରାଇମେରୀ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ



ନୀଳଗିରି, ୬/୦୮ (ନି.ପ୍ର): ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅଧୀନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରେ ବାଲେଶ୍ୱର ଜିଲ୍ଲାର ୪୧ ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟରୁ ୧୮ ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ପ୍ରି ପ୍ରାଇମେରୀରେ ପାଠ ପଢ଼ାଉଥିବା ଅପାମାନଙ୍କୁ ନେଇ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କର୍ମଶାଳା ଉଦଯାପିତ ହୋଇ ଯାଇଛି ।ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ପ୍ରଶିକ୍ଷକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ସାହୁ,ସହପ୍ରଶିକ୍ଷକ ରଞ୍ଜନ ଜେନା, ନବଜୀବନ ଶିକ୍ଷା ସଂସଦର ଜୋନାଲ ସଂଯୋଜକ ନାରାୟଣ ଅଗସ୍ତି, ପ୍ରଦୀପ କୁମାର ଧଳ,ଜୋନାଲ ସଙ୍ଗଠକ ଶଶିକାନ୍ତ ଭୋଇ, ଜିଲ୍ଲାସଙ୍ଗଠକ ଦୟାନିଧି ପାତ୍ର, ରାମଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟର ସମ୍ପାଦକ ଅଶ୍ୱନୀ ମଉଗଜ ଏବଂ ୫୦ ରୁ ଅଧିକ ଅପା ଉପସ୍ଥିତ ରହିଥିଲେ। ସମସ୍ତ ଅପା ମାନେ ପ୍ରଶିକ୍ଷଣ କର୍ମଶାଳାର ଅନୁଭୂତି ପ୍ରଦାନକରିବାକୁ ଯାଇ ଆଧାତ୍ମିକ ଭାରତବର୍ଷ ଗଠନରେ ପିଲାମାନଙ୍କୁ ପ୍ରସ୍ତୁତି କରିବାପାଇଁ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥଲେ। ଜିଲ୍ଲାସଙ୍ଗଠକ ଏହି ପ୍ରଶିକ୍ଷଣ କର୍ମଶାଳାକୁ ଆଗାମୀ ଦିନରେ କିପରି ଅଧିକ ସୁନ୍ଦରଭାବରେ କାର୍ଯ୍ୟକାରୀ କରିବା ସହିତ ଏହାକୁ ଆନ୍ଦୋଳନରେ ପରିଣତ କରିହେବ ବୋଲି ପ୍ରକାଶ କରିଥଲେ । ଶେଷରେ ସମସ୍ତ ଅପାମାନେ ଅତିଥିମାନଙ୍କ ଠାରୁ ସାର୍ଟିଫିକେଟ ଗ୍ରହଣ କରିଥିଲେ। ବିଦ୍ୟାଳୟର ସାଗରିକା ଅପା ଧନ୍ୟବାଦ ଅର୍ପଣପରେ ୫ଘ ସମୟରେ ଭାରତର ଆଧାତ୍ମିକ ପତାକା ଅବତରଣ କରାଯାଇ ପ୍ରଶିକ୍ଷଣ କର୍ମଶାଳା ଉଦଯାପନୀ କରାଯାଇଥଲା।

# କମେଂଟ ମରାକୁ ନେଇ ଉତ୍ତେଜନା: ସୁରକ୍ଷା ଦେବା ନିମନ୍ତେ ପ୍ରଶାସନର ଦ୍ୱାରସ୍ଥ ହେଲେ ମହିଳା

ଜୟପୁର, ୬/୦୮ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଘିଉରି ଗ୍ରାମର ଶତାଧିକ ମହିଳା ଆଜି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୩୧ ତାରିଖରେ ଜଣେ ଯୁବତୀ ଦୋକାନ ଯାଉଥିବା ସମୟରେ ତିନି ଜଣ ଯୁବକ କମେଂଟ ମାରିଥିଲେ । ପରେ ଯୁବତୀ ଜଣକ ଘରେ ଆସି ସବୁ କଥା କହିବା ପରେ ଯୁବତୀର ଭାଇ ଓ ସାଙ୍ଗ ମାନେ କମେଂଟ ମାରିଥିବା ୩ ଜଣଙ୍କୁ ପଚାରିଥିଲେ । ଘଟଣାଟି ବଡ ଧରଣର ଗୋଷ୍ଠି ସଂଘର୍ଷ ହୋଇଥିଲା । ପରେ ରକ୍ତାକ୍ତ ରୁପ ନେଇ ଉଭଭ ପକ୍ଷ ଜଣେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଅନ୍ୟ ଜଣେ କୋରାପୁଟ ସ୍ଥିତ ମେଡିକାଲ କଲେଜ ଏବଂ ହସପିଟାଲରେ ଚିକିତ୍ସାଧିନ ଅଛନ୍ତି । ଗତ ୧ ତାରିଖରେ ପ୍ରାୟ ୩ ଶହରୁ ୪ ଶହ ଲୋକ ମରଣାସ୍ତ୍ର ଧରି ସାହି ଭିତରେ ପଶି ପୁରୁଷ ମାନଙ୍କୁ ଆକ୍ରମଣ ପାଇଁ ଖୋଜି ବୁଲିଲେ । ପୁରୁଷ ମାନେ କାମ ଧନ୍ଦାକୁ ଯାଇଥିବାରୁ ସ୍ତ୍ରୀ ମାନେ ସୂଚନା ଦେବା ପରେ ପୁରୁଷ ମାନେ ଆଉ ଗ୍ରାମ କୁ ଯାଇନଥିଲେ । ଏନେଇ ପୋଲିସ ଏସଡିପିଓଙ୍କ ନିକଟରେ ଅଭିଯୋଗ କରିବାରୁ ପୋଲିସ ପେଟ୍ରୋଲିଙ୍ଗ କରିଥିଲା । ବର୍ତମାନ ପରିବାଲ ଲୋକେ ଅସୁରକ୍ଷିତ ତେଣୁ ପ୍ରଶାସନ ସୁରକ୍ଷା ନିମନ୍ତେ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ବଲାଙ୍ଗିର, ୬/୦୮ (ନି.ପ୍ର): ପ୍ରତିବର୍ଷ ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ସାରା ବିଶ୍ୱରେ ସରକାରୀ ତଥା ବେସରକାରୀ ସ୍ତରରେ କର୍ମଶାଳା, ବୈଠକ, ଆଲୋଚନା ତଥା ରେଲି ମାଧ୍ୟମ ଲରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ କ୍ରାଏ କଲିକତା ତରଫରୁ ପାଟଣାଗଡ ବ୍ଲକ ଫଟାମୁଣ୍ଡା ଗ୍ରାମ ପଂଚାୟତର ଲଡଙ୍ଗାଭଟା, ସିଦ୍ଧିମୁଣ୍ଡା ଏବଂ ଭରତବାହାଲ ପଂଚାୟତର ମୁଦଲସର ଓ ଭରତବାହାଲ ଠାରେ ଉକ୍ତ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ଗର୍ଭବତୀ, ପ୍ରସୂତି, କିଶୋରୀମାନଙ୍କ ସମେତ ଅନ୍ୟ ମହିଳା ମାନେ ଅଂଶଗ୍ରହଣ କରିଥିଲେ । ସସ୍ମିତା ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଫିଂଟୁ ପଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏଥିସହିତ ସ୍ତନ୍ୟପାନର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗକୁ ନେଇ ଜଣାଅଜଣା, ଗପ ତଥା ଖେଳ ମାଧ୍ୟମରେ ସଚେତନ କରାଯାଇଥିଲା ।

# ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

କୋରାଇ, ୬/୦୮ (ନି.ପ୍ର): କୋରାଇ ଶିକ୍ଷା ମଣ୍ଡଳୀ ଅଧିନସ୍ଥ ପାଣିକୋଇଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ବର୍ଷ ପାଇଁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଗୁରୁଜୀ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ବିଦ୍ୟୁତ ପରିଷଦର ସଭାପତି କେଶବ ରାଓ ଭୁକ୍ତା, ସମ୍ପାଦକ ରାଜକିଶୋର ମଲିକ, ଯୁଗ୍ମ ସମ୍ପାଦକ ବଳରାମ ସାମଲ, ବିଚାରକ ମଣ୍ଡଳୀରେ ମା ତାରିଣୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ ?ାନ ବିଭାଗର ଅଧାପକ ସୁଶାନ୍ତ କୁମାର ପଣ୍ଡା, ପାଣିକୋଇଲି ସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ରଶ୍ମୀରେଖା ପାତ୍ର, ବାଙ୍କସାହି ଆଂଚଳିକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅତିଥି ଶିକ୍ଷକ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟରେ ଅଧ୍ୟୟନ ରତ ସାଇ ଶଙ୍କର ବେହେରା, ସୁପ୍ରାଞ୍ଜଳୀ ମହାପାତ୍ର ପଲଭିତ ଜେନା, ଋତୁରାଜ ସାହୁ, ସାଧନା ନାୟକ ରାଷ୍ଟ୍ରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ନିମନ୍ତେ ସୁନାମ ଆଣିଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ଉକ୍ତ ବିଜ୍ଞାନ ମେଳାରେ ବିଦ୍ୟାଳୟର ୧୩୭ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ମେଳାକୁ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ଶହୀଦ୍ ନରସିଂ ଡମ୍ ସମାଜ, ମାଲକାନଗିରି ବ୍ଲକ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ ଅନୁଷ୍ଠିତ

ମାଲକାନଗିରି, ୬/୦୮ (ନି.ପ୍ର): ମାଲକାନଗିରି ବ୍ଲକ ଶହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଆଜି ମାଲକାନଗିରି ବ୍ଲକ ପଦ୍ମଗିରି ଧାନ ମଣ୍ଡି ଠାରେ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଜିର ଶହୀଦ୍ ନରସିଂ ଡମ୍ ସମାଜ କାର୍ଯ୍ୟକ୍ରମରେ ନୂତନ ବ୍ଲକ ସଭାପତି ଦେନିରାମ ନାଗୁଲ ଓ ବ୍ଲକ କମିଟି ପଦାଧିକାରୀଙ୍କ ନେତୃତ୍ୱରେ ମାଲକାନଗିରି ବ୍ଲକ ର ସମସ୍ତ ଗ୍ରାମ ପଂଚାୟତର ଶହୀଦ୍ ନରସିଂ ଡମ୍ ସମାଜ କର୍ମକର୍ତା , ମାଲକାନଗିରି ଜିଲ୍ଲାର ୭ ବ୍ଲକ ର ଶହୀଦ୍ ନରସିଂ ଡମ୍ ସମାଜ କର୍ମକର୍ତା ଏବଂ ମାଲକାନଗିରି ଜିଲ୍ଲା ଶହୀଦ୍ ନରସିଂ ଡମ୍ ସମାଜ ଜିଲ୍ଲା ନେତୃମଣ୍ଡଳୀଙ୍କ ସହ ହଜାର ହଜାର ଶହୀଦ୍ ନରସିଂ ଡମ୍ ସମାଜ ର ଜନ ସାଧାରଣ ଯୋଗ ଦେଇ ଏକ ବିରାଟ ପଟୁଆର ରେ ପଦ୍ମଗିରି ରେ ନିଜ ଡମ୍ ଜାତିର ପାରମ୍ପରିକ ପୋଷାକ ଓ ନାଚ, ଗୀତ, ଡମ୍ ଜାତିର ପାରମ୍ପରିକ ବାଜା ବଜେଇ ଢ଼େମସା ନାଚି ରାଲି ମାଧ୍ୟମରେ ବାବା ସାହେବ ଡ଼.ଭୀମ୍ ରାଓ ଆମ୍ବେଦକର ଓ ସହୀଦ୍ ନର୍ସିଂ ଡମ୍ ଙ୍କ ଜୟ ଗାନ କରି ଆଦିବାସୀ ମାନ୍ୟତା ନିମନ୍ତେ ପଦ୍ମଗିରି ଧାନ ମଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ପହଂଚି ଥିଲେ । ଆଜିର ଆୟୋଜିତ ଶହୀଦ୍ ନରସିଂ ଡମ୍ ସମାଜ, ମାଲକାନଗିରି ବ୍ଲକ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବଳରାମ ଅନୁଗୁଳିଆ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜ ଉପ ସଭାପତି ଡମ୍ବରୁ ବାଗ ଓ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜ ଯୁଗ୍ମ ସମ୍ପାଦକ କର୍ଣ୍ଣେଶ୍ୱର ପୋଟଲା ଯୋଗ ଦେଇଥିଲେ । ଏଥିରେ ମାଲକାନଗିରି ଜିଲ୍ଲାର ଶହୀଦ୍ ନରସିଂ ଡମ୍ ସମାଜ ର ଦୁଇ ବରିଷ୍ଠ ଉପଦେଷ୍ଟା ତଥା ମୁଖ୍ୟ ବକ୍ତା ସନ୍ତୋଷ କୁମାର ନାଗ ଏବଂ ରାଜେନ୍ଦ୍ର କୂଲ ଦୀପ ଯୋଗ ଦେଇ ଉପସ୍ଥିତ ଶହୀଦ୍ ନରସିଂ ଡମ୍ ସମାଜ ର ସମସ୍ତ ଜନ ସାଧାରଣ ଙ୍କୁ ଡମ୍ ଜାତି ଓ ଡମ୍ ମାନଙ୍କ ଅଧିକାର ଉପରେ ପ୍ରାଞ୍ଜଳ ଭାବେ ବୁଝେଇବା ସହ ଡମ୍ ଜାତି ର ସାମ୍ବିଧାନିକ ଅଧିକାର ନିମନ୍ତେ ୬ ଦଫା ଦାବି ସରକାର ଙ୍କ ନିକଟରେ ଜଣାଇଲେ । ଚିଠି ନଂ- ୧୮/୦୧/୨୦୧୭ 'କୋର୍ଡ' ଭାରତ ସରକାରଙ୍କର ଅନୁଯାୟୀ ଆଦିବାସୀ ମାନ୍ୟତା ପ୍ରଦାନ ନିମନ୍ତେ ନୂତନ ମାର୍ଗ ଦର୍ଶିକା ଅନୁଯାୟୀ ମୂଳନିବାସୀ ଡମ୍ ମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯାଉ । ଜିଲ୍ଲାର ୭ ଗୋଟି ବ୍ଲକ, ଗୋଟିଏ ମୁନିସିପାଲଟି ,ଗୋଟିଏ ଏନ,ଏ,ସି ରେ ବସବାସ କରୁଥିବା ଭୂମିହୀନ ମାନଙ୍କୁ ଓଡିଶା ଭୁ ସଂସ୍କାର ଆଇନ ଅନୁଯାୟୀ ସ୍ଥାୟୀ ଭାବରେ ଥଇଥାନ କରାଯାଉ । ଜିଲ୍ଲାରେ ବସବାସ କରୁଥିବା ସମସ୍ତ ମୂଳନିବାସୀ ଶିକ୍ଷିତ ଡମ୍ ଯୁବତୀ ଓ ଯୁବକ ଯୋଗ୍ୟତା ସତନ୍ତ୍ର ସଂରକ୍ଷଣ ପ୍ରଦାନ କରାଯାଉ । ୨୦୦୬ ଜଙ୍ଗଲ ଜମି ଆଇନ ଅନୁଯାୟୀ ମୂଳନୀବାସୀ ଡମ୍ ମାନଙ୍କୁ ଗୋଷ୍ଠିଗତ ଏବଂ ବ୍ୟକ୍ତିଗତ ଅଧିକାର ନିମନ୍ତେ ପଟ୍ଟା ପ୍ରଦାନ କରାଯାଉ । ଧର୍ମ ନିର୍ବିସରେ ମୂଳନୀବାସୀ ଡମ୍ ମାନଙ୍କ ଜାତି ଭିତିକ ଜନ ଗଣନା କରାଯାଉ।

ଡମ୍ ଭାଷାକୁ ସରକାରୀ ବିଦ୍ୟାଳୟରେ ପାଠପଢା ନିମନ୍ତେ ମାନ୍ୟତା ପ୍ରଦାନ କରାଯାଉ । ଆଜିର ଶହୀଦ୍ ନରସିଂ ଡମ୍ ସମାଜ, ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମରେ ନୂତନ ବ୍ଲକ କମିଟି କର୍ମକର୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ନରସିଂ ଡମ୍ ସମାଜ ର ବରିଷ୍ଠ କର୍ମକର୍ତା ପର୍ଶୁରାମ ଭକ୍ତ , ମଦନ ଖସଲା ,ତୁଳସିରାମ ଦଳେଇ ,ଡନେଲ ପୋଟଲା ,ନାଟଗୁରୁ ଧନୁର୍ଜୟ ହନ୍ତାଳ ସର୍ବ ବିଶୋଇ ,ଶିବ ଖରା, ବିଜୟ ପୁସୁରୁ, ମଙ୍ଗଳା ପାଙ୍ଗି ,ବସନ୍ତ ନାୟକ ପ୍ରମୁଖ ଙ୍କ ସହ ମାଲକାନଗିରି ଜିଲ୍ଲାର ୭ ଟି ବ୍ଲକ ସଭାପତି ଏବଂ ୫ ହଜାର ରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ଥିଲେ ।

# ରାସ୍ତାରେ ଅଟକାଇ ମାଡ: ଥାନାରେ ଅଭିଯୋଗ

କୋରାଇ, ୬/୦୮ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସାହାପୁର ଟ୍ରକ ଟର୍ମିନାଲ ନିକଟରେ ସୋମବାର ରାତ୍ରୀରେ ଦୁଇ ଜଣଙ୍କୁ ଅଟକାଇ ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଂଚାୟତ ମଲପଡା ଗ୍ରାମର ଜିତେନ୍ଦ୍ର ଯେନା ଓ ସିନୁ ଯେନା ପାଣିକୋଇଲି ସ୍ଥିତ ପଣ୍ଡା ସାନିଟାରୀରେ କାମ କରନ୍ତି । ସେମାବାର ରାତି ୧୦ଟା ବେଳେ କାମ ସାରି ଏକ ବାଇକ ଯୋଗେ ଘରକୁ ଫେରୁଥିଲେ । ସାହାପୁର ଟ୍ରକ ଟର୍ମିନାଲ ନିକଟରେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ବଡ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମର ଘନିଆ, ଗନ୍ଧିଆ, ନନ୍ଦ, ବୁଲୁଙ୍କ ସହ ଅନ୍ୟମାନେ ପ୍ରାୟ ୮ଜଣ ମିଶି ସେମାନଙ୍କୁ ଅଟକାଇଥିଲେ । ଏତେ ରାତିରେ କୁଆଡେ ଯାଉଛ କହି ଜାତିଆଣ ଗାଳିଗୁଲଜ କରିଥିଲେ । ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିଥିଲେ ।

# ଧର୍ମଶାଳାରେ ହେବ କ୍ରୀଡା ଛାତ୍ରାବାସ : କ୍ରୀଡା ପ୍ରତିଭା ଅନେଶ୍ୱଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ଧର୍ମଶାଳା, ୬/୦୮ (ନି.ପ୍ର): ରାଜ୍ୟ ସରକାର କ୍ରୀଡାର ବିକାଶ କ୍ଷେତ୍ରରେ ଅନେକ ପ୍ରୟାସ ଜାରି ରଖିଛନ୍ତି। ଉତ୍କୃଷ୍ଟ କ୍ରୀଡା ଭିତିଭୁମି ସହ ସଫଳ କ୍ରୀଡାବିତ ମାନଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ଦିଗରେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଧର୍ମଶାଳା ର ବିଧାୟକ ହିମାଂଶୁ ଶେଖର ସାହୁ ଙ୍କ ପ୍ରାୟାସ କ୍ରମେ ଜିଲ୍ଲା ପ୍ରଶାସନ, ରାମକୋ ସିମେଂଟ ଲିମିଟେଡ ଏବଂ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମିଳିତ ଉଦ୍ୟମ ରେ ଧର୍ମଶାଳା ଷ୍ଟାଡିୟମ୍‌ଠାରେ ଆଜି ଏକ କ୍ରୀଡା ପ୍ରତିଭା ଅନେଶ୍ୱଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ପାଂଚ ଦିନ ଧରି ଅନୁଷ୍ଠିତ ହେବକୁ ଥିବା ବେଳେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଫକିର ମୋହନ ଟୁଡୁଙ୍କ ସଭପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେମୁଖ୍ୟ ଅତିଥି ଭବେ ସମଜସେବୀ ମିନତୀ ସାହୁ , ସମ୍ମନୀୟ ଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋର୍ତିର୍ମୟ କର, ଡା. ସୁଧିର କୁମାର ସାହୁ , ରମାକୋ ଆଡମିନ ହେଡ ପ୍ରଭାତ ସାହୁ,ୟୁନିଟ ହେଡ ଗୋବିନ୍ଦ ରାଉତ, ଏଚଆର ହେଡ ସର୍ବେଶ୍ୱର ମହାପାତ୍ର , କ୍ରୀଡା ଶିକ୍ଷକ ଦିପ ମହାନ୍ତି, କ୍ରୀଡା ଶିକ୍ଷୟତ୍ରୀ ପାର୍ବତୀ ମାଝି , ବିଜେପି ଯୁବ ନେତା ଜିତେନ୍ଦ୍ର ରାଉତ, ରାଜେଶ ପାଳ ପ୍ରମୁଖ ଯୋଗଦେଇ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ହେଉଥିବା ଖେଳାଳୀ ଚୟନ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦଗାଟନୀ ଉତ୍ସବ ପରେ ପରେ ଆଜି ଅନୁଷ୍ଠିତ ଦୌଡ଼କୁଦ ପାଇଁ ଜିଲ୍ଲାର ୧୦ ଗୋଟି ବ୍ଲକର ୨୪୦ଜଣ ଛାତ୍ରଛାତ୍ର1 ନାମ ପଞ୍ଜିକୃତ କରି ନିଜର ଖେଳ ପ୍ରଦର୍ଶନ କରିଥିଲେ । ସେହିପରି ଆସନ୍ତାକାଲି ଫୁଟବଲ ଖେଳାଳି ଚୟନ,୭ତାରିଖରେ କ୍ରିକେଟ ଖେଳାଳୀ ଚୟନ ୮ ତାରିଖ ଭଲିବଲ୍ ଖେଳାଳୀ ଚୟନ ଓ ୧୧ ତାରିଖରେ ବ୍ୟାଡମିଟନ ପ୍ରତିଭା ଚୟନ ଅନୁଷ୍ଠିତ ହେବ । ତେବେ ଆସନ୍ତା ୧୨ ତାରିଖରେ ଚୟନ ହୋଇଥିବା ଖେଳାଳିମାନଙ୍କର ତାଲିକା ଜାରକରାଯିବାକୁ ସ୍ଥିର କରାଯାଇଛି । ଏହି ଚୟନ ପ୍ରତିଯୋଗୀତାରେ ୯ ରୁ ୧୫ ବର୍ଷ କ୍ରୀଡାବିତ ଅଂଶଗ୍ରହଣ କରିପାରିବେ ଏତଦବ୍ୟତିତ ଜଣେ ପ୍ରତିଯୋଗୀ ଯେକୌଣସି ଗୋଟିଏ କ୍ରୀଡ଼ା ରେ ଅଂଶ ଗ୍ରହଣ କରିପାରିବେ ।

# ଭାଇ ଭଉଣୀର ପବିତ୍ର ସମ୍ପର୍କ ରାକ୍ଷୀ : ଚଳଚଂଚଳ ରାକ୍ଷୀ ଦୋକାନ

ପୁରୀ, ୬/୦୮ (ନି.ପ୍ର): ରାଖୀ ପୂର୍ଣ୍ଣିମା ଓଡ଼ିଶାର ଏକ ଜନପ୍ରିୟ ହିନ୍ଦୁ ପର୍ବ । ଶ୍ରାବଣ ମାସ ପୂର୍ଣ୍ଣମୀକୁ ରାଖୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ । ଭାଇ ଓ ଭଉଣୀଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ ପାଇଁ ରାକ୍ଷୀ ଏକ ମାଧ୍ୟମ । ମହାଲକ୍ଷ୍ମୀ ଶ୍ରାବଣ ପୂର୍ଣ୍ଣିମୀରେ ବଳି ହାତରେ ରାକ୍ଷୀ ବାନ୍ଧିଥିବା ପୁରାଣରେ କଥିତ ଅଛି । ରାଖୀ ପୂର୍ଣ୍ଣିମା ଦିନ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିନ। ଶ୍ରୀମନ୍ଦିରରେ ଦେବୀ ସୁଭଦ୍ରା ମଧ ବଡଭାଇ ଶ୍ରୀବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହାତରେ ରାକ୍ଷୀ ବାନ୍ଧିବେ । ଚଳିତ ମାସ ୯ ତାରିଖରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା । ଏଥିପାଇଁ ପୁରୀରେ ରାଖୀ ଷ୍ଟଲ ଚଳଚଂଚଳ ହୋଇପଡିଛି । ଭଉଣୀ ରାକ୍ଷୀ କିଣି ଭାଇ ହାତରେ ବାନ୍ଧିବ । ରାଖୀ କିଣିବା ପାଇଁ ଭଉଣୀ ମାନେ ବଡଦାଣ୍ଡ ଓ ସାହି ଗଳିକନ୍ଦିରେ ରାକ୍ଷୀ ଷ୍ଟଲରେ ଭିଡ ଲାଗି ରହିଥିବା ଦେଖିବାକୁ ମିଳିଛି । ଛୋଟ ପିଲାଙ୍କ ପାଇଁ କିଡ୍ସ ରାକ୍ଷୀ ଚଳିତ ବର୍ଷ ଆକର୍ଷଣୀୟ ହୋଇଛି । ଚଳିତ ବର୍ଷ ଫେନସୀ ରାକ୍ଷୀର ଶେଷ ଡିଜାଇନ ସୁନ୍ଦର ହେବା ସହିତ ଦୁଇଶହ ଟଙ୍କାରେ ବିକ୍ରି ହେଉଛି । ଶ୍ରୀଜଗନ୍ନାଥଙ୍କ ରାକ୍ଷୀ ବେଶ ଚାହିଦା ରହିଛି । ସାଧାସିଧା ରାକ୍ଷୀ ଭାବେ ତୁଳୀ ରାଖୀ ବିକ୍ରି ହେଉଛି । ଷ୍ଟୋନ ଖଚିତ ବିଭିନ୍ନ ଡିଜାଇନର ରାଖୀ ଷ୍ଟଲର ବିଦ୍ୟୁତ ଆଲୋକରେ ଝଲମଲ କରୁଛି। ରାମ ରାକ୍ଷୀ, ଭାଇ ରାଖୀ, ବ୍ରୋ ରାକ୍ଷୀ, ଭାଇ ଭଉଣୀ ଲେଖା ଥିବା ରାକ୍ଷୀ, ବ୍ରଦର ସିଷ୍ଟର ଲେଖା ଥିବା ରାକ୍ଷୀ, ଲଙ୍ଗ ଲିଭ ମାଇଁ ବ୍ରଦର ଲେଖା ଥିବା ରାକ୍ଷୀ, ବେଷ୍ଟ ଇଜ ମାଇଁ ବ୍ରଦର ଲେଖା ଥିବା ରାକ୍ଷୀ, ଗଣେଶ ରାକ୍ଷୀ, ରୁଦ୍ରାକ୍ଷ ରାକ୍ଷୀ ଆଦି ୫ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ରାକ୍ଷୀ ବିକ୍ରି ହେଉଛି ବୋଲି ବଳଗଣ୍ଡି ମାଜଣା ଜାଗା ନିକଟ ରାକ୍ଷୀ ଷ୍ଟଲ ଖୋଲିଥିବା ବିଶ୍ୱନାଥ ଦାସ କହିଛନ୍ତି । ସେହିପରି ମାର୍କେଟ ଛକ, ନରେନ୍ଦ୍ର କୋଣ, ନାୟକପ୍ଲାଜା, ବଳଗଣ୍ଡି, ମେଡିକାଲ ଛକ, ବଡଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଅନେକ ରାକ୍ଷୀ ଷ୍ଟଲ ଖୋଲିଛି । ମାଟିଆପଡା ଛକ, ରେଳ ଫାଟକ, ସିଦ୍ଧମହାବୀର ଛକ, ବାଲିଘାଟ, ଗୋପାଳପୁର ଛକ, ପେଣ୍ଠକଟା, ଓମେନ୍ସ କଲେଜ ଛକ, ମୋଚିସାହି ଛକ, କଲେଜ ଛକ ଓ ସାହିଗଳି କନ୍ଦିରେ ବିଭିନ୍ନ ରାଖୀ ଷ୍ଟଲରେ ଭିଡ ଲାଗିଥିବା ଦେଖିବାକୁ ମିଳିଛି ।

# ଗାଆଁକୁ ଗାଆଁ ବୁଲି ଗଛ ବାଣ୍ଟିଲେ ରମାକାନ୍ତ



ବାସୁଦେବପୁର, ୦୬/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତରେ ଗାଁ କୁ ଗାଁ ବୁଲି ଗ୍ରାମବାସୀ ମାନଙ୍କୁ ବିଭିନ୍ନ ପ୍ରକାର ଗଛ ବାଣ୍ଟିଛନ୍ତି ଯୁବ ସମାଜସେବୀ ତଥା ସତ୍ୟସାଇ ସେବା ସଙ୍ଗଠନର ଜିଲ୍ଲା ସ୍ତରୀୟ କାର୍ଯ୍ୟ କର୍ତ୍ତା ରମାକାନ୍ତ ଦାସ ଓରଫ୍ ବୁନୁ। ପିଜୁଳି, ଲେମ୍ବୁ, ଆମ୍ବ, ଶିଶୁ ପ୍ରଭୃତି ବିଭିନ୍ନ ପ୍ରକାର ଗଛ ପରିବେଶର ସୁରକ୍ଷା ପାଇଁ ଲୋକ ମାନଙ୍କୁ ସେ ପ୍ରଦାନ କରିଛନ୍ତି। ଗୋଟିଏ ଗଛ ଶହ ଶହ ଲୋକ ମାନଙ୍କ ଜୀବନ ବଞ୍ଚାଇ ପାରିବ ବୋଲି ସେ ପ୍ରକାଶ କରିଛନ୍ତି। ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଶ୍ରୀ ଦାସ ସର୍ବଦା ସମାଜ ସେବା କରି ଆସୁଛନ୍ତି। ବାୟୁ ମଣ୍ଡଳର ପରିବର୍ତ୍ତନ ପାଇଁ ସମସ୍ତଙ୍କ ବାଡ଼ିରେ ଜନ ସାଧାରଣ ଗଛ ଲଗାଇବା ଆବଶ୍ୟକ ବୋଲି ଶ୍ରୀ ଦାସ କୁହନ୍ତି। ପୃଥିବୀରେ ପ୍ରତ୍ୟେକ ମଣିଷ ଗଛ ଲଗାଇଲେ ବର୍ଷା ଠିକ୍ ପରିମାଣରେ ହେବ ଓ ପରିବେଶ ଠିକ୍ ରହିବ ବୋଲି ଏହି କଥା ସେ ଗ୍ରାମବାସୀ ମାନଙ୍କୁ ବୁଝାଇଛନ୍ତି। ନିଜେ ଶ୍ରୀ ଦାସ ଟ୍ରଲି ରିକ୍ସା ରେ ଗଛ ରଖି ରିକ୍ସା ଚଳାଇ ଗ୍ରାମବାସୀ ମାନଙ୍କୁ ଗଛ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାସ ଙ୍କ ପରିବାର ବର୍ଗ,ଗ୍ରାମବାସୀ ଖଗେନ୍ଦ୍ର ଦାସ ଓ ଗ୍ରାମର ବିଭିନ୍ନ ମହିଳା ଓ ପୁରୁଷ ମାନେ ଯୋଗ ଦେଇଥିଲେ। ଏହି ସବୁଜ ସୁନ୍ଦର ପୃଥିବୀ ମନରେ ହସ ଖୁସି ଓ ଆନନ୍ଦ ଭରି ଦେବା ପାଇଁ ଗଛ ଲଗାଇବା ନିହାତି ଆବଶ୍ୟକ ବୋଲି ସମାଜ ସେବୀ ରମାକାନ୍ତ ଦାସ ଗ୍ରାମବାସୀ ମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି।

# ୬୬୨ ବର୍ଗ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଜିଲ୍ଲାପାଳଙ୍କୁ ଦୁଇ ଦଫା ଦାବି ପ୍ରଦାନ

ବଲାଙ୍ଗୀର, ୦୬/୮ (ନି.ପ୍ର): ସ୍ଥାନୀୟ ଯାଦବ ଭବନରୁ ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦୁଇ ଦଫା ଦାବି ନେଇ କର୍ମଚାରୀ ସର୍ତ୍ତାବୀଳି ଓ ପେନସନ ଦାବି ନେଇ ବଲାଙ୍ଗୀର ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଦାବି ପ୍ରଦାନ କରାଯାଇଥିଲା। ପ୍ରଥମେ ର୍ୟାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଥିଲା ଏବଂ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯୁକ୍ତ ଦୁଇ ଓ ଯୁକ୍ତ ତିନି ମହବିଦ୍ୟାଳର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ରାଜ୍ୟ ନେତୃ ମଣ୍ଡଳୀ ର ନିର୍ଦ୍ଦେଶ କ୍ରମେ ଦାବି ପ୍ରଦାନ କରାଯାଇଥିଲା। ଉକ୍ତ ସଭାଯାତ୍ରାରେ ସଭାପତି ପ୍ରଣବ କୁଅଁର, ସଂପାଦକ ଛବିଳ ବଗର୍ତି, ଉପ-ସଭାପତି ରାଜେଶ ମିଶ୍ର, ସହ-ସଂପାଦକ ପ୍ରମୋଦ କୁମାର ବଡପଣ୍ଡା, ଚକ୍ରଧର ପ୍ରଧାନ, ପ୍ରଦୀପ ଠାକୁର, ମୁକେଶ ସାହୁ, ଜୟକୃଷ୍ଣ ସାହୁ, ସଂଜୟ ସିଂ, ପୁରୁଷୋତମ ଭଞ୍ଜ, ଶିବ ଉଦ୍ ?ଗାତା, କୃପାସିନ୍ଧୁ ଯୋଷୀ, ଜୟ ପ୍ରକାଶ ମିଶ୍ର, ସୁବ୍ରତ ପାଢୀ, ଅଶୋକ ତ୍ରିପାଠି, ଅନୁପମ ବହେରା, ହରେଶ ବେହେରା ପ୍ରମୁଖ ଉପସ୍ଥିତ ରହି ଦାବି କରିଥିଲେ।

# ‘ଏକ ପେଡ୍ ମାଆ କେ ନାମ’ ଅଭିଯାନରେ ସ୍ୱତନ୍ତ୍ର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ଆଲୋଚନା ଚକ୍ର



ଜଳେଶ୍ୱର, ୦୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ବ୍ଲକ ର ୩୫ ଟି ପଞ୍ଚାୟତର ସମସ୍ତ ଜୁନିୟର ଇଞ୍ଜିନିୟର,ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ),ସରପଞ୍ଚ ଓ ସଦସ୍ୟ ମାନଙ୍କୁ ନେଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧ୍ୟକ୍ଷତାରେ ‘ଏକ ପେଡ୍ ମାଆ କେ ନାମ’ ଅଭିଯାନରେ ସ୍ୱତନ୍ତ୍ର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ୭୫ ଲକ୍ଷ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଭିଯାନ ଅଧୀନରେ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସରକାରୀ ଅନୁଷ୍ଠାନର ପରିସର (ସ୍କୁଲ୍/କଲେଜ୍/ଜିପି ଅଫିସ/ଅଙ୍ଗନବାଡି/ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି) ବିଭିନ୍ନ ସ୍ଥାନରେ ଅତି କମରେ ୫ ସହ ଗଛ ଲଗାଇବେ। ଗ୍ରାମୀଣ ବଜାର ସ୍ଥାନ, ବ୍ୟକ୍ତିଗତ ହିତାଧିକାରୀଙ୍କ ବ୍ୟକ୍ତିଗତ ଜମିରେ ମଧ୍ୟ ଗଛ ଲଗାଯାଇ ପାରିବ।ଉପଯୁକ୍ତ ଜମି ଉପଲବ୍ଧ ହେଲେ ଅଧିକ ସଂଖ୍ୟକ ଗଛ ଲଗାଯାଇପାରିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମାଗଣାରେ ଚାରା ଯୋଗାଇବେ।ଏହି ଅଭିଯାନ ପାଇଁ ରୋପଣ ପ୍ରକଳ୍ପଗୁଡ଼ିକୁ ଅଗଷ୍ଟ ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଗ୍ରାମ ସଭାରେ ଅନୁମୋଦନ କରାଯିବ।ବୃକ୍ଷ ରୋପଣ ଅଭିଯାନକୁ ସଫଳତାର ସହ ପରିଚାଳନା କରିବା ପାଇଁ ପିଇଓଙ୍କୁ ପଞ୍ଚାୟତ ସ୍ତରରେ ଦାୟିତ୍ୱ ନ୍ୟସ୍ତ କରିବେ। ଲୋକପ୍ରତିନିଧି, ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ, ଗ୍ରାମ କମିଟି,ଏନଜିଓ, ସ୍ୱେଚ୍ଛାସେବୀ, ସ୍କୁଲ, ଅଙ୍ଗନୱାଡ଼ି କର୍ମୀ, ବିଶିଷ୍ଟ ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରି ରୋପଣ ଅଭିଯାନକୁ ଉତ୍ସବମୁଖୀ ଉତ୍ସାହ ସହିତ ଗ୍ରହଣ କରାଯିବ ବୋଲି ଆଜିର କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ମାନସ କୁମାର ଜେନା,କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ ଓ ଅତିରିକ୍ତ ପ୍ରୋଗ୍ରାମ ଅଫିସର ପାୟଲ ସାହୁ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଗଙ୍ଗୋତ୍ରୀ ଓ ଧରୋଲୀରେ ସେନାର ଦୁଇଟି ଅତିରିକ୍ତ ରେସକ୍ୟୁ ଟିମ୍ ନିୟୋଜିତ

ନୂଆଦିଲ୍ଲୀ,୬/୮ : ଡ୍ରୋନ ଓ ସନ୍ଧାନୀ କୁକୁରଙ୍କ ସହାୟତାରେ ଫସିରହିଥିବା ନାଗରିକଙ୍କ ପତ୍ତା ଲଗାଇବା ଉଦ୍ୟମ ଜୋରଦାର ନୂଆଦିଲ୍ଲୀ, ୬ ଅଗଷ୍ଟ (ହି.ସ.)- ଉତ୍ତରକାଶୀରେ ବାଦଲ ଫାଟିବା ଘଟଣା ରେ ନିମ୍ନ ହର୍ଷିଲ୍ ଅଞ୍ଚଳର ଏକ ଶିବିରରୁ ନିଖୋଜ ଭାରତୀୟ ସେନା ଯବାନମାନଙ୍କ ସଂପର୍କରେ କୌଣସି ସୂଚନା ମିଳିନାହିଁ। ଏହା ସତ୍ତ୍ୱେ ଭାରତୀୟ ସେନାର ଯବାନମାନେ ଦ୍ରୁତ ଗତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏର୍ଯ୍ୟନ୍ତ ୭୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଗଙ୍ଗୋତ୍ରୀ ଓ ଧରୋଲୀରେ ଦୁଇଟି ଅତିରିକ୍ତ ଉଦ୍ଧାର ଓ ରେସକ୍ୟୁ ଟିମ ନିୟୋଜିତ କରାଯାଇଛି। ହର୍ଷିଲ୍ ଠାରୁ ଧରୋଲୀ ପର୍ଯ୍ୟନ୍ତ ସଡ଼କ ଖୋଲିବା ପାଇଁ ମାଟି ହଟାଇବା ଯନ୍ତ୍ର ଲଗାଯାଇଛି। ଫସିଯାଇଥିବା ନାଗରିକମାନଙ୍କୁ ଚିହ୍ନଟ କରିବାକୁ ଡ୍ରୋନ୍ ଓ ଉଦ୍ଧାର କୁକୁରମାନଙ୍କ ସହଯୋଗ ନିଆଯାଉଛି। ଭାରତୀୟ ସେନା ଅଧିକାରୀମାନେ ଜଣାଇଛନ୍ତି ଯେ ନିମ୍ନ ହର୍ଷିଲ୍ ଅଞ୍ଚଳର ଏକ ଶିବିରରୁ ୮-୧୦ ଜଣ ଭାରତୀୟ ସେନା ବାନ ନିଖୋଜ ବୋଲି ସୂଚନା ମିଳିଛି। ନିଜ ଲୋକଙ୍କ ନିଖୋଜ ଥିବା ସତ୍ତ୍ୱେ ସେନା ଯବାନମାନେ ଉଦ୍ଧାର କାର୍ଯ୍ୟରେ ନିରନ୍ତର ଲାଗି ରହିଛନ୍ତି। ଭୂସ୍ଖଳନ ପରେ ଭାରତୀୟ ସେନା ବୁଧବାର ଜଣାଇଛି ‌ ଧରାଳୀରେ ଏପର୍ଯ୍ୟନ୍ତ ୭୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଲୋକମାନଙ୍କୁ ଚିକିତ୍ସା ସହଯୋଗ ଓ ଖାଦ୍ୟ ଉପଲବ୍ଧ କରାଯାଉଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାସୁଦେବପୁର

### ବିଜ୍ଞାପନ ସଂଖ୍ୟା ୨୧୭୧ ତା୦୫/୦୮/୨୫ରିଖ

ପୂର୍ବ ବିଜ୍ଞାପନ ସଂଖ୍ୟା ୯୪୧ ତା.୦୨.୦୪.୨୦୨୫ ରିଖ ନିଲାମକୁ ଅପରିହାର୍ଯ୍ୟ ପରିସ୍ଥିତି କ୍ରମେ ରଦ୍ଦ କରାଯାଇ ନିଲାମ କମିଟିର ସୁପାରିସରେ ସଂଶୋଧିତ ବିଜ୍ଞାପନ ପ୍ରକାରେ ସର୍ବସାଧାରଣଙ୍କ ପୁନଃ ଅବଗତି ନିମନ୍ତେ ପ୍ରକାଶିତ ଯଥା:-

### ସର୍ତ୍ତାବଳୀ

୧. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି। ପ୍ରତି ଦୋକାନ ଗୃହର ମୂଲ୍ୟ ଟ.୨୦୦୦/- (ଦୁଇ ହଜାର ଟଙ୍କା) ମାତ୍ର ରହିବ । ପ୍ରତି ବର୍ଷ ମୂଳ ରାଶିର ୧୦% ହାରରେ ବୃଦ୍ଧି କରାଯିବ ।
୨. ଧର୍ମଗୋଳା (Lottery) ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଅମାନତ ରାଶି ସର୍ବନିମ୍ନ ଟ.୫୦୦/-(ପାଂଚ ଶହ ଟଙ୍କା) ମାତ୍ର ପ୍ରତି ଦୋକାନଗୃହ ପିଛା ପଂଚାୟତ ସମିତିର କୋଷାଧ୍ୟକ୍ଷଙ୍କ ନିକଟରେ ଜମା କରିବେ ଯାହାକି ଗୋଟିଏ ମାତ୍ର ଦୋକାନ ଗୃହ ନିମନ୍ତେ ପ୍ରଯୁଜ୍ୟ ଅଟେ । ଯଦି କୌଣସି ବ୍ୟକ୍ତି ଗୋଟିଏରୁ ଅଧିକ ଗୃହ ନିମନ୍ତେ ପ୍ରକାଶ୍ୟ ଧର୍ମଗୋଳା (Lottery) ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଥାନ୍ତି ତେବେ ତାଙ୍କୁ ସେହି କ୍ରମରେ ଅଧିକ ଟ.୫୦୦/- ପୈଠ କରି ତାର ରସିଦ କୋଷାଧ୍ୟକ୍ଷଙ୍କ ଠାରୁ ସଂଗ୍ରହ କରିବେ । ହାରିଲେ ମଧ୍ୟ ନିର୍ଦ୍ଧାରିତ ଗୃହ ବ୍ୟତିତ ଅନ୍ୟ ଗୃହ ନିମନ୍ତେ ଧର୍ମଗୋଳାରେ ଅଂଶଗ୍ରହଣ ପାରିବେ ନାହିଁ ।
୩. Lottery ରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅମାନତ ରାଶି ଫେରସ୍ତ କରାଯିବ ନାହିଁ। Lotteryରେ ଜିତିଥିବା ବ୍ୟକ୍ତି ଦୋକାନଗୃହର ରାଶି ଦାଖଲ ପରେ ଗୋଷ୍ଠୀଉନ୍ନୟନ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଇବେ ।
୪. Lottery ମାଧ୍ୟମରେ ଦୋକାନ ଗୃହ ଗ୍ରହଣ କରିଥିବା ବ୍ୟକ୍ତି ଦୋକାନଗୃହର ବିଦ୍ୟୁତ ବିଲ ପୈଠ କରିବେ ।
୫. Lottery ମାଧ୍ୟମରେ ଦୋକାନ ଗୃହ ଗ୍ରହଣ କରିଥିବା ବ୍ୟକ୍ତି ୬ ମାସର ଭଡ଼ା ଅଗ୍ରୀମ ଭାବେ ପୈଠ କରିବେ ଏବଂ ପ୍ରତି ମାସରେ ୫ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମା କରି ତାହାର ନକଲ ପଂଚାୟତ ସମିତି/ ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ, ଏଥିରେ ବ୍ୟତିକ୍ରମ କଲେ ବା ତିନି ମାସ ଭଡ଼ା ପ୍ରଦାନରେ ଖୁଲାପ କଲେ କମିଟିର ନିଷ୍ପତି କ୍ରମେ ଉକ୍ତ ଗୃହର ପୁନଃ Lottery ଆହ୍ୱାନ କରାଯିବ । ଯଦି ଦୋକାନଗୃହ ଗ୍ରହଣ କରିଥିବା ବ୍ୟକ୍ତି ବ୫ର୍ଷ ମଧ୍ୟରେ ନିଜ ସ୍ୱଇଚ୍ଛାରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ତାହା ଅନ୍ୟୁନ ୩ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚରାର୍ଥେ ଦରଖାସ୍ତ ଦାଖଲ କରିବେ ଓ ଉକ୍ତ ଗୃହର ପରବର୍ତୀ ପର୍ଯ୍ୟାୟରେ ପ୍ରକାଶ୍ୟ ନିଲାମ/ Lottery ଆହ୍ୱାନ କରାଯିବ ।
୬. ଦୋକାନଗୃହ ଗ୍ରହଣ କରିଥିବା ବ୍ୟକ୍ତି କୌଣସି ପ୍ରକାର ଅନାଧୀକୃତ । ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ, ଏଥିରେ ବ୍ୟତିକ୍ରମ କଲେ କମିଟି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।
୭. ଦୋକାନ ଗୃହ ଗ୍ରହୀତା ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାୟୀ ରହିବେ । ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣାବେକ୍ଷଣ ନକରନ୍ତି ତେବେ ସମ୍ପୃକ୍ତ ଗୃହର Lottery ଯେ କୌଣସି ସମୟରେ ରଦ୍ଦ କରାଯାଇ ପୁନଶ୍ଚ Lottery ଆହ୍ୱାନ କରାଯିବ ।
୮. ଏକାଧିକ ଗୃହର ଧର୍ମଗୋଳରେ ଅଂଶଗ୍ରହଣ କରିବା ନିମନ୍ତେ ପଞ୍ଜିକୃତ ବ୍ୟକ୍ତି ବିଶେଷ ତା.୦୬.୦୮.୨୦୨୫ରିଖ ଠାରୁ ତା.୧୬.୦୮.୨୦୨୫ରିଖ ଅପରାହ୍ନ ଘ୫.୩୦ ମି. ପର୍ଯ୍ୟନ୍ତ କୋଷାଧକ୍ଷଙ୍କ ଠାରେ ରସିଦ୍ କାଟି ପାରିବେ ତତ୍ ପରେ କୌଣସି ଅଭିଯୋଗ ଗ୍ରହଣ କରାଯାଇ ପାରିବ ନାହିଁ ।
୯. ଆମ ବସଷ୍ଟାଣ୍ଡ ଦୋକାନଗୃହର Lottery ଆସନ୍ତା ତା.୧୮.୦୮.୨୦୨୫ରିଖ ଅପରାହ୍ନ ୪ ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ଆହ୍ୱାନ କରାଯିବ ।
୧୦. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, ସେମାନେ Lottery କକ୍ଷକୁ ପ୍ରବେଶ କଲା ବେଳେ ରସିଦ ଓ ସେମାନଙ୍କର ଆଧାର କାର୍ଡ଼ ସାଙ୍ଗରେ ଆଣିବେ ।
୧୧. ସମସ୍ତ ପଞ୍ଜିକୃତ ବ୍ୟକ୍ତି ମାନଙ୍କୁ ଏତଦ୍ୱାରା ଅନୁରୋଧ କରାଗଲା ଯେ, Lottery କକ୍ଷକୁ ମୋବାଇଲ ଫୋନି ଆଣିବେ ନାହିଁ ବା ଏହାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।
୧୨. ଯଦି ପଞ୍ଜିକରଣ କରିଥିବା ବ୍ୟକ୍ତି Lotteryରେ ଉପସ୍ଥିତ ନରହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଭାଗ ନିଅନ୍ତି ତେବେ ପଞ୍ଜିକରଣ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ ।
୧୩. ଯଦି କୌଣସି ବ୍ୟକ୍ତି Lottery ସ୍ଥଳରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ Lottery କମିଟି ସେହି ବ୍ୟକ୍ତିଙ୍କୁ Lottery କକ୍ଷରୁ ବାହାର କରିଦେଇ ପାରିବେ ଓ ସେହି ବ୍ୟକ୍ତି Lotteryରେ ଅଂଶଗ୍ରହଣ କରିପାରିବେ ନାହିଁ।
୧୪. Lottery ଆହ୍ୱାନ ଦିବସରେ ଯଦି କୌଣସି କାରଣ ବଶତଃ Lottery ରଦ୍ଦ କରିବାକୁ ପଡ଼େ, ତେବେ Lottery କମିଟି ନିଜ ସ୍ୱଇଚ୍ଛାରେ ଏହାକୁ ରଦ୍ଦ କରିପାରିବେ ।

ଉପରୋକ୍ତ ସର୍ତାବଳୀକୁ ଅବମାନନା କଲେ ନିମ୍ନସ୍ୱାକ୍ଷରକାରୀ ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।

OIPR: 19306/11/0013/2526

ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବାସୁଦେବପୁର


# ଦିବଂଗତ ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ରୂପସା , ୦୬/୮ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ମୁନି ସମାଜର ଜିଲ୍ଲା ଅଧ୍ୟକ୍ଷ ବ୍ରହ୍ମଜ୍ଞାନୀ ଦିବଂଗତ ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା, ଯୋଗୀ ଭିକାରୀଚରଣମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଅତିଥି ହିସାବରେ ଜିଲ୍ଲା ସମ୍ପାଦକ ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ ଯୋଗଦାନ କରିଥିଲେ ।

# ଝାରଖଣ୍ଡ- କୁଖ୍ୟାତ ନକ୍ସଲ କମାଣ୍ଡର କେରକେଟ୍ଟା ଗୁଳି ବିନିମୟରେ ନିହତ

ରାଞ୍ଚି, ୦୬/୮ (ନି.ପ୍ର): ଝାରଖଣ୍ଡର ଗୁମଲା ଜିଲ୍ଲା ପୋଲିସ ବଡ଼ ସଫଳତା ହାସଲ କରିଛି। ମଙ୍ଗଳବାର ରାତିରେ ପୋଲିସ ପିପୁଲ୍ସ ଲିବେରେସନ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆର କମାଣ୍ଡର୍ ମାର୍ଟିନ୍ କେରକେଟ୍ଟାଙ୍କ ଏନକାଉଣ୍ଟରରେ ନିହତ ହୋଇଛି । କେରକେଟ୍ଟାଙ୍କ ଉପରେ ୧୫ ଲକ୍ଷ ଟଙ୍କାର ଇନାମ ଘୋଷଣା କରାଯାଇଥିଲା। ଗୁମଲା ଜିଲ୍ଲାର କାମଡାରା ଥାନା ଅଞ୍ଚଳର ପାରହି ଜଙ୍ଗଲର ଚଙ୍ଗାବାଡ଼ୀରେ ଘଟିଥିବା ଏହି ଗୁଳି ବିନିମୟରେ ତାଙ୍କ ଠାରୁ ଅସ୍ତ୍ର ଉଦ୍ଧାର କରାଯାଇଛି। ଏସପି ହରିଶ ବିନ ଜମାଙ୍କୁ କାମଡାରା ଥାନା ଅଞ୍ଚଳର ଚଙ୍ଗାବାଡ଼ୀ ଉପରଟୋଲିରେ ନକ୍ସଲ ଲୁଚିଥିବା ସୂଚନା ମିଳିଥିଲା। ଏହା ଆଧାରରେ ଗଠିତ ଏକ ଟିମ୍ ଅଭିଯାନ ଆରମ୍ଭ କରିଥିଲା। ପୋଲିସ ଟିମ୍ ସେଠାରେ ପହଞ୍ଚିବା ମାତ୍ରେ ନକ୍ସଲମାନେ ଗୁଳିବର୍ଷା ଆରମ୍ଭ କରିଥିଲେ। ପୋଲିସ ଟିମ୍ ମଧ୍ୟ ପ୍ରତି ଉତ୍ତରରେ ଗୁଳିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୋହନ-ମନମୋହନଙ୍କ...

ସେମାନଙ୍କୁ କେଉଁଠି ଆଉ କେଉଁ ପଦବୀରେ ଥଇଥାନ କରାଯିବ ? ସେ ନେଇ ହେଉଛି ମାନସ ମନ୍ଥନ। ସେହିପରି ବୋର୍ଡ-ନିଗମ ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଖୁବ ଶୀଘ୍ର ଏହା ଚୂଡାନ୍ତ ହୋଇପାରେ ବୋଲି କୁହାଯାଉଛି। ଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଆଜି କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ରାଜ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହା ସହ ସନ୍ଧ୍ୟାରେ ସାଂସଦମାନଙ୍କ ସହ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତିଙ୍କ ଏକ ବୈଠକ ମଧ୍ୟ ରହିଛି। ଯେଉଁଥିରେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ମଧ୍ୟ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ପରେ ଦଳୀୟ ସଙ୍ଗଠନ ପ୍ରସଙ୍ଗରେ କେନ୍ଦ୍ର ନେତୃତ୍ୱଙ୍କୁ ମୋହନ-ମନମୋହନ ଭେଟିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏଠାରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଚର୍ଚ୍ଚା ହୋଇପାରେ ବୋଲି କୁହାଯାଉଛି। ଗତ ମାସରେ ମଧ୍ୟ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ର ନେତୃତ୍ୱଙ୍କୁ ଭେଟିଥିଲେ ଉଭୟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି।

## ଶୃଙ୍ଖଳିତ ହେବ ଶ୍ରୀମନ୍ଦିର...

ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାରରେ ଦର ତାଲିକା ବି ଲାଗିବ। ଯାହାଦ୍ୱାରା କେଉଁ କୁଡୁଆ ଏବଂ କେଉଁ ବ୍ୟଞ୍ଜନର ଦର କେତେ ତାହା ଜାଣିବାରେ ଦ୍ୱନ୍ଦ୍ୱ ରହିବନି। ଆନନ୍ଦବଜାରରେ କେବଳ ସୂପକାର ହିଁ ଅବଢ଼ା ବିକ୍ରି କରିବେ ଏବଂ ଅବଢ଼ ଦୋକାନ ସହାୟକଙ୍କ ପାଇଁ ଡ୍ରେସ୍ କୋଡ୍ ସହ ପରିଚୟପତ୍ରର ବି ବ୍ୟବସ୍ଥା କରାଯିବ। ଆନନ୍ଦବଜାରରେ କୌଣସି ବିଶୃଙ୍ଖଳିତ ଆଚରଣକୁ ବରଦାସ୍ତ କରାଯିବ ନାହିଁ। ସେହିପରି ମହାପ୍ରସାଦଠୁ ନେଇ ଶୁଖିଲି ଭୋଗ ଯାଏଁ ଓମଫେଡ୍ ଛଡ଼ା ଅନ୍ୟ ଘିଅ ଯେମିତି ବ୍ୟବହାର ନହୁଏ ତାହା ସୁନିଶ୍ଚିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ନଜର।

## ଜଳିଗଲେ ଆଉ ଜଣେ...

ମୋବାଇଲ୍ ନମ୍ବର ବ୍ଲକ କରି ଦେବାକୁ କହିଥିଲେ ଏବଂ ମାମଲା ରୁଜୁ କରିନଥିଲେ । ଛାତ୍ରୀ ଜଳିଯିବା ଖବର ଆସିବା ପରେ ତୁରନ୍ତ ହସ୍ତକ୍ଷେପ କରିଥିଲେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ । କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଏସ୍‌ପି । ମୃତ ଛାତ୍ରୀଙ୍କ ବାପା-ମା’ଙ୍କୁ ପଚରାଉଚରା କରିଛନ୍ତି । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତୃଣମୂଳସ୍ତରରେ ତଦନ୍ତ କରୁଛି । ପ୍ରଶ୍ନ ଉଠୁଛି, କାହିଁକି ଏଫ୍‌ଆଇଆର ଗ୍ରହଣ କଲେନି ପଲେଇ ବାବୁ? କାହିଁକି ଜାଣିପାରିଲେନି କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିୟା? ଥାନା ସମୀକ୍ଷା କରୁନାହାନ୍ତି କି ଏସ୍‌ପି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି କି ପୁଲିସ ବାବୁ?

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ...

କେବେ, କେଉଁଠୁ, କେମିତି, କାହିଁକି, କେତେ ଟଙ୍କା ଆସିଛି ତାହାର ଗୋଟି ଗୋଟି ହିସାବ କରୁଛି ତଦନ୍ତକାରୀ ଟିମ୍ । କିଛି ଶିକ୍ଷକ, ଶିକ୍ଷକ ସଂଘ ନେତା ମଧ୍ୟ କ୍ରାଇମବ୍ରାଞ୍ଚର ରାଡାରରେ ରହିଛନ୍ତି । ଅନ୍ୟପଟେ ଯେଉଁ ଜେରକ୍ସ ଦୋକାନରେ ପ୍ରଶ୍ନପତ୍ର ନକଲ ବାହାରିଥିଲା ତାଙ୍କୁ ପଚରାଉଚରା କରିବା ପରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଛି ତଦନ୍ତକାରୀ ଟିମ୍ । ଶ୍ରୀକାନ୍ତ-ନୀହାରଙ୍କ ମଧ୍ୟରେ ଥିବା ସୁସମ୍ପର୍କ ପ୍ରଶ୍ନପତ୍ର ପ୍ରଘଟର ଅନ୍ୟତମ କାରଣ ବୋଲି ଅଭିଯୋଗ ହେଉଛି । ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି । ତଥାପି କ୍ରାଇମବ୍ରାଞ୍ଚର ମନ ବୁଝୁନି । ପ୍ରଶ୍ନପତ୍ର ପ୍ରଘଟ ପଛର ପୂରା ସିଣ୍ଡିକେଟ୍‌କୁ ଧରିବାକୁ ଜାଲ ବିଛାଇଛି କ୍ରାଇମବ୍ରାଞ୍ଚ।

## ଭିଜିଲାନ୍ସ ଜାଲରେ...

ଦେବେ ନାହିଁ ବୋଲି କହିଥିଲେ। ଉପାୟଶୂନ୍ୟ ହୋଇ ଚାଷୀ ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଆଜି ସେ ଆସିଷ୍ଟାଣ୍ଟ ରେକର୍ଡ କିପର ହାଡ଼ିବନ୍ଧୁ ବେହେରାଙ୍କୁ ତାଙ୍କ ଅଫିସରେ ଭେଟି ୩୦୦୦ ଟଙ୍କା ଲାଞ୍ଚ ଦେଇଥିଲେ। ଶ୍ରୀ ବେହେରା ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଧରିଥିଲେ। ଏହା ପରେ ଆସିଷ୍ଟାଣ୍ଟ ରେକର୍ଡ କିପର ହାଡ଼ିବନ୍ଧୁ ବେହେରାଙ୍କ ଦୁଇଟି ଠିକଣା ଉପରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ବାଲେଶ୍ୱର ଭିଜିଲାନ୍ସ ଥାନାରେ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

## ଚଳିତମାସ ଶେଷରେ...

ଭେଟ କରିବାର ସମ୍ଭାବନା ରହିଛି । ଏହା ପୂର୍ବରୁ ଅକ୍ଟୋବର ୨୦୨୪ ରେ କଜାନ ଠାରେ ବ୍ରିକ୍ସ ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ଓ ଚୀନର ରାଷ୍ଟ୍ରପତିଙ୍କ ମଧ୍ୟରେ ଭେଟଘାଟ ହୋଇଥିଲା । କହିରଖୁ କି ଭାରତ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଚାଇନ ଆମର ଶତ୍ରୁଦେଶ ବୋଲି ଅଭିହିତ କରାଯାଇଛି । ଗଲଓ୍ୱାନ ସଂଘର୍ଷ ପରେ ଭାରତ ସରକାର ଦେଶବାସୀଙ୍କୁ ଚାଇନା ସାମଗ୍ରୀ ବୟକଟ୍ କରିବା ସହ କିଛି ଚାଇନା ଆପକୁ ବ୍ୟାନ କରିଥିଲେ । ଯାହାକୁ ନେଇ ଭାରତୀୟଙ୍କ ମନରେ ଚୀନ ପ୍ରତି ଏକ ଘୃଣାଭାବ ସୃଷ୍ଟି ହୋଇଛି । ଯାହା କି ଆଜି ବି ବଳବତ୍ତର ଥିବା ଭଳି ମନେହୁଏ । ହେଲେ ହଠାତ୍ କିଛିମାସ ହେବ ଭାରତ ସରକାର ଚାଇନ ପ୍ରତି ଚରମ ମନୋଭାବ ପ୍ରତିପୋଷଣ କରୁଛନ୍ତି । ପ୍ରଥମେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଂକରଙ୍କ ଚାଇନ ଗସ୍ତ ଓ ଏବେ ନିଜେ ପ୍ରଧାନମନ୍ତ୍ରୀ ଚାଇନା ଯାଉଥିବାର ଖବର ଦେଶବାସୀଙ୍କୁ ଚକିତ କରିଛି । ଏହା ପଛରେ ଟ୍ରମ୍ପ ସରକାରଙ୍କ ଟାରିଫ୍ ଝଟକା ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଥାନାରେ ଥାର୍ଡ ...

ବାଲିଚନ୍ଦ୍ରପୁର ଥାନା ମହିପୁର ଗାଁର ରବୀନ୍ଦ୍ର ମଲ୍ଲିକ। ପୋଲିସ ବିରୋଧରେ ଆଣିଛନ୍ତି ଥାର୍ଡ ଡିଗ୍ରୀର ସଙ୍ଗୀନ ଅଭିଯୋଗ। ବଖାଣିଛନ୍ତି ଥାନାରେ ନିର୍ଯାତନାର କାହାଣୀ। ରବୀନ୍ଦ୍ର କହିଛନ୍ତି, ଘରୋଇ କଳିକୁ ନେଇ ୩ ତାରିଖରେ ଏତଲା ଦେବାକୁ ଯାଇଥିବା ବେଳେ ଅଟକ ରଖିଥିଲା ବାଲିଚନ୍ଦ୍ରପୁର ଥାନା ପୋଲିସ। ହାଜତରେ ଉଲଗ୍ନ ହେବାକୁ ବାଧ କରିଥିଲେ ଓ ଜବରଦସ୍ତି ଉଲଗ୍ନ କରିଥିଲେ। ଧମକାଇଥିଲେ ଦୋଷ ମାନି ନିଅ। ତାଙ୍କ ଆଗରେ ଏକ ବିଷ ବୋତଲ ରଖିଥିଲା ପୋଲିସ। ଅତ୍ୟାଚାରରେ ଅତିଷ୍ଠ ହୋଇ ବିଷ ବୋତଲକୁ ଖୋଲି ପିଇ ଦେଇଥିବା କହିଛନ୍ତି ରବୀନ୍ଦ୍ର। ସବୁଠୁ ବଡ଼ କଥା ଥାନା ଭିତରେ ଏତେକାଣ୍ଡ ହୋଇଥିଲେ ବି ରବୀନ୍ଦ୍ରଙ୍କ ପରିବାରକୁ କିଛି ବି ଜଣାଇ ନଥିଲା ପୋଲିସ। ଥରୁଟିଏ ଦେଖା କରିବାକୁ ବି ଦେଇ ନଥିଲା। ଏସସିବି ଆଣି ଚିକିତ୍ସା କରାଉଥିଲେ ବି ତିନି ଦିନ ଯାଏ ପରିବାରକୁ ଲୁଚାଇଥିଲା ପୋଲିସ। ଗତକାଲି ଏକଥା ଜାଣିବାକୁ ପାଇଥିଲେ ବୋଲି କହିଛନ୍ତି ପରିବାର ଲୋକ। ପୋଲିସର ଏଭଳି କାମକୁ ନେଇ ନାନା ପ୍ରଶ୍ନ ଉଠୁଛି। କାହିଁକି ପରିବାର ଲୋକଙ୍କୁ ରବୀନ୍ଦ୍ରଙ୍କ ଅସୁସ୍ଥତା ବାବଦରେ ଜଣା ଯାଇ ନଥିଲା ପୋଲିସ ? ପ୍ରଥମ ଦିନରୁ ମିଛ କହୁଥିଲେ କଣ ପାଇଁ ? ହାଜତ ଭିତରେ କଣ ସତରେ ପୋଲିସ ବିଷ ବୋତଲ ରଖିଥିଲା ? ରବୀନ୍ଦ୍ର ବିଷ ପିଇବା ବେଳେ ପୋଲିସ କର୍ମଚାରୀ କରୁଥିଲେ କଣ ? କେହି କେମିତି ଦେଖିଲେନି କି ଅଟକାଇଲେନି ? ଅନ୍ୟପଟେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ କୌଣସି ଥାର୍ଡ ଡିଗ୍ରୀ ଦିଆଯାଇ ନଥିବା କହିଛନ୍ତି। ଏପଟେ ଜଗତସିଂହପୁର ବିରିଡି ଥାନା ଅଧିକାରୀଙ୍କ ନାଁରେ ବି ଆସିଛି ଥାର୍ଡ ଡିଗ୍ରୀ ଅଭିଯୋଗ। ଥାନା ଭିତରେ ଅମାନୁଷିକ ଭାବରେ ମାଡ଼ ମରାଯାଇଥିବା ଅଭିଯୋଗ ଆଣିଛନ୍ତି ବାଲିଆ କୃତିବାସ ପାଟଣା ଗାଁର ପାର୍ଥସାରଥି ଦାସ। ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ ବି କରିଛନ୍ତି ପାର୍ଥସାରଥି। ଅଭିଯୋଗ କରିଛନ୍ତି, ବ୍ଲକ କାର୍ଯ୍ୟାଳୟରୁ କୌଣସି କାମରେ ଫେରିବା ବାଟରେ କିଛି ଅସାମାଜିକ ତାଙ୍କୁ ମାଡ଼ ମାରିଥିଲେ। ଏତିକିବେଳେ ସେଠାରେ ଥିବା ବିରିଡି ଥାନା ଅଧିକାରୀ ଆକ୍ରମଣକାରୀଙ୍କୁ ଛାଡି ତାଙ୍କୁ ଥାନାକୁ ନେଇ ନିସ୍ତୁକ ପିଟିଥିଲେ। କଟକରେ ଚିକିତ୍ସିତ ହୋଇ ଫେରିବା ପରେ ପୋଲିସ ବିରୋଧରେ ଥାର୍ଡ ଡିଗ୍ରୀ ଅଭିଯୋଗ କରିଛନ୍ତି ପାର୍ଥସାରଥି। ଏହି ଘଟଣାରେ ବିରିଡି ଥାନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଜଗତସିଂହପୁର ଏସପି।

## ବଢ଼ିବ ସେନାର ଶକ୍ତି ...

ବୈଠକରେ, ତିନି ସେନାର କାର୍ଯ୍ୟକ୍ଷମ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ସାମରିକ ପ୍ରଣାଳୀ କିଣିବାକୁ ଅନୁମୋଦନ ଦିଆଯାଇଥିଲା। ମଧ୍ୟମ ଉଚ୍ଚତାରେ ଦୀର୍ଘ ସମୟ ପାଇଁ ଉଡୁଥିବା ମିଡିୟମ୍ ଅଲ୍ଟିଚ୍ୟୁଡ୍ ଲଙ୍ଗ୍ ଏଣ୍ଡ୍ୟୁରାନ୍ସ , ରିମୋଟ୍ଲି ପାଇଲଟେଡ୍ ଏୟାରକ୍ରାଫ୍ଟ କିଣିବାକୁ ଅନୁମୋଦନ ଦିଆଯାଇଥିଲା। ଆପଣଙ୍କୁ ଜଣାଇ ଦେଉଛୁ ଯେ ପାକିସ୍ତାନ ତୁର୍କୀରୁ ଏପରି ବାଇରେକ୍ଟର ୟୁଏଭି କିଣିଛି। ଭାରତ ଆମେରିକାଠାରୁ କିଣିବାକୁ ଚୁକ୍ତି କରିଥିବା ୩୬ଟି ଏମକ୍ୟୁ-୯ ପ୍ରିଡେଟର ଡ୍ରୋନର ଯୋଗାଣ ବିଳମ୍ବ ହେଉଛି। ନୌସେନା ପାଇଁ ବ୍ରହ୍ମୋସ୍ ଲଞ୍ଚର୍ ବ୍ୟତୀତ, କମ୍ପାକ୍ଟ ଅଟୋନୋମସ୍ ସରଫେସ୍ କ୍ରାଫ୍ଟ (ସମୁଦ୍ରରେ କାର୍ଯ୍ୟ କରୁଥିବା ଡ୍ରୋନ୍) କ୍ରୟ ଏବଂ ବାରାକ-୧ ପଏଣ୍ଟ ପ୍ରତିରକ୍ଷା କ୍ଷେପଣାସ୍ତ୍ର ପ୍ରଣାଳୀର ଅପଗ୍ରେଡ୍ ମଧ୍ୟ ମଞ୍ଜୁରୀ ପାଇଥିଲା।

## ୧୪୦ଗ୍ରାମ...

ବା ଧଳାଜହର ବେପାରୀକୁ ଗିରଫ କରି ତା’ଠାରୁ ୧୪ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି । ସୂଚନା ଅନୁଯାୟୀ ନୀଳଗିରି ଅବକାରୀ ଥାନା ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ ଏବଂ ଓଆଇସି ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ରଟିମ ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ପହଞ୍ଚିଥିଲା । ଅବକାରୀ କର୍ମଚାରୀମାନେ ସାଧା ପୋଷାକରେ ଗରାଖ ସାଜି ଉକ୍ତ ଅଞ୍ଚଳର ଏକ ହୋଟେଲ ପାଖରେ ବସିଥିବା ବେପାରୀ ଲୁଲୁ ଓରଫ ଜଗଦୀଶ ପାଣିଗ୍ରାହୀଙ୍କୁ ବ୍ରାଉନ ସୁଗର ମାଗିଥିଲେ । ବେପାରୀ ଜଣକ ବ୍ରାଉନସୁଗର ଆଣିବାକୁ ଯାଇଥିବା ବେଳେ ତାକୁ ମାଡ଼ି ବସିଥିଲା ଅବକାରୀ ଟିମ୍। ଏହି ବେପାରୀଙ୍କ ଠାରୁ ୧୪୦ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୧୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବବୋଲି କୁହାଯାଉଛି । ଗିରଫ କରାଯିବାପରେ କେସ ନଂ -୧୩୧/୨୫-୨୬, ସ୍ପେଶାଲ କେସ ନଂ ୨୨୯/ ୨୫ରେ ଅଭିଯୁକ୍ତକୁ ବିଳମ୍ବିତ ରାତିରେ ବାଲେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି । ଚଢ଼ଉରେ କନଷ୍ଟେବଳ ସନ୍ତୋଷ ବେହେରା, ତପନ ମଲ୍ଲିକ , ନାହନ ମୁର୍ମୁ ପ୍ରମୁଖ ସାମିଲଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଜିଲ୍ଲା ସାଂଗଠନିକ ବୈଠକ ଓ କର୍ମଶାଳା

ବାଲେଶ୍ୱର, ୦୬/୮ (ନି.ପ୍ର): ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସାଂଗଠନିକ ବୈଠକ ଓ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ଆଗାମୀ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ପ୍ରତି ଘରେ ତ୍ରିରଙ୍ଗ, ତ୍ରିରଙ୍ଗା ଶୋଭାଯାତ୍ରା, ବିଭାଜନର ବିଭିଷିକା, ସ୍ୱଚ୍ଛ ଭାରତ, ସ୍ୱତନ୍ତ୍ରତା ସଂଗ୍ରାମୀ ଓ ସହୀଦଙ୍କୁ ସମ୍ମାନ, ରକ୍ଷା ବନ୍ଧନ, ବୃକ୍ଷ ରୋପଣ ଓ ସ୍ୱାଧୀନତା ଦିବସ ପାଳନ ଆଗାମୀ ୧୦ ତାରିଖରୁ ୧୫ ତାରିଖ ମଧରେ ସମଗ୍ର ଜିଲ୍ଲାରେ ବ୍ୟାପକ ଉତ୍ସାହରେ ପାଳନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବା ସହିତ କାର୍ଯ୍ୟକର୍ତ୍ତାଙ୍କୁ ଦାଇତ୍ୱ ବଣ୍ଟନ କରାଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ, ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଓ ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସୋରୋ ବିଧାୟକ ପାର୍ଥୀ ପର୍ଶୁରାମ ଧଡ଼ା, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ ଓ ବରିଷ୍ଠ ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ ମଞ୍ଚାସିନ ହୋଇ ଆଲୋଚନାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରେରିତ ରାଖୀ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା ସଭାପତି ବଣ୍ଟନ କରିଥିଲେ। ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ, ଚନ୍ଦ୍ରଶେଖର ନନ୍ଦ, ବିଜୟ ସାହୁ, ରାଜେଶ ମହାପାତ୍ର, ରଞ୍ଜିତ ପୃଷ୍ଟି ଓ ସୁମନ୍ତ ମହାଳିକ ସଭା ଓ କର୍ମଶାଳା ପରିଚାଳନା ଓ ବ୍ୟବସ୍ଥାରେ ସହଯୋଗ କରିଥିଲେ।

# ଦୋକାନଗୃହ କରି ନୟନଯୋରୀ ଅବରୋଧ: ବର୍ଷାପାଣି ନିଷ୍କାସନ ହୋଇ ନପାରି ଚାଷୀ କ୍ଷତିଗ୍ରସ୍ତ

ନୀଳଗିରି , ୦୬/୮ (ନି.ପ୍ର): ସରକାରୀ ପାଣିନାଳ (ନୟନଯୋରି)କୁ ଅବରୋଧକରି ଅବୈଧ ଦୋକାନଗୃହ ନିର୍ମାଣ କରିବାରୁ ପାହାଡ଼ପାଣି ଏବଂ ବର୍ଷାଜଳ ନିଷ୍କାସିତ ନହୋଇପରିବା ଫଳରେ ଜଣେ ଚାଷୀଙ୍କର ବ୍ୟାପକ ଫସଲ ନଷ୍ଟ ହେଉଛି। ଏନେଇ ଗତ ୨୦୨୧ମସିହା ଜାନୁଆରୀ ୧୫ତାରିଖରେ ତତ୍କାଳୀନ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ଚାଷୀ ଜଣକ ଗୁହାରି କରିଥିଲେ। ମାତ୍ର ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇପାରିନାହିଁ। ସୂଚନା ମୁତାବକ ଔପଦା ବ୍ଲକ ନୀଳଗିରି ଥାନା କାଣ୍ଡଗରଡି ଗ୍ରାମର ସ୍ୱର୍ଗତ ଗଙ୍ଗାଧର ନାୟକଙ୍କ ଦୁଇପୁଅଙ୍କ ମଧ୍ୟରୁ ବଂଶୀଧର ନାୟକଙ୍କ ଭାଗରେ ବାରାକୋଇଲି ଛକ ନିକଟ କାଣ୍ଡଗରଡି ମୌଜା ୧୦୩ଖାତାରେ ଜମି ଅଛି। ଜମିକୁ ଲାଗି ୭୩୩ ଖାତା ୧୧୧୭ପ୍ଲଟଟି ନୟନଯୋରୀ ଅଟେ। ଏହା ଉପରେ ପାଣିନାଳ



ହୋଇ ବର୍ଷାପାଣି ନିଷ୍କାସିତ ହୋଇଥାଏ। ମାତ୍ର ଉକ୍ତ ନାଳକୁ ଅବରୋଧ କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଦୋକାନଗୃହ ନିର୍ମାଣ କରିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ବଂଶୀଧରଙ୍କ ଚାଷଜମିରେ ମାଡିଯିବା କାରଣରୁ ଚାଷକ୍ଷତି ହେଲା। ଏନେଇ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପରେ ତହସିଲଦାରଙ୍କୁ ତଦନ୍ତକରି ଦୋକାନଗୃହ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ସିକିଡ଼ିଆ ଗ୍ରାମର ଗଜେନ୍ଦ୍ର ସେଠି ନାମକ ବ୍ୟକ୍ତି ପାଣିନାଳକୁ ଅବରୋଧକରି ପୁନର୍ବାର ରାତିଅଧିଆ ସ୍ଥାୟୀ ଦୋକାନଗୃହ ନିର୍ମାଣ ଆରମ୍ଭ କରିଥିବା ବେଳେ ଉକ୍ତ ନାଳଦେଇ ବର୍ଷାପାଣି ନିଷ୍କାସିତ ହୋଇନପାରି ବଂଶୀଧରଙ୍କ ଚାଷଜମିରେ ଜମିରହୁଛି। ଏନେଇ ଏବର ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଭେଟି ଦୁଃଖ ଜଣାଇବା ସହିତ ଦୋକାନଗୃହ ଉଚ୍ଛେଦକରି ଚାଷଜମିକୁ ସୁରକ୍ଷାଦେବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ପରିବାର ପକ୍ଷରୁ ଦାବୀ ହୋଇଛି।

# ବିଦ୍ୟୁତ ତାର ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି

ବେତନଟୀ, ୦୬/୮ (ନି.ପ୍ର): ବେତନଟୀ ଉପକଣ୍ଠ ଗରୁଡବସାସ୍ଥିତ ଓଡିଶା ବିଦ୍ୟୁତଶକ୍ତି ସଂଚାରଣ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ୧୩୨/୩୩କେଭି ଗ୍ରୀଡ ସବ-ଷ୍ଟେସନରୁ ମୋରଡା ବ୍ଲକ ବରକନ୍ଦ ସେକ୍ସନକୁ ସଂଯୋଗ କରୁଥିବା ନିର୍ମାଣାଧୀନ ୨୦ଲକ୍ଷ ଟଙ୍କାର ପ୍ରକଳ୍ପରୁ ୧୪ଲକ୍ଷ ଟଙ୍କାର ବିଦ୍ୟୁତତାର ଏବଂ ଅନ୍ୟାନ୍ୟ ବହୁମୂଲ୍ୟ ଯନ୍ତ୍ରାଂଶ ଚୋରି ଘଟଣାରେ ବୁଧବାର ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ଏତଲାକାରୀ ବେତନଟୀ ଟାଟାପାୱାର ଉପଖଣ୍ଡ କାର୍ଯ୍ୟାଳୟର ଅଧିକାରୀ ଇଂ. ଶୁଭଦୀପ୍ତ ମିଶ୍ରଙ୍କ ଅଭିଯୋଗ ମୁତାବକ ଗରୁଡବସାସ୍ଥିତ ଓଡିଶା ବିଦ୍ୟୁତଶକ୍ତି ସଂଚାରଣ ନିଗମ ଲିମିଟେଡ ଅଧୀନସ୍ଥ ୧୩୨ ୩୩କେଭି ଗ୍ରୀଡ ସବଷ୍ଟେସନରୁ ମୋରଡାବ୍ଲକ ଅଧୀନ ବରକନ୍ଦ ଫିଡରକୁ ଏକ ନୂତନ ସଂଯୋଗ ପାଇଁ ୨୦ଲକ୍ଷ ଟଙ୍କାର ପ୍ରକଳ୍ପକାର୍ଯ୍ୟ ନିର୍ମାଣାଧୀନ ଥିଲା । ତେବେ ବରକନ୍ଦ ଫିଡର ପାଇଁ ଚାଲିଥିବା କାମ ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥ ?ିବା ବେଳେ ଦୁର୍ବୃତ୍ତମାନେ ଦୁଇଗୋଟି ସ୍ଥାନର ୮୦ମିଟର ଆଲୁମିନିୟମତାର ସର୍ବମୋଟ ୫ହଜାର ୨ଶହ ୮୦ମିଟର ବିଦ୍ୟୁତତାର ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରିକରି ନେଇଥିବା ବେଳେ ଇନସୁଲେଟର ସମେତ କ୍ରସଆର୍ମ ଗୁଡିକୁ ନଷ୍ଟ କରିଦେଇଛନ୍ତି ଚୋରି ଏବଂ କ୍ଷୟକ୍ଷତିର ପରିମାଣ ୧୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଇଛି । ଏନେଇ ବେତନଟୀ ବିଦ୍ୟୁତ ଉପଖଣ୍ଡର ଗଗପାୱାର ଅଧିକାରୀ ଇଂ ଶୁଭଦୀପ୍ତ ମିଶ୍ରଙ୍କ ଏତଲାମୂଳେ ବୁଧବାର ୨୫୭ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ସମ୍ପର୍କିତ କାର୍ଯ୍ୟାଳୟ ଶିବିର ବାଲେଶ୍ୱରରେ ଆୟୋଜିତ

ବାଲେଶ୍ୱର, ୦୬/୮ (ନି.ପ୍ର): କାର୍ଯ୍ୟସ୍ଥଳରେ ମହିଳାଙ୍କ ଉପରେ କାର୍ଯ୍ୟାଳୟ ରେ ଯୌନ ନିର୍ଯାତନା ଓ ତାର ପ୍ରତିବନ୍ଧ ଓ ପ୍ରତିକାର ସମ୍ବନ୍ଧୀୟ ଆଇନ ଅନୁଯାୟୀ ଜନଚେତନା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଶିବିର ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟ ଅଡିଟୋରିଅମରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଅଧକ୍ଷତା ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାସ, ଭା.ପ୍ର ସେ. କରିଥିଲେ। ଏଥିରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ,ବାଲେଶ୍ୱର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ,ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଓ ସମସ୍ତ ବିଡିଓ ଓ ଇଣ୍ଟରନାଲ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।




ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା – କାର୍ଯ୍ୟାଳୟରେ ଯୌନ ଶୋଷଣ ର ପ୍ରତିରୋଧ, ପ୍ରତିବନ୍ଧକ ଓ ପ୍ରତିକାର — ଏହି ତିନି ମୂଳ ମନ୍ତ୍ରକୁ ଆଧାର କରି, କାର୍ଯ୍ୟସ୍ଥଳକୁ ସୁରକ୍ଷିତ ଓ ସମ୍ମାନଜନକ ଅନୁଭବ କରାଯିବା। ଅତିରିକ୍ତ କାର୍ଯ୍ୟପାଳକ ଅଧିକାରୀ ଓ ଉପଜିଲ୍ଲାପାଳ (ନିଳଗିରି) ମାଷ୍ଟର ଟ୍ରେନର ଭାବେ ଏହି ଶିବିରରେ ସ୍ୱଷ୍ଟ ଓ ସୂଚନାମୂଳକ ପ୍ରସ୍ତୁତି ଦେଇଥିଲେ, ଯାହା ମାଧ୍ୟମରେ ଅଂଶଗ୍ରାହୀମାନେ ନିଜର କାର୍ଯ୍ୟଦାୟିତ୍ୱ ଓ ଆଇନ ପ୍ରବନ୍ଧନ ବିଷୟରେ ଜ୍ଞାନ ଓ ପ୍ରଶିକ୍ଷଣ ଲାଭ କରିଥିଲେ। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ଏହି ଅବସରରେ ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତା ପ୍ରକାଶ କରି ମହିଳାଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ନିର୍ମାଣରେ ଶକ୍ତ ଭୂମିକା ନିବାହ କରିବା ଆବଶ୍ୟକତା ଉପରେ ଜୋର ଦେଲେ। ଏହି ଶିବିର ବାଲେଶ୍ୱର ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥା ଗୁଡିକରେ। ଏକ ସୁରକ୍ଷିତ ଓ ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟସ୍ଥଳ ଭାବରେ ବିକଶିତ କରିବା ଦିଗରେ ବିବିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଲେ।

# ଶୁଖିଲା ଗଛ କାଟିବା ପାଇଁ ଜନଜାଗୃତି ମଂଚର ଦାବି

ଉଦଳା , ୦୬/୮ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ନହରପଦା ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ିକେନ୍ଦ୍ର ନିକଟକୁ ଲାଗିକରି ରହିଛି ଏକ ଶୁଖିଲା ବିଶାଳ ଅଶ୍ୱସ୍ଥ ଗଛ । ଏହା କେଉଁ ମୁହୂର୍ତ୍ତରେ ଗଡ଼ିପଡ଼ିବାର ସମ୍ଭାବନା ରହିଛି । ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ପିଲାମାନେ ପ୍ରତିଦିନ ଏଠାରେ ଖେଳାବୁଲା କରୁଥିବାରୁ ଆଗକୁ କିଛିବି ଅଘଟଣ ଘଟିବାର ସମ୍ଭାବନା ରହିଥିବାର ଜଣାଯାଇଛି । ପ୍ରକାଶ ଥାଉକି ଏଠାରେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ିକୁ ମିଶାଇ ଶତାଧିକ ପିଲା ପଢୁଛନ୍ତି । ତେଣୁ ତୁରନ୍ତ ଉକ୍ତ ଶୁଖିଲା ଅଶ୍ୱସ୍ଥ ବୃକ୍ଷକୁ



କାଟିଦେବାକୁ ସ୍ଥାନୀୟ ବାସିନ୍ଦା, ଅବିଭାବକ ଓ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଦାବୀ ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନସାଧାରଣ ଅନୁରୋଧ ଜଣାଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ବାଲିଆପାଳ , ୦୬/୮ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା କ୍ଷୀରୋଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଚୌମୁଖ ରାମ ପ୍ରସାଦ ସରକାରୀ ହାଇ ସ୍କୁଲର ଆବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା, ଜାମଶୂଳୀ କଲେଜର ଗଣିତ ବିଭାଗ ମୁଖ୍ୟ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ପ୍ରମୁଖ ଅତିଥି ଆର ପି ଭାବରେ ଯୋଗ ଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକର ଗୁଣବତ୍ତା ସମ୍ପର୍କରେ କହିଥିଲେ। ମେଳାରେ କୋଡିଏରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇ ଥିଲା। ଗୁରୁମା କୃଷ୍ଣା ସୁର, ଝୁନା ରାଣୀ ଦାସ, ବିଦ୍ୟୁତ ପ୍ରଭା ଦେ, ଚିନ୍ମୟୀ ଦେ, ବିଷ୍ଣୁ ପ୍ରିୟା କୁହ୍ଲାରୀ, ସୁସ୍ମିତା ପ୍ରଧାନ, ଲତିକା ସାହୁ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଗୁରୁଜୀ ଜଳଧର ଦେ,ରାଜେଶ କୁମାର ଦେ, ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ କରାଯାଇ ଥିଲା।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୬/୮ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବନ୍ଧଗାଁ ଗ୍ରାମପଞ୍ଚାୟତରେ କେନ୍ଦ୍ର ସରକାର ଏବଂ ରାଜ୍ୟସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ପରିଚ୍ଛଳନା କରିଥିଲେ। ଏହି




କାର୍ଯ୍ୟକ୍ରମ ମାଧମରେ ଶ୍ରମ ବିଭାଗ କାର୍ଯ୍ୟାଳୟ ଦ୍ୱାରା ମୃତ୍ୟୁକାଳୀନ, ଶିକ୍ଷା, ବିବାହ ପାଇଁ ୭ଜଣ ହିତାଧିକାରୀ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଦ୍ୱାରା ୩ଜଣ ହିତାଧିକାରୀଙ୍କୁ ବିଧବା ଭତ୍ତା ଏବଂ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଆଯାଇଥିଲା। ଅତିଥି ଭାବରେ ସୁବାଷ ଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ସହାୟକ ଅଧିକାରୀ, ଭଦ୍ରକ, ସୌମ୍ୟଜିତ୍ ବେହେରା, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ସଞ୍ଜିତ୍ ଦେଓ, ସହାୟକ ଶ୍ରମ ଅଧିକାରୀ, ଭଦ୍ରକ, ତାପସ କୁମାର ମହାନ୍ତି, ସହାୟକ ଏଲ୍.ଏ.ଡିସ୍.ଏସ୍, ଭଦ୍ରକ, ସମସ୍ତି ମହାନ୍ତି, ଜିପିଡ଼ିଓ, ଭଦ୍ରକ, ନିରୋଦ ରାଉତ, ବନ୍ଧଗାଁ ପଞ୍ଚାୟତ ଅଫିସ, ଭଦ୍ରକ ତଥା ୧୦୦ ରୁ ଉର୍ଦ୍ଧ୍ୱ ଲୋକ ଏହି ସଚେତନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ମଧ ସଂପୂର୍ଣ୍ଣ ସହଯୋଗ କରିଥିଲେ।

# ଗହମ ଯୋଗାଣରେ ଅନିୟମିତତା: ଆନ୍ଦୋଳନକୁ ଓହ୍ଲାଇବେ ହିତାଧିକାରୀ

ଖଇରା, ୦୬/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ସେପ୍ଟେମ୍ବର ମାସ ପାଇଁ ଯୋଗାଣ ବିଭାଗ ତରଫରୁ ମିଳିଥିବା ଗହମ ବଣ୍ଟନରେ ଅନିୟମିତତା କୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଯଦି ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ନକରନ୍ତି ମୁଳ ଆବେଦନ ମୁତାବକ ଗହମ ନଦିଅନ୍ତି ତେବେ ଖୁବଶିଘ୍ର ହିତାଧିକାରୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବ୍ୟକ୍ତି ସର୍ବାଧିକ ୫କିଲୋ ଚାଉଳ କିମ୍ବା ଗହମ ପାଇଁ ଆବେଦନ କରିଥାନ୍ତି । ଯିଏ ଯେଉଁ ପରିମାନର ଚାଉଳ ଓ ଗହମ ଆବେଦନ କରିଥାନ୍ତି ଯୋଗାଣ ବିଭାଗ ସେହି ଅନୁପାତରେ ରେସନ ଯୋଗାଇ ଦେଇଥାନ୍ତି । ୨ବର୍ଷ ଧରି ଗହମ ଯୋଗାଣ ବନ୍ଦ ରହିବା ପରେ ଏବେ ସେପ୍ଟେମ୍ବର ମାସଠାରୁ ଗହମ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଖଇରା ବ୍ଲକର ୭୫ ଡିଲର ପଏଣ୍ଟପାଇଁ ସେପ୍ଟେମ୍ବର ମାସରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ପିଏଚ୍ଏଚ୍)ରେ ୫ହଜାର ୭୯୮ କୁଇଣ୍ଟାଲ ଚାଉଳ ମିଳିଥିବା ବେଳେ ୪୫୪ କୁଇଣ୍ଟାଲ ଗହମ ମିଳିଛି । ହେଲେ ଯେଉଁ ମାନେ ୨କିଲୋ କିମ୍ବା ତାଠାରୁ କମ ଗହମ ଆବେଦନକାରୀଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି । ଅର୍ଥାତ ଖଇରା ଗହମ ଆବେଦନ କାରୀଙ୍କ ସଂଖ୍ୟା ହିସାବ କୁ ନେଲେ ଖଇରା ବ୍ଲକ ପାଇଁ ପାଖାପାଖି ୧ହଜାର ୮ଶହ କୁଇଣ୍ଟାଲ ଗହମ ଆବଶ୍ୟକ ଥିବା ବେଳେ ଯଥେଷ୍ଟ କମ ଗହମ ଯୋଗାଣ କୁ ନେଇ ହିତାଧିକାରିଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ସେପଟେ ଚାଉଳ ସେପ୍ଟେମ୍ବର ଏବଂ ଅକ୍ଟୋବର ପାଇ ପ୍ରଦାନ କରାଯାଇଥିବା ବେଳେ ଗହମ କେବଳ ସେପ୍ଟେମ୍ବର ପାଇଁ ପ୍ରଦାନ କରାଯାଇଛି । ଏପଟେ ଧାନ ବିକ୍ରି ପାଇଁ ଅନଲାଇନରେ କଟକଣାକୁ ନେଇ ଚାଷୀଙ୍କ କ୍ରୋଧ ପଞ୍ଚମରେ ପହଞ୍ଚିଥିବା ବେଳେ ପୁଣି ଯୋଗାଣ ବିଭାଗରେ ଗହମ ଯୋଗାଣରେ ଏଭଳି ଚରମ ଅବହେଳା ଯୋଗୁଁ ଏହି ବିଭାଗ ଲୋକଙ୍କ ବିସଶ୍ୱନିୟତା ହରାଇଛି ବୋଲି ଗହମ ଯୋଗାଣରୁ ବଞ୍ଚି ଅଲିପୁର ଗ୍ରାମର ଭରତ କଟୁଆଳ କହିଛନ୍ତି । ସେହିଭଳି ଗହମକୁ ଚାତକ ଭଳି ଚାହିଁ ବସିଥିବା ସୁଣ୍ଡିରା ଗ୍ରାମର କ୍ଷେତ୍ରମଣି ନାୟକ ଓ ପଦ୍ମାବତୀ ଖଟୁଆ,ପୁର୍ବପଡା ଗ୍ରାମର ସ୍ନେହଲତା ଖଟୁଆ,ତ୍ରିଲୋଚନପୁର ଗ୍ରାମର ଛବିରାଣୀ ବାରିକ ଏଭଳି ଅନିୟମିତତା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ଉପରୁ ଯେମିତି ଲିଷ୍ଟ ଆସିଛି ଡିଲର ମାନେ ସେହିଭଳି ଭାବେ ଗହମ ଓ ଚାଉଳ ହିତାଧିକାରୀଙ୍କୁ ବାଣ୍ଟୁଥିବା କହିଛନ୍ତି ।

# କସିପଦା ଗ୍ରାମ ପଂଚାୟତରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୦୬/୮ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କସିପଦା ପଂଚାୟତରେ ଏକାଧିକ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ ମାଧମରେ ଜନସାଧାରଣଙ୍କ ପାଇଁ ବିକାଶର ନୂତନ ପଥ ପ୍ରଦର୍ଶନ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ପଂଚାୟତ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ୪ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ସଦର ପଂଚାୟତ ସମିତି ମାଧମରେ କସିପଦା ପଂଚାୟତର ଆଗରଗୋହିରା ଠାରେ ଶ୍ମସାନ ଗୃହ ନିର୍ମାଣ, ତାହାରପୁର ଗ୍ରାମର ୨ନଂ ୱାର୍ଡରେ ୩ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଶ୍ମସାନ ଗୃହ ନିର୍ମାଣ, ବରହମପୁର ଗ୍ରାମରେ ୩ଲକ୍ଷ ୧୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ପରିଡା ସାହି ଛକ ଠାରୁ ବାସୁଳୀ ଜେନାଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା



ନିର୍ମାଣ ଓ ସେହି ଗ୍ରାମରେ ୩ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଆଦିକନ୍ଦ ବେଜଙ୍କ ଘର ଠାରୁ ପ୍ରତାପ ଦଳାଇଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପ୍ରଭୃତି ପ୍ରକଳ୍ପ ପାଇଁ ବିଧାୟକ ଶ୍ରୀ ଦତ୍ତ ଶିଳାନ୍ୟାସ କରିଛନ୍ତି । ରାଜ୍ୟର ଲୋକପ୍ରିୟ ତଥା ଲୋକଙ୍କ ସରକାର ଲୋକଙ୍କ ହିତ ପାଇଁ ସର୍ବଦା ପ୍ରୟାସରତ ଅଛନ୍ତି ବୋଲି ସେ ଏହି ଅବସରରେ ମତ ଦେଇଛନ୍ତି । ଉତ୍ତମ ଗୁଣବତ୍ତା ଓ ସଠିକ୍ ମାନଦଣ୍ଡରେ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧରେ ସାରିବାକୁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟମାନଙ୍କ ମଧରେ ଗଙ୍ଗାଧର ରାଉତ, ହରେନ୍ଦ୍ର ପ୍ରଧାନ, ମଣ୍ଡଳ ସଭାପତି ଶଶିକାନ୍ତ ମିଶ୍ର, ଚତୃଭୁଜ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ସୃଷ୍ଟିଧର ସେନାପତି, ହାଉସି ଦଳାଇ, ଭବେଶ ନାୟକ, କାଳିଚରଣ ବେହେରା, ରାଜେନ୍ଦ୍ର ବାରିକ, ପୂର୍ଣଚନ୍ଦ୍ର ପ୍ରଧାନ, ଗୌତମ ବେହେରା, ବଂଶୀଧର ଗିରି, ଗୌରାଙ୍ଗ ପରିଡା, ବିଜି ବାରିକ, ରବିନ୍ଦ୍ର ବେହେରା, ତପନ ଗିରି, ତପ ବାରିକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କସିପଦା ପଂଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଂଚଳବାସୀ ବେଶ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନଙ୍କ ଦୀର୍ଘ ଦିନର ଆଶା ପୂରଣ ହେବ ବୋଲି ଲୋକେ ଆଶା ପ୍ରକାଶ କରିଛନ୍ତି । ନିର୍ବାଚନ ସମୟର ପ୍ରତିଶୃତି ରକ୍ଷା କରିବାକୁ ବିଧାୟକ ମାନସ ଦତ୍ତଙ୍କ ପଦକ୍ଷେପକୁ ଲୋକେ ଭୂୟସୀ ପ୍ରଶଂସା କରିଛନ୍ତି ।

# ବୁକ ସରକୁଲାର ୪୭ର କାର୍ଯ୍ୟାନ୍ୱୟନ ପାଇଁ ସବୁ ବିଭାଗକୁ ଚିଠି

ଭୁବନେଶ୍ୱର, ୦୬/୮ (ନି.ପ୍ର): ବୁକ ସରକୁଲାର ୪୭ର କାର୍ଯ୍ୟାନ୍ୱୟନ ଏବଂ ମାସିକ ରିପୋର୍ଟ ଦାଖଲ ପାଇଁ ସବୁ ବିଭାଗକୁ ସଂସଦୀୟ ବିଭାଗ ଚିଠି ଲେଖିଛି।ସାଂସଦ ଓ ବିଧାୟକଙ୍କ ଠାରୁ କାର୍ଯ୍ୟାଳୟକୁ ଆସିଥିବା ଚିଠି ସମ୍ପର୍କିତ ସୂଚନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ମେ ମାସର ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।ପ୍ରତ୍ୟେକ ମାସର ୧୫ ତାରିଖ ସୁଦ୍ଧା ବୁକ ସରକୁଲାର ୪୭ ଅଧୀନରେ ଆସିଥିବା ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ସହ ମେ ମାସ ୨୦ ତାରିଖ ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କ ନିକଟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଥିଲା।

# ପାଣିରେ ପଡି ଯୁବକର ମୃତ

ବସ୍ତା, ୦୬/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗାନ୍ଧିଛକରୁ ଦରଡ଼ା ରାସ୍ତାର ମାଛିଆ ଗ୍ରାମ ନିକଟରେ ପାଣିରେ ବୁଡି ଯୁବକର ମୃତ ହୋଇଛି। ସୂଚନା ଅନୁସାରେ ବସ୍ତା ବ୍ଲକ କୁଡ଼ିଆ ପଞ୍ଚାୟତ କୁଡ଼ିଆ ଗ୍ରାମର ପରମାନନ୍ଦ ଜେନାଙ୍କ ପୁତ୍ର ଅନନ୍ତ କୁମାର ଜେନା (୪୭)। ଗତ କାଲି ସନ୍ଧ୍ୟା ସମୟରୁ ସ୍ଥାନୀୟ ଜଳକା ନଦୀ ରେ ବନ୍ୟା ପାଣି ବଢୁଥିବା ଖବର ଶୁଣି ରାତି ପାଖା ପାଖି ନଅ ଟା ସମୟରେ ନିଜର ବିଲ ନିକଟକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ରାତିରେ ଖୋଜା ଖୋଜି କରି କୌଣସି ସନ୍ଧାନ ମିଳିନଥିବା ବେଳେ



ଆଜି ସକାଳ ସମୟରେ ନୟନଯୋଡିରେ ଭାସୁଥିବା ଖବର ପାଇ, ପରିବାର ଲୋକେ ଶବକୁ ଚିହ୍ନଟ କରିବା ସହିତ ବସ୍ତା ଦମକଳ ବାହିନୀ ଓ ଥାନାକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଓ ବସ୍ତା ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଶବକୁ ଜବତ କରି ପୋଷ୍ଟ ମର୍ଟମ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।

# ଉତ୍ତରାଖଣ୍ଡ ଭଳି ପରିସ୍ଥିତି ଓଡ଼ିଶାରେ ନାହିଁ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୬/୮ (ନି.ପ୍ର): ଉତରାଖଣ୍ଡରେ ହୋଇଥିବା ଭୂସ୍ଖଳନ ଉପରେ ଓଡ଼ିଶାର ପ୍ରସ୍ତୁତି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଉତରାଖଣ୍ଡ ଅଂଚଳରେ ଭୂସ୍ଖଳନ ବାରମ୍ବାର ହେଉଛି । କିନ୍ତୁ ଉତରାଖଣ୍ଡ ଭଳି ପରିସ୍ଥିତି ଓଡ଼ିଶାରେ ନାହିଁ। ତଥାପି ଓଡ଼ିଶାରେ ଥିବା ପାର୍ବତ୍ୟ ଅଂଚଳରେ କେମିତି ଭୂସ୍ଖଳନ ହେବ ନାହିଁ, ଲୋକ ପ୍ରଭାବିତ ହେବେ ନାହିଁ ସେଥିପାଇଁ ସରକାର ସତର୍କ ଅଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida